


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୦୧ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 01 JULY 2022
Vol.No. 35 ■ No. 170 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧
ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର
ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ମହାରାଷ୍ଟ୍ରରେ ଆରମ୍ଭ ହେଲା ସିନ୍ଦେ ସରକାର



ନୂଆଦିଲ୍ଲୀ, ୩୦/୦୬ : ଏକନାଥ ସିନ୍ଦେ ମୁଖ୍ୟମନ୍ତ୍ରୀ, ଦେବେନ୍ଦ୍ର ଫଡନାଭିସ୍ ଉପ-ମୁଖ୍ୟମନ୍ତ୍ରୀ । ଆଜି ଏହି ଦୁଇ ନେତା ମହାରାଷ୍ଟ୍ର ସରକାରର ନୂଆ ମୁଖ୍ୟମନ୍ତ୍ରୀ ଓ ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ରାଜ୍ୟପାଳ ଭଗତ ସିଂ କୋଶ୍ୟାରୀ ଦୁଇ ନେତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଉଦ୍ଧବ ଠାକରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଦେବେନ୍ଦ୍ର ଫଡନଭିସ ହିଁ ମୁଖ୍ୟମନ୍ତ୍ରୀ ହେବେ କୁହାଯାଉଥିଲା । କିନ୍ତୁ ଏକନାଥ ସିନ୍ଦେ ମୁଖ୍ୟମନ୍ତ୍ରୀ ହେବେ ବୋଲି ଦେବେନ୍ଦ୍ର ଫଡନଭିସ ଘୋଷଣା କରିଥିଲେ । ଯାହା ସମସ୍ତଙ୍କୁ ଚମକାଇ ଦେଇଥିଲା । ଏପରି କରି ବିଜେପି କ୍ଷମତାଲୋଭୀ ନୁହେଁ ବୋଲି ବାର୍ତ୍ତା ଦେଇ ନିଜର ଭାବମୂର୍ତ୍ତି ବଢ଼ାଇବାକୁ ପ୍ରୟାସ କରିଛି । ତା ସହିତ ବିଜେପିର ବଡ ନେତାଙ୍କ ଅନୁରୋଧ ପରେ ନିଜେ ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ଦେବେନ୍ଦ୍ର ଫଡନାଭିସ୍ । ତେବେ ୨୮୮ ବିଧାନସଭା ଆସନରୁ ଏକନାଥଙ୍କ ପାଖରେ ୪୦ ଶିବସେନା ବିଧାୟକଙ୍କ ସହ ୧୦ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ଥିବା ଦାବି କରିଛନ୍ତି । ସେହିପରି ବିଜେପି ପାଖରେ ୧୦୬ ବିଧାୟକଙ୍କ ସମର୍ଥନ ରହିଛି । ସରକାର ଗଢିବାକୁ ୧୪୪ ବିଧାୟକଙ୍କ ସମର୍ଥନ ଆବଶ୍ୟକ ରହିଥିବା ବେଳେ ଏବେ ଏକନାଥ ଗୋଷ୍ଠୀ ଏବଂ ବିଜେପି ପାଖରେ ୧୫୬ ବିଧାୟକଙ୍କ ସହିତ ଅନ୍ୟାନ୍ୟ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ଥିବା ସୂଚନା ରହିଛି ।

# ଦୁର୍ଘଟଣା ନେଲା ରାଇରଙ୍ଗପୁର ଏସଡିଜେଏମ୍ ସ୍ମରଣିକା ପ୍ରଧାନଙ୍କ ଜୀବନ

ଭୁବନେଶ୍ୱର,୩୦/୦୬ (ନି.ପ୍ର): ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ରାଇରଙ୍ଗପୁରର ଏସଡିଜେଏମ୍ ସ୍ମରଣିକା ପ୍ରଧାନଙ୍କ ମୃତ୍ୟୁ । ଯଶୀପୁର ଥାନା ଅନ୍ତର୍ଗତ ଚାଇନେବଦା ନିକଟରେ ଏହି ଦୁର୍ଘଟଣା ଘଟିଛି । ଆଜି ଅପରାହ୍ନରେ ଏସଡିଜେମେ ସ୍ମରଣିକା ତାଙ୍କ ସ୍ୱାମୀଙ୍କ ସହ ରାଇରଙ୍ଗପୁରରୁ ନିଜ ଘରକୁ ଯାଉଥିଲେ । ଏହି ସମୟରେ ଚାଇନେବଦା ନିକଟରେ ତାଙ୍କ କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଡ୍ରାଇଭର ଗାଡି ଚଳାଉଥିଲେ । ଦୁର୍ଘଟଣା ପରେ ଉଭୟେ ଗାଡି ଭିତରେ ଚାପି ହୋଇଯାଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଯଶୀପୁର ମେଡିକାଲରେ ଭର୍ତ୍ତି କରିଥିଲେ । ମେଡିକାଲରେ ସ୍ମରଣିକା ପ୍ରଧାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏହି ଘଟଣାରେ ଏସଡିଏଜେଏମଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି । ଏସଡିଜେଏମ୍‌ଙ୍କ ଘର ଚିଲିକା ବୋଲି ଜଣାଯାଇଛି । କାଲି ସେ ପୁରୀ ଆସିବାର କାର୍ଯ୍ୟକ୍ରମ ଥିଲା । ସ୍ମରଣିକା ପ୍ରଧାନଙ୍କ ଦେଢବର୍ଷ ହେଲା ରାଇରଙ୍ଗପୁରକୁ ପୋଷ୍ଟିଂ ହୋଇଥିଲା ।


DADLS-24




ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା-୨୦୨୨ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବଜାତିର ଉତ୍ତରଣ ଓ ଆଧ୍ୟାତ୍ମ ଅନ୍ୱେଷଣର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବର ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR : 15001/13/0074/2223



DADLS-24




ପବିତ୍ର ରଥଯାତ୍ରା ଶ୍ରୀଗୁଣ୍ଡିଚା ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଶ୍ରୀଗୁଣ୍ଡିଚା ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ଓଡ଼ିଶା ତଥା ସାରା ବିଶ୍ୱର ବିଭିନ୍ନ ଦେଶରେ ରହୁଥିବା ଓଡ଼ିଶାବାସୀଙ୍କ ସୁଖ ଓ ସମୃଦ୍ଧି ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରୁଛି ।

ଦୀର୍ଘ ଦୁଇ ବର୍ଷ ପରେ ମହାପ୍ରଭୁ ଆଜି ଭକ୍ତମାନଙ୍କ ଗହଣରେ ଗୁଣ୍ଡିଚା ଯାତ୍ରା ଆରମ୍ଭ କରିଛନ୍ତି ।

ମୋର ଅନୁରୋଧ ଆପଣମାନେ ମାସ୍କ ପରିଧାନ କରି ଶାନ୍ତି ଶୃଙ୍ଖଳାର ସହ ରଥଯାତ୍ରାରେ ଭାଗ ନିଅନ୍ତୁ ଓ ମହାପ୍ରଭୁଙ୍କ ଆଶୀର୍ବାଦ ଲାଭ କରନ୍ତୁ ।

— ଜୟ ଜଗନ୍ନାଥ । —

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0074/2223







## ରାମ ଗୋପାଳ ବର୍ମାଙ୍କ ବିରୋଧରେ ଏତଲା ଦେଲା କିନ୍ନର ସଂଘ

ଭୁବନେଶ୍ୱର,୩୦/୦୬ (ନି.ପ୍ର): ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ ଙ୍କ ପ୍ରତି ଆପତିଜନକ ମନ୍ତବ୍ୟ ଦେଇଥିବା ମାମଲାରେ ହିନ୍ଦୀ ସିନେମା ନିର୍ଦ୍ଦେଶକ ରାମ ଗୋପାଳ ବର୍ମାଙ୍କ ବିରୋଧରେ ଏତଲା ଦେଇଛି କିନ୍ନର ସଂଘ । ଦ୍ରୌପଦୀ ମୁର୍ମୁଙ୍କୁ ଆକ୍ଷେପ କରି ଜାତି ଭିତିକ ପରିହାସ ପୂର୍ଣ୍ଣ ଏକ ଟୁଇଟ କରି ରାମଗୋପାଳ ତାଙ୍କୁ ଅପମାନିତ କରିଛନ୍ତି । ଏହା ବିରୁଦ୍ଧରେ କିନ୍ନର ସଂଘ ପକ୍ଷରୁ ଭୁବନେଶ୍ୱର କ୍ୟାପିଟାଲ ଥାନାରେ ତାଙ୍କ ବିରୁଦ୍ଧରେ ଏତଲା ଦିଆଯାଇଛି ।


DADLS-24



ରଥଯାତ୍ରା ଉପଲକ୍ଷେ ବାର୍ତ୍ତା

ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ପରିଚୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟବାସୀ ତଥା ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ବିଶ୍ୱବାସୀଙ୍କ ମଙ୍ଗଳ ହେଉ, ବିଶ୍ୱନିୟନ୍ତାଙ୍କ ପାଖରେ ଏହାହିଁ ମୋର ପ୍ରାର୍ଥନା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR : 15001/13/0074/2223

# ସୁବର୍ଣ୍ଣପୁର ପ୍ରିଂଟ ମିଡିଆ ପକ୍ଷରୁ ସୂଚନା ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀଙ୍କ ସହ ସାକ୍ଷାତ ଓ ଆଲୋଚନା

ବଲାଙ୍ଗିର,୩୦/୦୬ (ନି.ପ୍ର): ଗତକାଲି ମନ୍ତ୍ରୀ ଜଙ୍ଗଲ ଓ ପରିବେଶ, ପଚାଂୟତରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରଦୀପ କୁମାର ଅମାତଙ୍କ ସୁବର୍ଣ୍ଣପୁର ଜ଼ିଲ୍ଲା ଗସ୍ତର ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଓ ସମୀକ୍ଷା ପରେ ମନ୍ତ୍ରୀ ଶ୍ରୀ ଅମାତଙ୍କୁ ସୁବର୍ଣ୍ଣପୁର ଓ ବୌଦ୍ଧ ଅଂଚଳର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ସାକ୍ଷାତ କରିଥିଲେ। ମନ୍ତ୍ରୀଙ୍କୁ ପ୍ରଥମେ ସ୍ୱାଗତ କରି ସୁବର୍ଣ୍ଣପୁରର ସାମ୍ବାଦିକ ସ୍ୱର୍ଗୀୟ ଗୋବିନ୍ଦ ଠାକୁରଙ୍କ ପରିବାରକୁ ରାଜ୍ୟ ସରକାର ପକ୍ଷରୁ ଓ୍ୱେଲ ଫେୟାର ପାଣ୍ଠିରୁ ଯୋଗାଇ ଦେଇଥିବା ୪ ଲକ୍ଷ ଟଙ୍କା ସହାୟତା ରାଶି ପାଇଁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ। ପଡୋଶୀ ବୌଦ୍ଧ ଜ଼ିଲ୍ଲାର ଓଡିଶା ଭାସ୍କର ଜ଼ିଲ୍ଲା ପ୍ରତିନିଧି ସ୍ୱର୍ଗତ ଦୁର୍ବାକ୍ଷ ବସ୍ତିଆଙ୍କ ପରିବାରଙ୍କୁ ରାଜ୍ୟ ସରକାରଙ୍କ ଓ୍ୱର୍କିଙ୍ଗ ଜର୍ଣ୍ଣାଲିଷ୍ଟ ଓ୍ୱେଲ ଫେୟାର ଫଣ୍ଡ ରୁ ୪ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଆବେଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଅବଗତ କରାଇ ଶ୍ରୀ ବସ୍ତିଆଙ୍କ ଅନାଥ ପିଲାଛୁଆଙ୍କୁ ଶିକ୍ଷା କ୍ଷେତ୍ରରେ ମଧ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଏବଂ କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ଆଇନ, ପେନସନ, ଏକ୍ରିଡିଏସନ ନିୟମକୁ ପରିବର୍ତନ ସହ ସରଳିକରଣ ଓ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶିକୁ ୨ ଲକ୍ଷରୁ ୫ ଲକ୍ଷ ଟଙ୍କା ବୃଦ୍ଧି କରି ସାମ୍ବାଦିକଙ୍କ ସମ୍ମାନ ରକ୍ଷା କରିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମନ୍ତ୍ରୀ ଶ୍ରୀ ଅମାତ ମଧ ବୌଦ୍ଧ ଜ଼ିଲ୍ଲା ଶୁଣ୍ଢୀପଦାର ଗାଁର ସାମ୍ବାଦିକ ଶ୍ରୀ ବସ୍ତିଆଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହାୟତା ଯୋଗାଇବା ପାଇଁ ଗୁରୁତ୍ୱର ସହିତ ବହୁ ପୂର୍ବରୁ ଆଲୋଚନା କରିସାରିଛି ଓ ଏ ବିଷୟରେ ବୌଦ୍ଧ ଜ଼ିଲ୍ଲା ପ୍ରଶାସନ ଓ ସାମ୍ବାଦିକଙ୍କ ଠାରୁ ପୂର୍ବରୁ ଅବଗତ ଅଛି ବୋଲି ସାମ୍ବାଦିକଙ୍କୁ କହି ଏ ପ୍ରସ୍ତାବ ଓ ସାମ୍ବାଦିକଙ୍କ ଏକତାକୁ ପ୍ରଶଂସା କରିଥିଲେ। ଏବଂ ବାକି ସବୁ ଦାବୀକୁ ଇଏ ତ ରାଜ୍ୟ ସ୍ତରୀୟ ଇସ୍ୟୁ ଅଛି ଏବେ, ବର୍ତମାନ ଏହା ଉପରେ ସରକାରଙ୍କ ସହିତ ଓ ରାଜ୍ୟସ୍ତରୀୟ ବିଭିନ୍ନ ମିଡ଼ିଆ ସଂଗଠନ ସହିତ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି ବୋଲି କହିଥିଲେ।

ମନ୍ତ୍ରୀଙ୍କ ସହ ଏହି ସାକ୍ଷାତ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ପ୍ରିଂଟ ମିଡ଼ିଆ କୋଡିନେଟର ଦିଲ୍ଲୀପ ପାତ୍ର, ମନୋରଞ୍ଜନ ତ୍ରିପାଠୀ, ସନ୍ତୋଷ ମିଶ୍ର ଓ ସାମ୍ବାଦିକ ମହାଦେବ ମଲ୍ଲିକଙ୍କ ସମେତ ବୌଦ୍ଧ ଜ଼ିଲ୍ଲାର ଅବୁ ବକର ଖାଁ, କଣ୍ଧମାଳ ବ୍ଲକର ଉଗ୍ରେସନ କର୍ମୀ ଓ ତରଣୀ ମେହେର ଯୋଗ ଦେଇଥିଲେ।

# ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା : ଉଚ୍ଚସ୍ତରୀୟ ତଦନ୍ତ ଦାବି

ସାଲେପୁର,୩୦/୦୬ (ନି.ପ୍ର): ସରକାର ଜନସାଧାରଣଙ୍କ ନିକଟରେ ସୁବିଧା ଓ ସହଜରେ ପାନୀୟଜଳ ଯୋଗାଇ ଦେବା ପାଇଁ କୋଟି କୋଟି ଟଙ୍କା ବ୍ୟୟ ବରାଦ କରି ପ୍ରକଳ୍ପ ନିର୍ମାଣ କରାଯାଉଛି । କିନ୍ତୁ, ବିଭାଗୀୟ ଅଧିକାରୀ ଓ କାର୍ଯ୍ୟଭାର ନେଇଥିବା ଠିକାସଂସ୍ଥାଙ୍କ ମଧୁଚନ୍ଦ୍ରିକା ହେତୁ ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବାରୁ କାର୍ଯ୍ୟର ସ୍ଥାୟିତ୍ୱ ନେଇ ପଶ୍ନବାଚୀ ସୃଷ୍ଟି କରିଛି । ଏ ନେଇ ସାଧାରଣରେ ଏକ ଉଚ୍ଚସ୍ତରୀୟ ତଦନ୍ତ ଦାବୀ ହୋଇଛି। ପ୍ରକାଶ ଯେ, ମାହାଙ୍ଗା ବ୍ଲକର ୩୭ ଗୋଟି ପଂଚାୟତ ଓ ନିଶ୍ଚିନ୍ତକୋଇଲି ବ୍ଲକର ୭ଟି ପଂଚାୟତର ଜନସାଧାରଣଙ୍କୁ ଘରେ ଘରେ ବିଶୁଦ୍ଧ ପାଣି ଯୋଗାଇ ଦେବା ନିମନ୍ତେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଉଦ୍ୟମରେ ୨୧୮ କୋଟି ବ୍ୟୟରେ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ହେଲେ ଏହି ନିର୍ମାଣ କାର୍ଯ୍ୟ ପାଇଁ ଏକ ଠିକାସଂସ୍ଥା କାର୍ଯ୍ୟ କରୁଥିବାବେଳେ ସେହି ସଂସ୍ଥା ଠାରୁ କିଛି ଉପ ଠିକାଦାର କାର୍ଯ୍ୟ ଆଣି ବିଭନ୍ନ ପଂଚାୟତରେ କାର୍ଯ୍ୟ କରୁଛନ୍ତି । ଉଚ୍ଚ ପାଣି ଟାଙ୍କିଠାରୁ ଆରମ୍ଭ କରି ପାଇପ ଲାଇନ ପକାଇବା ଓ ଘରକୁ ଘର ପାଣି ପାଇପ ଯୋଗାଇ ଦେବା ଆଦି କାର୍ଯ୍ୟ କରୁଛନ୍ତି । କିନ୍ତୁ, ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ଦେଖାଦେଇଛି । ବିଶେଷ କରି ଯେଉଁଠାରେ ଉଚ୍ଚ ପାଣି ଟାଙ୍କି ନିର୍ମାଣ ହେଉଛି ସେ ସବୁ ସ୍ଥାନରେ କୌଣସି ସୂଚନା ଫଳକ ଲଗାଯାଉନାହିଁ । ଫଳରେ ଟାଙ୍କିରେ କି କି କାର୍ଯ୍ୟ ହେବା କଥା ଏବଂ କେଉଁ ସାମଗ୍ରୀ ବ୍ୟବହାର କରାଯାଉଛି ତାହା ସାଧାରଣରେ ପ୍ରକାଶ ପାଉନାହିଁ। ଯାହା ଫଳରେ ଏହାର ସୁଯୋଗ ନେଇ ସଂପୃକ୍ତ ଠିକାଦାରମାନେ ମନମୁଖି କାର୍ଯ୍ୟ କରାଉଛନ୍ତି । ଏପରିକି ନିମ୍ନମାନର ସାମଗ୍ରୀ ବ୍ୟବହାର କରି ଅନେକ ସାମଗ୍ରୀ ଚୋରାରେ ବିକ୍ରି କରାଯାଉଛି । ସେହିପରି ପାଇପ ଲାଇନ ୩ ଫୁଟ ଉର୍ଦ୍ଧ ଗଭିରରେ ପକାଯିବାର ବ୍ୟବସ୍ଥା ଥିବାବେଳେ ଅନେକ ସ୍ଥାନରେ ଦେଢ ଫୁଟରୁ ଦୁଇ ଫୁଟ ମଧ୍ୟରେ ପାଇପ ପକାଯାଉଛି । ବହୁ ସ୍ଥାନରେ ପ୍ରଧାନମନ୍ତ୍ରୀ ସଡକ ଓ ଗ୍ରାମ୍ୟ ଢଳେଇ ରାସ୍ତା ଭଙ୍ଗା ଯାଇ ପାଇପ ପକାଯାଉଛି । ଭଙ୍ଗା ଯାଉଥିବା ଢଳେଇ ରାସ୍ତାକୁ ପାଇପ ପକାଯିବା ପରେ ଭଲ ଭାବେ ଢଳେଇ କରାନଯାଇ ନାମକୁ ମାତ୍ର ଢଳେଇ କରାଯାଉଛି । ଯାହା ଫଳରେ ଢଳେଇ ପଡିବାର ଦିନ କେଇଟା ମଧ୍ୟରେ ତାହା ଭାଙ୍ଗିରୁଜି ଯାଉଛି । ଅନେକ ସ୍ଥାନରେ ଢଳେଇ ରାସ୍ତା ଭଙ୍ଗାଯାଇ ଅଧାପନ୍ତରିଆ ଭାବେ ପଡିଥିବାରୁ ଯାତାୟତରେ ଅସୁବିଧା ହେବା ସହ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି। ବହୁ ପଂଚାୟତରେ ପାଇପ ଲାଇନ ବିଛାରେ ବ୍ୟାପକ ଅନିୟମିତତା ହେବା ସହ ଦୀର୍ଘ ମାସ ହେବ ଅଧାପନ୍ତରିଆ ହୋଇ ପଡିରହିଛି। ଯାହାକି ୨୦୨୩ ମସିହା ସୁଦ୍ଧା ମାହାଙ୍ଗା ବ୍ଲକର ପ୍ରତ୍ୟେକ ଘରକୁ ପାଣି ଯୋଗାଇ ଦେବା ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯେଉଁଠାରେ ଉଚ୍ଚ ପାଣି ଟାଙ୍କି ନିର୍ମାଣ କରାଯାଉଛି ସେଠାରେ କଂକ୍ରିଟ ଓ ରଡ ବନ୍ଧା ସମୟରେ କୌଣସି ବିଭାଗୀୟ ଉଚ୍ଚ ଅଧିକାରୀ ରହୁନଥିବା ଦେଖିବାକୁ ମିଳିଛି। ଫଳରେ ଠିକାଦାରମାନେ ରଡ ବନ୍ଧା ଓ ଢଳେଇର ଫଟୋ ଉଠାଇ ଉଚ୍ଚ ଅଧିକାରୀଙ୍କୁ ପଠାଇ ମନମୁଖି ଓ ନିମ୍ନମାନର କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଏସଡିଓ ଜ୍ୟୋତିରଂଜନ ଦାସଙ୍କୁ ଯୋଗାଯୋଗ କରିବାରୁ ଆମେ କାର୍ଯ୍ୟସ୍ଥଳକୁ ଯାଇ ଦତାରଖ କରୁଥିବା କହିଥିଲେ । ଅପର ପକ୍ଷରେ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଇଛି ।

# ଖଇରପୁଟ ବ୍ଲକର ବିଭିନ୍ନ ଉନ୍ନୟନ କାମ ପାଇଁ ୨୯ ଲକ୍ଷ ଟଙ୍କା ପ୍ରଦାନ କଲେ ସାଂସଦ

ମାଲକାନଗିରି,୩୦/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝି ୨୯ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ଖଇରପୁଟ ବ୍ଲକର ଗୋବିନ୍ଦପାଲ୍ଲୀ ଦୁର୍ଗା ମନ୍ଦିର କମ୍ୟୁନିଟି ହଲ୍ ପାଇଁ ୩ ଲକ୍ଷ , କଦମଗୁଡ଼ା ପଚାଂୟତର ଆମଲିପୁଟ ଗ୍ରାମର ରାଧାକୃଷ୍ଣ ମନ୍ଦିର ପାଚେରୀ ପାଇଁ ୩ ଲକ୍ଷ , ଲାଚେର ଗ୍ରାମର ବଣ୍ଡା କମ୍ୟୁନିଟି ହଲ ପାଇଁ ୫ ଲକ୍ଷ , ଖଇରପୁଟ ଶିବ କମ୍ୟୁନିଟି ହଲ ପାଇଁ ୩ ଲକ୍ଷ ଓ ସାଇ କମ୍ୟୁନିଟି ହଲ ପାଇଁ ୨ ଲକ୍ଷ, କୁଡୁମୁଲୁଗୁମ୍ମା ନୋଡାଲ ହାଇସ୍କୁଲର ଅତିରିକ୍ତ ଶ୍ରେଣୀ ଗୃହ ପାଇଁ ୫ ଲକ୍ଷ, କୁଡୁମୁଲୁଗୁମ୍ମା ରାଜା ସାହି କମ୍ୟୁନିଟି ହଲ ପାଇଁ ୫ ଲକ୍ଷ, ଗୋବିନ୍ଦପାଲ୍ଲୀ ପରଜା କମ୍ୟୁନିଟି ହଲ ପାଇଁ ୩ ଲକ୍ଷ ପ୍ରଦାନ କରିଛନ୍ତି । ମାଲକାନଗିରି ଜିଲ୍ଲାର ବିକାଶ କ୍ଷେତ୍ରରେ ସାଂସଦଙ୍କ ଅବଦାନକୁ ଭୂୟସୀ ପ୍ରଶଂସା କରାଯାଇଛି । ବିଭିନ୍ନ ସମୟରେ ଜିଲ୍ଲାର ଉନ୍ନୟନ ଏବଂ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସାଂସଦ ସର୍ବଦା ଚେଷ୍ଟିତ ରହିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ମାଲକାନଗିରି ଜିଲ୍ଲାର ସମସ୍ତ ବ୍ଲକରେ ସାଂସଦଙ୍କ ପାଣ୍ଠିରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଆସୁଛି । ଏଭଳି ସହଯୋଗ ପାଇଁ ଆଗାମୀ ଦିନରେ ମଧ ଜିଲ୍ଲାବାସୀ ତାଙ୍କୁ ସାଂସଦ କରିବେ ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି।

# ବଇଁଚୁଆ -ଗୋକନ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର : ସ୍ଥାୟୀତ୍ୱ ନେଇ ପ୍ରଶ୍ନ କଲେ ବୁଦ୍ଧିଜୀବୀ

ସାଲେପୁର,୩୦/୦୬ (ନି.ପ୍ର): ସାଲେପୁର ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅନ୍ତର୍ଗତ ମାହାଙ୍ଗା ବ୍ଲକ୍ ତଥା ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀଙ୍କ ଅଧିନ ବଇଁଚୁଆ-ଗୋକନ ଭାୟା ଆଦର୍ଶ ବିଦ୍ୟାଳୟ ରାସ୍ତା ନିର୍ମାଣ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି । ଏଠାରେ ସୂଚନା ଥାଉ କି,୯ କି.ମି. ରାସ୍ତା ପାଇଁ ୫ କୋଟି ୩୧ ଲକ୍ଷ ଟଙ୍କା ବ୍ୟୟ ମଂଜୁର କରାଯାଇ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଅଛି। ଏଥିପାଇଁ ୭.୯ କିମି ପିଚୁ କାର୍ଯ୍ୟ ଓ ୧ କି.ମି. ରାସ୍ତା କଂକ୍ରିଟ ଢଳେଇ ସହ ରାସ୍ତା ସଂପ୍ରସାରଣ ହେବ ବୋଲି ଜଣାଯାଇଛି । କିନ୍ତୁ, ଏହି କାର୍ଯ୍ୟରେ ବିଭିନ୍ନ ପ୍ରକାର ଅନିୟମିତତା ହେଉଥିବା ଦେଖିବାକୁ ମିଳିଛି । ବିଶେଷ କରି ଏହି ରାସ୍ତାଟି ମାହାଙ୍ଗା ବ୍ଲକର ନିର୍ମିତ ହେଉଥିବା ଆଦର୍ଶ ବିଦ୍ୟାଳୟକୁ ସଂଯୋଗ କରୁଅଛି । ଏହି ଅଂଚଳଟି ଖାଉଆ ଅଂଚଳ ହୋଇଥିବା ବେଳେ ବର୍ଷା ଦିନେ ଯାତାୟତରେ ସମସ୍ୟା ସୃଷ୍ଟି ହୋଇଥାଏ । ଏଣୁ ଏହି ରାସ୍ତାର ଉନ୍ନତିକରଣ ସହ ଉଚ୍ଚ କରାଯିବାର ଆବଶ୍ୟକତା ରହିଛି । କିନ୍ତୁ, ଏବେ ନିର୍ମାଣ କାର୍ଯ୍ୟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଏପରିକି ବାହାରୁ ମାଟି ଆଣି ପକାଇ ରାସ୍ତା ଉଚା କରିବାକୁ ଥିବାବେଳେ ରାସ୍ତାକଡରୁ ଗୋଚର ଜମିରୁ ମାଟି ଉଠାଇ ରାସ୍ତାକଡରେ ପକା ଯାଇଛି । ଫଳରେ ଅସରାଏ ବର୍ଷାରେ ରାସ୍ତା ଅତଡା ଖାଇବା ସହ ରାସ୍ତାର ସ୍ଥାୟିତ୍ୱ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେହିପରି ପୁରୁଣା ରାସ୍ତାର ଦୁଇ ପାର୍ଶ୍ୱକୁ ଚଉଡା କରାଯାଇ ନୂତନ ରାସ୍ତା ନିର୍ମାଣ କରାଯିବାର ବ୍ୟବସ୍ଥା ଥିବାବେଳେ ଏହି ରାସ୍ତାର ଉଭୟ ପାର୍ଶ୍ୱକୁ ସଠିକ୍ ଭାବେ ଖୋଳା ଯାଉନାହିଁ କି ଅନେକ ସ୍ଥାନରେ ମାଟି ପକାଇ ଉଚ୍ଚା ଓ ଓସାର କରାଯାଉନାହିଁ । କେତେକ ସ୍ଥାନରେ ନାମକୁ ମାତ୍ର ଘାସ ଚଂଛା ଯାଇ ଏହା ଉପରେ ଡଷ୍ଟ ଓ ଗୋଡି ବିଛା ଯାଇଛି । ଏହି କାର୍ଯ୍ୟ ହେବାର ୧୦ରୁ ୧୫ ଦିନ ମଧ୍ୟରେ ସଂପ୍ରସାରଣ ସ୍ଥାନଗୁଡିକରେ ଡଷ୍ଟ ଗୋଡି ମଧ୍ୟରେ ଘାସ ଉଠିଥିବା ଦେଖିବାକୁ ମିଳିଛି । ସେହିପରି କେତେକ ସ୍ଥାନରେ ରାସ୍ତା ଢଳେଇ ସଠିକ୍ ଭାବେ ଓ ସମତୁଲ ଭାବେ କରାଯାଇ ନଥିବାରୁ ଆଗାମୀ ଦିନରେ ଯାତାୟତ ଓ ଦୁର୍ଘଟଣା ଘଟିବାର ସମ୍ଭାବନା ଦେଖାଦେଇଛି ।

# ୫-ଟି ରୂପାନ୍ତରିତ ସ୍କୁଲ ପ୍ରଧାନଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର

ସାଲେପୁର,୩୦/୦୬ (ନି.ପ୍ର): ସାଲେପୁର ବ୍ଲକ ଅଧିନସ୍ଥ କଲ୍ୟାଣପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୬ ଗୋଟି ୫ - ଟି ରୂପାନ୍ତରୀକରଣ ବିଦ୍ୟାଳୟ ଗୁଡିକର ପ୍ରଧାନଶିକ୍ଷକ ଓ ସହକାରୀମାନଙ୍କର ଏକ ୫ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରକୁ ମଣ୍ଡଳ ଶିକ୍ଷା ଅଧିକାରୀ ଜଗବନ୍ଧୁ ଶତପଥି ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲା ବେଳେ ସହକାରୀ ମଣ୍ଡଳ ଶିକ୍ଷାଅଧିକାରୀ ସୋନାଲିକା ରାୟ ଉପସ୍ଥିତ ଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ସାଲେପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଂଜନ ବାରିକ, ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ରାଉତ, ପେଡାଲୋଜି କୋଅର୍ଡିନେଟର ସରିତା ଶତପଥି, ଏମ୍.ଆଇ.ଏସ୍. ଅଶୋକ କୁମାର ସେଠୀ, ଶିକ୍ଷକ ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ମୋଟ ୫୦ ଜଣ ପ୍ରଧାନଶିକ୍ଷକ ଶିକ୍ଷକ ଶିକ୍ଷୟିତ୍ରୀ ଏହି ଶିବିରରେ ଯୋଗଦେଇ ୫ - ଟି ବିଦ୍ୟାଳୟର ପରିଚାଳନା ଏବଂ ଦକ୍ଷତା ସଂକ୍ରାନ୍ତରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଏହାର ଉଦଯାପନୀ ଉତ୍ସବରେ ଶିକ୍ଷାଅଧିକାରୀ ଜଗବନ୍ଧୁ ଶତପଥି, ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତୀ ମହାପାତ୍ର ଏବଂ ସମସ୍ତ ସିଆରସିସି ଯୋଗ ଦେଇଥିଲେ ।

# ଶିଶୁ ସୁରକ୍ଷା ସମସ୍ତଙ୍କ ନୈତିକ କର୍ତ୍ତବ୍ୟ ଅଟେ : ଖଡ଼ିଆଳ ବିଧାୟକ

ନୂଆପଡା,୩୦/୦୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ଥିତ କଲ୍ୟାଣ ମଣ୍ଡପ-୨ ରେ ଓ୍ୱାଲର୍ଡ଼ ଭିଜନ ପକ୍ଷରୁ ଆୟୋଜିତ ଶିଶୁ ସୁରକ୍ଷା ଏବଂ ଶଶକ୍ତିକରଣ କାର୍ଯ୍ୟକ୍ରମ ରେ ଆଜି ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶିଶୁ ସୁରକ୍ଷା ଅନ୍ୟ ସମସ୍ତଙ୍କ ନୈତିକ କର୍ତ୍ତବ୍ୟ ଅଟେ। ତେଣୁ ସରକାର ମଧ ଶିଶୁଙ୍କ ସୁରକ୍ଷା ଦିଗରେ ଅଧିକ ଯତ୍ନବାନ ହେବା କଥା ବୋଲି ମତବ୍ୟକ୍ତ କରିଛନ୍ତି। ବୈଠକ ରେ ଖଡ଼ିଆଳ ସମନ୍ୱୟ ଶିଶୁ ବିକାଶ ଅଧିକାରୀ ମନ କୁମାରି ଲମ୍ବୋ, ଓ୍ୱାଲର୍ଡ଼ ଭିଜନଭର ସୁପ୍ରତିକ୍ଷା ଚୌଧରୀ,ମିତାଲି ରାଣୀ ପାତ୍ର, ସ୍ୱେଚ୍ଛାସେବୀ ରାଜକିଶୋର ପଣ୍ଡା, ହରିଦାଶ୍ ପଟେଲ ପ୍ରମୁଖ ମଞ୍ଚାସିନ ହୋଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଡେଭିଡ ନିଆଳ, ମହେନ୍ଦ୍ର କୁମାର ଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ନିକଟରେ ଶିଶୁ ଶ୍ରମିକ ମାନେ ତଲକୋଟ କେନ୍ଦୁପତ୍ର ଫଡ଼ିରେ କାମକରିବା ଘଟଣା ମାନବ ଅଧିକାର କମିଶନ ପକ୍ଷରୁ ରିପୋର୍ଟ ତଲବ ପରେ ତଦନ୍ତ ହେଉଅଛି। ସେହିପରି ଦାଦନ ଶ୍ରମିକଙ୍କ ସନ୍ତାନ ମାନେ ନିଜ ମୌଳିକ ଅଧିକାର ରୁ ବଞ୍ଚିତ ରହି ଯାଉଛନ୍ତି। ଶିଶୁର କୁପୋଷଣ, ଏବଂ ଶିଶୁ ମୃତ୍ୟୁ ହାର ରୋକିବା ରେ ସରକାରଙ୍କ ସଫଳତା ରହିଅଛି। କିନ୍ତି ଏହି ସମସ୍ତ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ଆଇନ ର ଆବଶ୍ୟକ ରହିଅଛି ବୋଲି ବୈଠକରେ ମତ ପ୍ରକାଶ ପାଇଅଛି।

# ପାଉଁଶଗଦା ଉଚ୍ଛେଦ ଦାବିରେ ଆନ୍ଦୋଳନ ଚେତାବନୀ

ସମ୍ବଲପୁର,୩୦/୦୬ (ନି.ପ୍ର): ରେଙ୍ଗାଲି ସ୍ଥିତ ବିରାଜ ଷ୍ଟିଲ ଏଣ୍ଡ ପାଓ୍ୱାର କମ୍ପାନୀରୁ ନିର୍ଗତ ପାଉଁଶ ଗୁରୁପାଲିରେ ଗଦା ହୋଇ ହୋଇ ଏବେ ସେଠାରେ ଏକ ବେଆଇନ ପାଉଁଶ ପାହାଡ ଭାବରେ ଉଭା ହୋଇଛି । ବିଭିନ୍ନ ସମୟରେ ଏହି ପାଉଁଶଗଦା ଉଡ଼ି ପରିବେଶ ନଷ୍ଟ କରିବା ସହ ଲୋକଙ୍କ ଜୀବନ ଜୀବିକା ପ୍ରତି ପ୍ରତିବନ୍ଧକ ସାଜୁଛି । ତେଣୁ ଏହାକୁ ତୁରନ୍ତ ଏଠାରୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରୁଥିଲେ ମଧ କମ୍ପାନୀ କର୍ତ୍ତୁପକ୍ଷ ଅଣଦେଖା କରି ଆସୁଥିଲା । ତେବେ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ଆଜି ଜିଲ୍ଲା ପ୍ରଶାସନ ତରଫରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ନିର୍ଦ୍ଦେଶକ ରମେଶ କୁମାର ଏକ୍କା, ରେଙ୍ଗାଲି ଅତିରିକ୍ତ ତହସିଲଦାର ନେପାଳ ଚନ୍ଦ୍ର ମୁଣ୍ଡା, ନିଶାନଭଙ୍ଗା ପଞ୍ଚାୟତର ସରପଞ୍ଚ ସରୋଜ ମେହେର ଓ କମ୍ପାନୀର ଜେନେରାଲ ମ୍ୟାନେଜର ଟି. କେ ଦାସ କ୍ଷେତ୍ର ପରିଦର୍ଶନ କ୍ଷେତ୍ର କରିଛନ୍ତି। ଏହି ସମୟରେ ଯଥାଶୀଘ୍ର ଏହାର ସମାଧାନ ନହେଲେ କମ୍ପାନୀ ସମ୍ମୁଖରେ ବଡ ଧରଣର ଆନ୍ଦୋଳନ କରାଯିବା ବୋଲି ଉତ୍ତେଜିତ ଗ୍ରାମବାସୀମାନେ ଏହି ଅନୁଧ୍ୟାନ କମିଟିର ଦଳକୁ ମଧ୍ୟ ଚେତାବନୀ ଦେଇଛନ୍ତି ।

# ଜିଲ୍ଲା ପ୍ରେସ କ୍ଲବ ଓ ସମାଜ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର: ୪୫ ୟୁନିଟ୍ ରକ୍ତ ସଂଗୃହୀତ

କନ୍ଧମାଳ ,୩୦/୦୬ (ନି.ପ୍ର): ପ୍ରେସ କ୍ଲବ ଓ ଦୈନିକ ସମାଜ ପକ୍ଷରୁ ମିଳିତ ସହଯୋଗ ରେ ବୁଧବାର ଉତ୍କଳ ମଣି ଗୋପ ବନ୍ଧୁ ଦାଶ ଙ୍କ ୯୪ ତମ ପୁଣ୍ୟ ତିଥି ଅବସରରେ ଫୁଲବାଣୀ ରକ୍ତଭଣ୍ଡାର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ର ଆୟୋଜନ କରାଯାଇଥିଲା। ଏଥିରେ ୪୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସର ରେ ମୁଖ୍ୟଅତିଥି ଭାବେଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଓ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଂଜନ ନାୟକ ଯୋଗ ଦେଇ ଶିବିର କୁ ଉଦଘାଟନ କରିବା ସହ ରକ୍ତଦାତା ମାନକୁ ଉତ୍ସାହିତ କରି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ ଡି ପି ଓ ମହେନ୍ଦ୍ର ନାଥ ମୁର୍ମୁ, ପୌର ନିର୍ବାହୀ ଅଧିକାରୀ ବଳଦେବ ବେହେରା, ପି ଏ, ଆଇଟିଡିଏ ବୀରେନ୍ଦ୍ର କୁମାର ଦାସ, ପୌରଧକ୍ଷା ସ୍ମିତାରାଣୀ ମହାନ୍ତି ପ୍ରମୁଖସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଥମେ ପ୍ରେସ କ୍ଲବ ସଭାପତି ସୁନୀଲ ପଟନାୟକ ଓ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ରକ୍ତ ଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଅଜିତ ମହାରଣା, ଶିବ ନାୟକ, ସୂର୍ଯ୍ୟ ନାରାୟଣ ବେହେରା, କାଁହୁ ଶତପଥୀ ଙ୍କ ସମେତ ସମାଜସେବୀ ପ୍ରଦୀପ ସ୍ୱାଇଁ, ଙ୍କ ସମେତ ଟିମ ହ୍ୟୁମାନୀଟି ର ସଦସ୍ୟ, ଓ ଆଇଟିଆଇ ଛାତ୍ର ଛାତ୍ରୀମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ଏହି ଶିବିର କୁ ବ୍ଲଡ଼ ବ୍ୟାଙ୍କ ଅଧିକାରୀ,ଡା, ଜୟଦୀପ ଘୋଷ, ଟେକନିସିଆନଦିନ କୃଷ୍ଣ ମହନ୍ତ, ତୁଷାର କାନ୍ତ ପ୍ରଧନ ଲକ୍ଷ୍ମୀ ଧର ମଣ୍ଡଳ, ସୁଜିତ ସାହୁ, ବରୁଆଁବେହେରା ସଂଯୁକ୍ତକ୍ଷଦଳ ଛତ୍ର ,ପ୍ରମୁଖ ସୁଚାରୁରୂପେ ପରିଚାଳନାକରିଥିଲେ । ସେହିପରି ସାମ୍ବାଦିକ ସନ୍ତୋଷ ଦିଗଲ, ତ୍ରିନାଥ ସାହୁ, ସଦାଶିବ ପାତ୍ର, ଅଚ୍ୟୁତାନନ୍ଦ ସେଠୀ, ଗୋପାଳ କୃଷ୍ଣ ପଟନାୟକ, ପ୍ରମୁଖ ସହଯୋଗ କରିଥିଲେ ।

# ସ୍ଥାୟୀ ପଟ୍ଟା ପ୍ରଦାନ ଦାବିରେ ବିଜେପି ପକ୍ଷରୁ ତହସିଲ କାର୍ଯ୍ୟାଳୟ ଘେରାଉ

ସମ୍ବଲପୁର ,୩୦/୦୬ (ନି.ପ୍ର): ସମ୍ବଲପୁର ପୌରାଂଚଳ, ବୁର୍ଲା ଏନ.ଏ.ସି ହୀରାକୁଦ ଏନ.ଏ.ସି ଓ ୧୨ ଗୋଟି ପଞ୍ଚାୟତ କୁ ନେଇ ୨୦୧୩ ରେ ଘୋଷଣା ହେଲା ସମ୍ବଲପୁର ମହାନଗର ନିଗମ । ଦୀର୍ଘ ୯ ବର୍ଷ ପରେ ମଧ ସ୍ଥିତି ଯଥା ପୂର୍ବମ ତଥା ପରମ । ମହାନଗର ନିଗମ ଅଞ୍ଚଳବାସୀ ନା ପାଇଛନ୍ତି ନିର୍ବାଚିତ ପ୍ରତିନିଧି ନା ପାଉଛନ୍ତି ସର୍ବନିମ୍ନ ପୌର ସୁବିଧା । ଏମିତି ଅନେକ ସମସ୍ୟା ଘେରରେ ରହିଥିବା ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ରେ ଏକ ଅଦ୍ଭୁତ ସମସ୍ୟାରେ ଛନ୍ଦି ହୋଇଛନ୍ତି ସାମିଲ ହୋଇଥିବା ୧୨ ଗୋଟି ପଞ୍ଚାୟତବାସୀ । ମହାନଗର ନିଗମ ରେ ଯୋଡି ହୋଇଥିବା ୧୨ ଗୋଟି ପଞ୍ଚାୟତ ବାସୀ ପୌର ସୁବିଧାରୁ ସମ୍ପୂର୍ଣ୍ଣ ବଞ୍ଚିତ ରହିଛନ୍ତି। ମହାନଗର ନିଗମ ବିଜ୍ଞପ୍ତି ପ୍ରକାଶ ପରେ ନା ପାଇଛନ୍ତି ଗ୍ରାମାଞ୍ଚଳର ସୁବିଧା ନା ପାଉଛନ୍ତି ପୌରାଞ୍ଚଳ ର ସୁବିଧା । ଏହାକୁ ନେଇ ବିଭିନ୍ନ ସମୟରେ ଅନେକ ଆନ୍ଦୋଳନ କଲାପରେ ମଧ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ପ୍ରଶାସନ ର ନିଦ୍ରା ଭଙ୍ଗ ହେଉ ନାହିଁ । ମହାନଗର ନିଗମ ଅଞ୍ଚଳବାସୀ ନା ପାଉଛନ୍ତି କେନ୍ଦ୍ରୀୟ ଯୋଜନା ର ସୁଫଳ ନା ରାଜ୍ୟ ସରକାରଙ୍କ ଯୋଜନା ର ସୁଫଳ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବ ଲୋକଙ୍କୁ ପକ୍କା ଘର ଖଣ୍ଡିଏ ଦେବାପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଜୀ ଦେଉଛନ୍ତି ହଜାର ହଜାର କୋଟି ଟଙ୍କାର ଅନୁଦାନ । କିନ୍ତୁ, ନିଷ୍କ୍ରିୟ ଅପାରଗ ସ୍ଥାଣୁ ପ୍ରଶାସନ ପାଇଁ ବର୍ଷ ବର୍ଷ ବିତିଗଲା ପରେ ମଧ ଗରିବ ପରିବାର ପାଇ ପାରୁ ନାହାଁନ୍ତି ଯୋଜନା ର ସୁଫଳ । କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ଯୋଗେଇ ଦେଉଛନ୍ତି କିନ୍ତୁ ରାଜ୍ୟ ସରକାର ଭୂମିହୀନ ଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ କରିବାରେ ସମ୍ପୂର୍ଣ୍ଣ ବିଫଳ । ଏହି ମର୍ମରେ ରେ ଆଜି ମାନେଶ୍ୱର ବ୍ଲକ ଅନ୍ତର୍ଗତ ପୁରୁଣା ପାଞ୍ଚୋଟି ପଞ୍ଚାୟତ ମାନେଶ୍ୱର, ଗୁଣ୍ଡେର୍ପୁର, ମଠପାଲି, ସିନ୍ଦୁର୍ପଙ୍କ, ଠେମରା ପଞ୍ଚାୟତ ର ଲୋକେ ଘେରିଥିଲେ ମାନେଶ୍ୱର ତହସିଲ କାର୍ଯ୍ୟାଳୟ । ଲେଙ୍ଗାଲି ବିଧାୟକ ନାଉରି ନାୟକଙ୍କ ନେତୃତ୍ୱରେ ପ୍ରାୟ ପାଞ୍ଚ ଶହ ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଆଜି ତହସିଲ କାର୍ଯ୍ୟାଳୟ ଠାରେ ପହଞ୍ଚି ଧାରଣା ଦେଇଥିଲେ । ପରିସ୍ଥିତି ଅଣାୟତ୍ତ ହେବାରୁ ଶେଷରେ ତହସିଲଦାର ଅଜୟ ତିଓ୍ୱାରୀ ଆସି ଆନ୍ଦୋଳନକାରୀ ଙ୍କ ସହ ଆଲୋଚନା କରିଥିଲେ। ସେ ଆସନ୍ତା ଦୁଇ ମାସ ମଧ୍ୟରେ ସମସ୍ତ ଯୋଗ୍ୟ ହିତାଧିକାରୀ ଙ୍କୁ ଜମି ପଟ୍ଟା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଲାପରେ ଆନ୍ଦୋଳନକାରୀ ମନେ ଆନ୍ଦୋଳନ ରୁ ଓହରିଥିଲେ। ଆଜିର ଆନ୍ଦୋଳନରେ ମାନେଶ୍ୱର ବ୍ଲକ ଅଧକ୍ଷା ରୁକ୍ମିଣୀ ମହାନନ୍ଦ ବ୍ଲକ ଉପାଧକ୍ଷ ନରେନ୍ଦ୍ର ମିଶ୍ର ସାଂସଦ ପ୍ରତିନିଧି ରମେଶ ପ୍ରଧାନ ଧନୁପାଲି ମଣ୍ଡଳ ସଭାପତି ପ୍ରକାଶ ସାହୁ, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ଭରତ ସାହୁ, ଅନିଲ ବର୍ମା, ଭବାନୀ ସୋହେଲା, ବିଭୁତି ପଣ୍ଡା, ଚନ୍ଦନ ସାହାଣୀ, ସବିତା ପାଣିଗ୍ରାହୀ, ସଂଯୁକ୍ତା ସେଠ, ସୁଜାତା ଗୁରୁ, ନିଳିମା ବେହେରା, ମୃତ୍ୟୁଞ୍ଜୟ ସାହୁ, ମଣ୍ଟୁ ଅଗ୍ରୱାଲ, ଗୋପଲ ଅଗ୍ରୱାଲ, କ୍ଷେତ୍ରୀୟ ଗଣମାଧମ ସଂଯୋଜକ ମାନସ ରଞ୍ଜନ ବକ୍ସି ପ୍ରମୁଖ ସାମିଲ ଥିଲେ ।

# ଓଡିଶା ବିଧାନସଭା ସଦାଚାର କମିଟିର କେନ୍ଦୁଝର ଜିଲ୍ଲା ଗସ୍ତ

କେନ୍ଦୁଝର,୩୦/୦୬ (ନି.ପ୍ର): ବିଧାୟକ ଅମର ପ୍ରସାଦ ଶତପଥିଙ୍କ ଅଧକ୍ଷତାରେ ଓଡିଶା ବିଧାନସଭାର ସଦାଚାର କମିଟି (ହାଉସ କମିଟି ଅନ୍ ଏଥିକ୍ସ) କେନ୍ଦୁଝର ଜିଲ୍ଲା ଗସ୍ତରେ ଆସିଛନ୍ତି। ବିଧାୟକ ପ୍ରଫୁଲ୍ଲ ସାମଲ, ଭୁପିନ୍ଦର ସିଂହ ଓ ଅରବିନ୍ଦ ଢାଲି ଉକ୍ତ କମିଟିର ସଦସ୍ୟ ଭାବେ ଗସ୍ତରେ ସାମିଲ୍ ହୋଇଛନ୍ତି। ଜିଲ୍ଲା ସଦର ମହକୁମା ଠାରେ ପହଂଚିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦରବାର ହଲ୍ ଠାରେ କମିଟି ବୁକ୍ ସାର୍କୁଲାର-୪୭ ର କାର୍ଯ୍ୟକାରିତା ଏବଂ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟିର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଆଶିଷ ଠାକରେ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ କରି ଜିଲ୍ଲାରେ ବୁକ୍ ସାର୍କୁଲାର-୪୭ ର କାର୍ଯ୍ୟକାରିତା ଓ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟିର କାର୍ଯ୍ୟକାରିତା ସମ୍ପର୍କରେ ନିଆଯାଇଥିବା ପଦେକ୍ଷପ ସମ୍ପର୍କରେ ଅବଗତ କରାଇଥିଲେ। ଏହି ବୈଠକରେ ଉଦବୋଧନ ଦେଇ କମିଟି ଅଧକ୍ଷ ଅମର ପ୍ରସାଦ ଶତପଥି କହିଥିଲେ ଯେ, ସରକାରୀ ପଦାଧିକାରୀ ଏବଂ ଲୋକ ପ୍ରତିନିଧିମାନଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥାଏ। ଆମ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଲୋକ ପ୍ରତିନିଧିମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ, ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ଗଣତନ୍ତ୍ର ଶାସନ ବ୍ୟବସ୍ଥାକୁ ସୁଦୃଢ କରିଛି। ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ମଧ୍ୟରେ ଉତମ ସମ୍ପର୍କ ରହିଲେ ଜନସାଧାରଣ ସୁଫଳ ପାଆନ୍ତି। ଏଣୁ ସରକାରୀ ପଦାଧିକାରୀ ଏବଂ ଲୋକସଭା/ବିଧାନସଭାର ଲୋକ ପ୍ରତିନିଧିମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବିକାଶ ପାଇଁ ଅନିବାର୍ଯ୍ୟ । ଏହି ଉଦ୍ଦେଶ୍ୟ ନେଇ ବୁକ୍ ସାର୍କୁଲାର-୪୭ ପ୍ରଣୟନ କରାଯାଇଛି। ସରକାରୀ ପଦାଧିକାରୀମାନେ ବୁକ୍ ସାର୍କୁଲାର-୪୭ ପଢିବା ସହ ଅନୁପାଳନ କଲେ ଏହା ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବ। ଲୋକ ପ୍ରତିନିଧି ଓ ସରକାରୀ ପଦାଧିକାରୀମାନେ ପାରସ୍ପରିକ ବୁଝାମଣା ରଖି କାର୍ଯ୍ୟ କଲେ ଜନସାଧାରଣ ଉତମ ସେବା ପାଇପାରିବେ। ଯାହାଫଳରେ ମୁଖ୍ୟମନ୍ତ୍ରୀଙ୍କର ଚିନ୍ତାଧାରା ଓ ଅଙ୍ଗୀକାର ସଫଳ ହୋଇପାରିବ ବୋଲି କହିଥିଲେ। ଜିଲ୍ଲାପାଳଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନ ବୁକ୍ ସାର୍କୁଲାର-୪୭ର କାର୍ଯ୍ୟକାରିତା ପାଇଁ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ। କମିଟିର ସଦସ୍ୟ ପ୍ରଫୁଲ୍ଲ ସାମଲ, ଭୁପିନ୍ଦର ସିଂହ ଏବଂ ଅରବିନ୍ଦ ଢାଲି ଉଦବୋଧନ ଦେଇ ବୁକ୍ ସାର୍କୁଲାର-୪୭ ନୈତିକ ଶିକ୍ଷା ଓ ସଦାଚାର ଉପରେ ପର୍ଯ୍ୟବେସିତ ବୋଲି କହିଥିଲେ। ସାଂସଦ ଓ ବିଧାୟକମାନ ଚାହୁଁଥିବା ତଥ୍ୟ ଯଦି ସଠିକ୍ ଭାବେ ଦିଆଯାଏ, ସେମାନେ ଜନସାଧାରଣଙ୍କୁ ଅବଗତ କରାଇପାରିବେ, ଯାହାକି ବିକାଶ ପ୍ରକ୍ରିୟାରେ ସହାୟକ ହେବ। ଉଭୟ ସରକାରୀ ପଦାଧିକାରୀ ଓ ଲୋକ ପ୍ରତିନିଧିଙ୍କ ମଧ୍ୟରେ ପାରସ୍ପରିକ ବୁଝାମଣା ରଖି ଜନସାଧାରଣଙ୍କୁ ସେବା ଯୋଗାଇ ଦେବାରେ ବୁକ୍ ସାର୍କୁଲାର ମାର୍ଗଦର୍ଶନ କରିଥାଏ ବୋଲି କହିଥିଲେ। ଏତଦ୍ ବ୍ୟତୀତ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ବୈଠକ ସମ୍ପର୍କରେ ଆଲୋକପାତ କରି କମିଟି ସଦସ୍ୟବୃନ୍ଦ ଲାଡ ଫଣ୍ଡର କାର୍ଯ୍ୟକାରିତା କ୍ଷେତ୍ରରେ ଦେଖା ଯାଉଥିବା ପ୍ରତିବନ୍ଧକ କିପରି ଦୂର ହେବ ଏବଂ କିପରି ଅଧିକ ସରଳୀକରଣ ହୋଇପାରିବ ଏହା ଉପେର ଗୁରୁତ୍ୱାରୋପ କରିଥଲେ। ଓଡିଶା ପ୍ରତି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିବାରେ ମୁଖ୍ୟମନ୍ତ୍ରୀ ଯେଉଁ ଉଦ୍ୟମ କରୁଛନ୍ତି, ତାହା ଅବତାରଣା କରିଥିଲେ। କେନ୍ଦୁଝର ଜିଲ୍ଲା ପ୍ରତି ନିଜ ନିଜର ସଂପୃକ୍ତି, ଆବେଗ, ଭାବ ପ୍ରବଣତା ଉଲ୍ଲେଖ କରି କେନ୍ଦୁଝର ଜିଲ୍ଲାର ବିକାଶ ପାଇଁ ନୂଆ ସମ୍ଭାବନା ସୃଷ୍ଟି ହୋଇଛି ବୋଲି କମିଟି ଅଧକ୍ଷ ଓ ସଦସ୍ୟ କହିଥଲେ। ବୁକ୍ ସାର୍କୁଲାର-୪୭ ସମ୍ପର୍କରେ ସରକାରୀ ଅଧିକାରୀ ଓ କମଚାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜନ ଉପେର ଗୁରୁତ୍ୱାରୋପ କରିଥିଲେ। ଏସ୍‌ପି ମିତ୍ରଭାନୁ ମହାପାତ୍ର, ଡିଏଫଓ କେନ୍ଦୁଝର ଏଚ୍‌ଡି ଧନରାଜ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ବୁକ୍ ସାର୍କୁଲାର-୪୭ର କାର୍ଯ୍ୟକାରିତା ପାଇଁ ନିଜ ନିଜ ବିଭାଗ ତରଫରୁ ନିଆଯାଇଥିବା ପଦେକ୍ଷପ ସମ୍ପର୍କରେ ଅବଗତ କରାଇଥିଲେ।

# ବୈଷ୍ଣବୀୟ ଧର୍ମ ଦର୍ଶନରେ ଶ୍ରୀଜଗନ୍ନାଥ




ଡକ୍ଟର ଲକ୍ଷ୍ମଣ ସାହୁ




ମହାପ୍ରଭୁ ଜଗନ୍ନାଥଙ୍କ ଦେଶ ଭାବରେ ଓଡ଼ିଶା ଖ୍ୟାତ । ଜଗନ୍ନାଥଙ୍କ ସଭ୍ୟତା ହିଁ ଓଡ଼ିଶାର ସଭ୍ୟତାକୁ ବୁଝାଇଥାଏ । ଏହାର ସକଳ ରୀତି ନୀତି, ଚାଲି ଚଳଣି, ସଂସ୍କୃତି ସବୁ କିଛି ଜଗନ୍ନାଥୀୟ ସ୍ମୃତି ଦ୍ୱାରା ଗର୍ବିତ । ନିର୍ବିଶେଷରେ ଏହାର ଧର୍ମ ଜଗନ୍ନାଥ ଧର୍ମ ନାମରେ ଅଭିବ୍ୟଞ୍ଜିତ । ସେ ହେଉଛନ୍ତି ଉତ୍କଳର ପ୍ରାଣପୁରୁଷ । ତାଙ୍କ ବିନା ଉତ୍କଳର ପରିଚୟ ନାହିଁ । ଉତ୍କଳୀୟ ଧର୍ମ-ତତ୍ତ୍ୱକୁ ଦୃଷ୍ଟି ଦେଲେ ଜଗନ୍ନାଥଙ୍କ ଚରିତ, ପୂଜା, ଆରାଧନା, ଯାନି, ଯାତ୍ରା, ଧର୍ମ ନୀତି, ପର୍ବପର୍ବାଣୀକୁ ନେଇ ନାନା ଶାସ୍ତ୍ର , ପୁରାଣ, କାବ୍ୟ, କବିତାଦିରେ ବହୁବିଧ ବର୍ଣ୍ଣନା ରହିଛି । ଭାରତୀୟ ଶ୍ରଦ୍ଧା ଓ ପୂଜିତ ଦୁଇ ମହାକାବ୍ୟ ରାମାୟଣ ଓ ମହାଭାରତ ଭଳି ଗ୍ରନ୍ଥରେ ଜଗନ୍ନାଥ ଧର୍ମ ଓ ନାମରେ ସଂକେତ ରହିଛି । ଜଗନ୍ନାଥ ଧର୍ମ ଉପରେ ବହୁ ପ୍ରାଚୀନ ପୁରାଣ ଗୁଡ଼ିକରେ ମତ୍ସ୍ୟ, ଅଗ୍ନି, ଯାମଳ, ତନ୍ତ୍ର ଶାସ୍ତ୍ରାଦିରେ ଆଲୋଚନା କରାଯାଇଛି । ପବିତ୍ର ଜଗନ୍ନାଥ ପୀଠ ପ୍ରତି ଆକୃଷ୍ଟ ହୋଇ ବିଭିନ୍ନ ସମୟରେ ଧର୍ମ ପ୍ରଚାରକ, ଭକ୍ତ ଓ ଦାର୍ଶନିକମାନେ ଐଶ୍ୱରୀୟ ପ୍ରେରଣା, ଇପ୍ସିତ ମୁକ୍ତି, ପାରମାର୍ଥିକ ଜ୍ଞାନ ଲାଭ ପାଇଁ ଧାଇଁ ଆସିଛନ୍ତି । ପ୍ରତ୍ୟେକ ଧର୍ମାଚାରୀଗଣଙ୍କୁ ଜଗନ୍ନାଥ ଧର୍ମ, ଦର୍ଶନ ଓ ଉପାସନା ପ୍ରତି ପ୍ରଭାବିତ ହେବା ସହ ଅନୁପ୍ରାଣିତ ହୋଇଛନ୍ତି ଓ ତାହାର ମହିମା ପ୍ରଚାର କରିଛନ୍ତି । ପୁନଶ୍ଚ ଏହି ଧର୍ମାଚାରୀମାନେ ସ୍ୱକୀୟ ଧର୍ମର ଉପାସ୍ୟ ଦେବତାଙ୍କୁ ପୂର୍ଣ୍ଣବ୍ରହ୍ମ ବା ଅବତାର ରୂପେ ମାନିନେଇଛନ୍ତି । ସେଭଳି ଆଲୋଚ୍ୟ ପ୍ରସଙ୍ଗ ବୈଷ୍ଣବ ଧର୍ମାବଲମ୍ବୀମାନଙ୍କ ମତରେ ଶ୍ରୀକୃଷ୍ଣ କେବଳ ପୂର୍ଣ୍ଣବ୍ରହ୍ମ ବା ଅଂଶୀ ଓ ଅନ୍ୟାନ୍ୟ ଦେବତାମାନେ ତାଙ୍କର ଅଂଶ ବିଶେଷ । ଅନ୍ୟ ଅର୍ଥରେ କୁହାଯାଏ ଶ୍ରୀକୃଷ୍ଣ, ଅବତାରୀ ଅନ୍ୟମାନେ ତାଙ୍କର ଅବତାର । ଭାଗବତରେ ଉଲ୍ଲେଖିତ - 'ଏତେଚାଂଶ କଳା ପୁଂସଃ କୃଷ୍ଣସ୍ତ ଭଗବାନ ସ୍ୱୟମ୍' ଉକ୍ତିକୁ ଆଧାର କରି ବୈଷ୍ଣବମାନେ ଶ୍ରୀକୃଷ୍ଣଙ୍କ ଭଗବତ୍ୱକୁ ପ୍ରମାଣ ସିଦ୍ଧ କରିଛନ୍ତି ।

ରାମୋପାଷକ ବୈଷ୍ଣବମାନେ ରାମଙ୍କୁ ଅବତାରୀ ଓ ଅନ୍ୟମାନଙ୍କୁ ଅବତାର ଭାବରେ ମାନିନେବା ବେଳେ ଉତ୍କଳୀୟ ବୈଷ୍ଣବମାନେ ଜଗନ୍ନାଥଙ୍କୁ ଅବତାରୀ ଭାବେ ଗ୍ରହଣ କରିବା ସହ ରାମକୃଷ୍ଣାଦିଙ୍କୁ ତାଙ୍କର ଅବତାର ଭାବେ ମଧ ଗ୍ରହଣ କରିଥାନ୍ତି । ସେମାନଙ୍କ ଦୃଷ୍ଟିରେ ପବିତ୍ର ଜଗନ୍ନାଥ ଧାମ ହେଉଛି ଜଗନ୍ନାଥଙ୍କ ମହାନିତ୍ୟ ବିହାର ସ୍ଥଳୀ । ଶ୍ରୀକ୍ଷେତ୍ରହିଁ ଗୋଲକପୁର, ମର୍ତ୍ତ୍ୟବୃନ୍ଦାବନ, ଲୀଳା ସକାମ ହେତୁ ମାଧୁର୍ଯ୍ୟବିମଣ୍ଡିତ ଓ ସକଳ ତୀର୍ଥ କ୍ଷେତ୍ରର ଆଧାର ରୂପେ ପରିଗଣିତ । ଏଠାରେ ଅଯୋଧ୍ୟା, ଦ୍ୱାରିକା, ମଥୁରା, ବୃନ୍ଦାବନ, ସପ୍ତାବରଣ ପୀଠାଦି ନିତ୍ୟସ୍ଥଳୀ ଜଗନ୍ନାଥ କ୍ଷେତ୍ର ଭିତରେ ଏକକାର ପାଲଟି ଯାଇଛି । ଯଶୋବନ୍ତ ଦାସ ତାଙ୍କ 'ପ୍ରେମଭକ୍ତି ଚରିତାମୃତ'ରେ ଉଲ୍ଲେଖ ଅଛି- 'ଦେଖ ଏ ନିତ୍ୟ ନୀଳାଚଳ, ସକଳ ତୀର୍ଥଙ୍କର ଆଳ । ଗୋପ ମଥୁରା ବୃନ୍ଦାବନ, ଦ୍ୱାରିକା ଆଦି ଯେତେ ସ୍ଥାନ । ସକଳ ଏହି ସ୍ଥାନେ ପାଇ, ଆବର କାଶୀ ମଧ ହୋଇ । କୋଟିଏ ତୀର୍ଥ ଏ କ୍ଷେତ୍ରରେ, ମହିମା କହିଲେ ନସରେ ।' କହିବାର ଅର୍ଥ ହେଉଛି ଅର୍ଜ୍ଜୁନ ତିନିଲୋକରେ ସର୍ବ ଶ୍ରେଷ୍ଠ ସ୍ଥାନ ଦର୍ଶନକରିବାକୁ ଇଚ୍ଛା ପ୍ରକାଶ କରିବାରୁ ଶ୍ରୀକୃଷ୍ଣ ପୁରୁଷୋତ୍ତମ କ୍ଷେତ୍ର ଦର୍ଶନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଭୂପତି ପଣ୍ଡିତ ମଧ ତାଙ୍କ 'ପ୍ରେମ ପଞ୍ଚାମୃତ' କାବ୍ୟରେ ଏହାକୁ ସମର୍ଥନ କରିଛନ୍ତି । ଉତ୍କଳୀୟ ବୈଷ୍ଣବମାନେ ଜଗନ୍ନାଥଙ୍କର ପୂର୍ଣ୍ଣ ବ୍ରହ୍ମତ୍ୱ ଓ ନୀଳାଚଳର ମହିମାକୁ ସ୍ୱୀକାର କରିଛନ୍ତି ।

ବୌଦ୍ଧ ମାନଙ୍କ ଦୃଷ୍ଟିରୁ ଜଗନ୍ନାଥ ବୌଦ୍ଧ । ପ୍ରାଚୀନ କବିବୃନ୍ଦ ଜଗନ୍ନାଥଙ୍କୁ ଆଦିବୁଦ୍ଧ କହିଥିବା ବେଳେ ଜୈନମାନେ ଜଗନ୍ନାଥଙ୍କୁ ଋଷଭନାଥ କହନ୍ତି । ଶୈବ୍ୟମାନେ ଜଗନ୍ନାଥଙ୍କୁ ଶିବ ବୋଲି ଦର୍ଶାଇଥାନ୍ତି । ଶାକ୍ତମାନଙ୍କ ଦୃଷ୍ଟିରୁ ଜଗନ୍ନାଥ ହେଉଛନ୍ତି ମୂରଲୀମୋହନ ଗୋପୀଜନ ହୃଦୟହାରୀ ନନ୍ଦ ନନ୍ଦନ ଶ୍ରୀକୃଷ୍ଣ । ସେଭଳି ବ୍ରାହ୍ମଣ୍ୟ ଧର୍ମର ପୃଷ୍ଠପୋଷକମାନେ ତାଙ୍କୁ ବୈଦିକ ଦେବତା ପୁରୁଷୋତ୍ତମ ବୋଲି ଦର୍ଶାଇଛନ୍ତି । ଏସବୁ ଦୃଷ୍ଟିରୁ ଜଗନ୍ନାଥ ହେଉଛନ୍ତି ସକଳର ସମାହାର ଓ ସମନ୍ୱିତ ରୂପ । ବୌଦ୍ଧଧର୍ମର ମହାଯାନ ଶାଖାର ପ୍ରଚଳନ ଯୋଗୁ ବୌଦ୍ଧ ଓ ହିନ୍ଦୁ ଧର୍ମ ଭିତରେ ସମନ୍ୱୟ ସ୍ଥାପିତ ହେଲା ସେତେବେଳେ ଜଗନ୍ନାଥଙ୍କ ଠାରେ ବୁଦ୍ଧତ୍ୱ ଆରୋପଣ କରିଥିଲେ । ଏପରିକି ଜଗନ୍ନାଥଙ୍କୁ ବୁଦ୍ଧ ରୂପରେ ପ୍ରମାଣିତ କରିବା ପାଇଁ ବହୁ କଳ୍ପିତ ଉପାଖ୍ୟାନ ଓ କିମ୍ବଦନ୍ତୀକୁ ଅବତାରଣା କରାଯାଇଛି । ଫଳତଃ ଉତ୍କଳୀୟ ବୈଷ୍ଣବ ଗ୍ରନ୍ଥ ଗୁଡ଼ିକରେ ବିଭିନ୍ନ ସ୍ଥାନରେ ଜଗନ୍ନାଥଙ୍କର ବୁଦ୍ଧାବତାର ଗାଥା ଉଲ୍ଲେଖ କରାଯାଇଛି । ସାରଳା ଦାସ ତାଙ୍କ ମହାଭାରତର ବହୁ ସ୍ଥାନରେ ଲେଖିଛନ୍ତି - 'ସଂସାର ଜନକୁ ତରିବା ନିମନ୍ତେ/ ବଉଧ ରୂପରେ ବିଜେ ଅଛ ଜଗନ୍ନାଥ ।' ଜଗନ୍ନାଥ ଦାସ ତାଙ୍କ 'ପରଂବ୍ରହ୍ମ ଗୀତା'ରେ ଉଲ୍ଲେଖ କରିଛନ୍ତି - ବଉଧ ରୂପ ହେବା ପାଇଁ/ ପାଦ ପାଣି ଛାଡ଼ିଲି ତହିଁ ।' 'ଶୂନ୍ୟ ସଂହିତା'ରେ ଅଚ୍ୟୁତ ନନ୍ଦ ଦାସ ଲେଖିଛନ୍ତି- 'ବୋଲନ୍ତି ପ୍ରଭୁ ଭଗବାନ/ ବଉଧ ରୂପ ମୋ ଚୈତନ୍ୟ/ ତାଙ୍କ ଚରଣ ସେବାକର/ ଭକ୍ତିରେ ପଥକୁ ଆବର । ସେଭଳି ନୀଳାମ୍ବର ଦାସଙ୍କ 'ଦେଉଳ ତୋଳା'ରେ ଉଲ୍ଲେଖ ଅଛି- 'ଠାକୁର ବୋଇଲେ ରାଧା ହୋଇଲୁକି ବାଇ/ କଳି ଯୁଗେ ବସିବୁ ବଉଧ ରୂପେ ଯାଇ ।'

ଯାହାଫଳରେ ଜଗନ୍ନାଥଙ୍କୁ ଆଦିବୁଦ୍ଧ ଭାବରେ ପରିକଳ୍ପନା କରାଯାଇଛି । ବୌଦ୍ଧଧର୍ମର ଶୂନ୍ୟବାଦ, ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ନିର୍ବାଣ ତତ୍ତ୍ୱ, ବୁଦ୍ଧମାତା କଳ୍ପନା, କାଳଚକ୍ର ମତକୁ ବୈଷ୍ଣବମାନେ ଯଥାସମ୍ଭବ ଗ୍ରହଣ କରିନେଇଛନ୍ତି । ଚୈତନ୍ୟ ଦାସଙ୍କ 'ନିର୍ଗୁଣ ମହାତ୍ମ୍ୟ' ଓ 'ବିଷ୍ଣୁଗର୍ଭ ପୁରାଣରେ' ଏ ବିଷୟରେ ଉଲ୍ଲେଖ ରହିଛି । ଉତ୍କଳୀୟ ବୈଷ୍ଣବମାନେ ଶୂନ୍ୟ ବାଦକୁ ଗ୍ରହଣ କରିଥିଲେ । ସେମାନଙ୍କ ସାହିତ୍ୟରେ ଶୂନ୍ୟ ପୁରୁଷ ଓ ବେଦାନ୍ତ ବର୍ଣ୍ଣିତ ବ୍ରହ୍ମ ହେଉଛି ଏକ ଓ ଅଭିନ୍ନ । ଅଚ୍ୟୁତାନନ୍ଦ ତାଙ୍କ 'ଶୂନ୍ୟ ସଂହିତା'ରେ ଦର୍ଶାଇଛନ୍ତି- 'ଶୂନ୍ୟ ପୁରୁଷର ଏତେକ ତେଜ/ ଶୂନ୍ୟ ହୋଇ ଭୋଗ କରଇ ରାଜ୍ୟ/ ଶୂନ୍ୟ ପୁରୁଷ ଅଲେଗ ରହିଛି/ ଶୂନ୍ୟ ପରେ ବସି ଲୀଳା କରୁଛି ।' ଓଡିଶୀ ବୈଷ୍ଣବମାନେ ଜଗନ୍ନାଥଙ୍କର ପରଂବ୍ରହ୍ମ ଓ ପୂର୍ଣ୍ଣବ୍ରହ୍ମତ୍ୱକୁ ବିଶ୍ୱାସ କରି ଆସୁଥିବାରୁ ତାଙ୍କୁ ଶୂନ୍ୟ ପୁରୁଷ କହିବାରେ ଦ୍ୱିଧା ନାହିଁ । ସେଭଳି ଜଗତ୍ ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଯୋଗୁଁ ଶୈବ୍ ଧର୍ମର ପ୍ରଭାବ ଜଗନ୍ନାଥ ଧର୍ମ ଉପରେ ପଡ଼ିଛି । ଯାହାର ଜଗନ୍ନାଥଙ୍କ ପୂଜା ବିଧାନ ବୈଦିକୀ, ତାନ୍ତ୍ରିକ ଓ ମିଶ୍ର ଏଭଳି ତ୍ରିବିଧ ରୂପେ ପ୍ରଚଳିତ । ଜଗନ୍ନାଥଙ୍କ ମନ୍ଦିର ବେଢ଼ାରେ ଶିବଙ୍କ ମନ୍ଦିର ଥିବା ଭଳି, ସେଭଳି ଶାକ୍ତ ମନ୍ଦିର ମଧ ସ୍ଥାନ ଲାଭ କରିଛି । ତେଣୁ ଉତ୍କଳୀୟ ବୈଷ୍ଣବମାନଙ୍କ ଗ୍ରନ୍ଥରେ ଉଭୟ ଧର୍ମର ପ୍ରଭାବ ପ୍ରତିଫଳିତ ହୋଇଥାଏ । ଦ୍ୱାରକା ଦାସଙ୍କ 'ଶିବ ପୁରାଣ'ରେ, ଜଗନ୍ନାଥ ଦାସଙ୍କ 'ତୁଳାଭିଣା', ବଳରାମ ଦାସଙ୍କ 'ଦାଣ୍ଡି ରାମାୟଣ' ଓ ସାରଳା ଦାସଙ୍କ ମହାଭାରତ'ରେ ଶିବଙ୍କ ମାହାତ୍ମ୍ୟ ବର୍ଣ୍ଣନା ରହିଛି ।

ବିଶେଷକରି ଉତ୍କଳରେ ପଞ୍ଚ ଦେବତାଙ୍କ ଉପାସନା ଥିବା ହେତୁ କବିଗଣ ସମନ୍ୱୟ ରକ୍ଷା କଲାଭଳି ନିଜର କାବ୍ୟରେ ଇଚ୍ଛାନୁସାରେ କେତେବେଳେ ବିଷ୍ଣୁ, ପୁନଶ୍ଚ କେତେବେଳେ ଶିବ, ଗଣେଶ, ଦୁର୍ଗା ଆଦିଙ୍କ ସ୍ତବ ଓ ମହିମା ଗାନ କରି ଅଛନ୍ତି । ଓଡିଶୀ ବୈଷ୍ଣବ ଧର୍ମ ଗ୍ରନ୍ଥରେ ଜଗନ୍ନାଥଙ୍କ ଚତୁର୍ଦ୍ଧାମୂର୍ତ୍ତିଙ୍କର ଅପୂର୍ବ ବର୍ଣ୍ଣନାର ସମାବେଶ ଦେଖିବାକୁ ମିଳେ । ଯଶୋବନ୍ତ ଦାସଙ୍କ 'ପ୍ରେମଭକ୍ତି ବ୍ରହ୍ମଗୀତା'- 'ଦେଖ ଯେ ରତ୍ନ ସିଂହାସନ/ କୋଟିୟେ ବ୍ରହ୍ମା ବିଷ୍ଣୁ ମାନ । କୋଟିୟେ ଶାଳଗ୍ରାମ ରୂପ/ ଅଛନ୍ତି ସିଂହାସନେ ଗୋପ୍ୟ । ଓଁ କାର ବ୍ରହ୍ମ ବିନ୍ଦୁ ସେହି/ ଅନନ୍ତ ଶେଷ ଦେବ ସେହି ।' ଦିବାକର ଦାସ ତାଙ୍କ ଜଗନ୍ନାଥ ଚରିତାମୃତ' ଉଲ୍ଲେଖ କରିଛନ୍ତି- 'ଶ୍ରୀ କାର ବଳଦେବ ଜାଣ/ ସୁଭଦ୍ରା ହ୍ଲାଁ ବୀଜ ପ୍ରମାଣ । ରାଧିକା ସଂଯୁକ୍ତ ଅଟନ୍ତି/ କ୍ଲୀଁ ବୀଜ ଜଗନ୍ନାଥ ମୂର୍ତ୍ତି । କୃଷ୍ଣ ହୃଦୟେ ରାଧାକାନ୍ତି/ ପୃଷ୍ଠେ ପ୍ରେମାଙ୍ଗ ତନୁ ଜ୍ୟୋତି । ଶ୍ୟାମଳା ଭାଗେ ସ୍ଥାୟୀ/ ଦକ୍ଷିଣେ ସୁଭଦ୍ରା ଯେ ସେହି ।' ଅଚ୍ୟୁତାନନ୍ଦ ତାଙ୍କ ଶୂନ୍ୟ ସଂହିତା'ରେ ଦର୍ଶାଇଛନ୍ତି- ' ଅବତାର ଦଶ ଏହି ଦାରୁରୂପ/ ଏହି ଦାରୁରେ ସେ ଲୀନ । ଈଶ୍ୱର ସାକ୍ଷାତେ ଲୀଳାର ନିମନ୍ତେ/ ବିଜେ ରତ୍ନ ସିଂହାସନ ।'

ଅଚ୍ୟୁତାନନ୍ଦ ଜଗନ୍ନାଥଙ୍କୁ ପ୍ରଣବ ମୂର୍ତ୍ତିର ପ୍ରତୀକ କହିଛନ୍ତି । ଦଣ୍ଡକ, ତାରକ, କୁଣ୍ଡଳୀ, ନାଦ ଓ ବିନ୍ଦୁ- ଜଗନ୍ନାଥଙ୍କ କଳେବର ଏହି ପଞ୍ଚମାତ୍ରାରେ ଗଠିତ । ଓଁ କାରର ପଞ୍ଚମାତ୍ରା ସହିତ ପଞ୍ଚଯନ୍ତ୍ରର ସାମ୍ୟ ରହିଛି । ଜଗନ୍ନାଥ ହେଉଛନ୍ତି ଏକ ମୂର୍ତ୍ତିଧର, ଯେଉଁଠି କେବଳ ଅନ୍ୟ ସକଳ ମୂର୍ତ୍ତିର ସମାବେଶ ଅର୍ଥାତ୍ ଅନ୍ତର୍ଲୀନତା ଘଟିଛି । ସେହିଁ ସ୍ରଷ୍ଟା ତଥା ସୃଷ୍ଟି ଶକ୍ତି, ସୃଷ୍ଟିର ଉପାଦାନ । ସୃଷ୍ଟିର ପ୍ରଥମ ସ୍ଫୁରଣ ରୂପେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ରୂପେ ରତ୍ନ ସିଂହାସନରେ ଶୋଭା ପାଉଛନ୍ତି । ବାସ୍ତବରେ ବିଶ୍ୱ ସୃଷ୍ଟିର ଏଭଳି ସୂକ୍ଷ୍ମ ପରିକଳ୍ପନା କେଉଁଠି ବୋଧହୁଏ ନଥିବ । ତାଙ୍କର ଚତୁଷ୍ଟୟ ମୂର୍ତ୍ତି ଓ ବର୍ଣ୍ଣ ପରିକଳ୍ପନାରେ ବିଶ୍ୱ ପ୍ରସିରିଣୀ ଦୃଷ୍ଟି ଭଙ୍ଗୀ ନିହିତ, ସେ ବିଶ୍ୱ ସୃଷ୍ଟିର ଆଦର୍ଶଗତ ସୃଷ୍ଟିଧର । ସେଭଳି ଦେଖିବାକୁ ଗଲେ ସ୍ୱୟଂ ଜଗନ୍ନାଥ ଓଁକାର ରୂପୀ । ଜଗନ୍ନାଥ ପଞ୍ଚସଖାମାନଙ୍କୁ ଓଁ କାରର ବିଭିନ୍ନ ସଙ୍କେତିତ କରିଛନ୍ତି - ଆକାର ଅନନ୍ତ, ଉକାର ଅଚ୍ୟୁତ, ଏକାର ଯଶୋବନ୍ତ, ଐକାର ବଳରାମ ଓ ଅକାର ଜଗନ୍ନାଥ ଅଟନ୍ତି । 'ନୀଳଗିରି ଧ୍ୟାନ' ପାଣ୍ଡୁଲିପି ଅନୁସାରେ- 'ଆକାରଂ ଅନନ୍ତଭିଞ୍ଚେ/ ଉକାରଂ ଶ୍ରୁତି ଭାବୟେ/ ଏକାରଂ ଯଶୋବନ୍ତଶ୍ଚ/ ଐକାରଂ ବଳରାମକମ୍/ ଅକାରଂ ଜଗନ୍ନାଥଂଚ/ ପଞ୍ଚମାତ୍ରା ବିଧିୟତେ/ ଏବଂ ପଞ୍ଚ ନଜାନାମି/ ନ ଗୁରୁ ନଚ ବୈଷ୍ଣବ ।'

ବାସ୍ତବରେ ଉତ୍କଳୀୟ ସନ୍ଥ ବୈଷ୍ଣବମାନେ ସ୍ୱଭକ୍ତି ଧର୍ମ ପ୍ରଚାର ମାଧ୍ୟମରେ ଉତ୍କଳର ସାଂସ୍କୃତିକ, ସାମାଜିକ ଓ ଧାର୍ମିକ ଜୀବନକୁ ପରିପୁଷ୍ଟ କରିବାରେ ସଫଳ ଥିଲେ । ବିଶେଷ କରି ଜଗନ୍ନାଥଙ୍କ 'ଭାଗବତ' ଉତ୍କଳୀୟ ଜନଜୀବନରେ ଯେଭଳି ପ୍ରଭାବ ପକାଇଥିଲା ତାହା ଅବର୍ଣ୍ଣନୀୟ । ଶଙ୍କର ଦେବ 'ନାମଘର' ଭଳି ଜଗନ୍ନାଥ ଦାସଙ୍କ 'ଭାଗବତ ଟୁଙ୍ଗି/ ଭାଗବତ ଘର' ଘରେଘରେ ଅଦ୍ୟାବଧି ପୂଜିତ ହେଉଛି । ଜଗନ୍ନାଥଙ୍କ ବଡ଼ଦେଉଳର ପାଚେରୀ ଭିତରେ ବାନ୍ଧି ହୋଇ ରହିଥିବା ଧର୍ମ ଧାରଣାକୁ ବଳରାମଙ୍କ 'ଦାଣ୍ଡି ରାମାୟଣ/ ଜଗମୋହନ ରାମାୟଣ', ଜଗନ୍ନାଥ ଦାସଙ୍କ 'ଭାଗବତ/ ତେଲି ଭାଗବତ' ଗୋଟିଏ ବିରାଟ ଜାତିର ସାକ୍ଷର କେବଳ ନୁହେଁ, ଆଧାତ୍ମିକ ଓ ନୈତିକ ଜୀବନକୁ ବଦଳାଇ ଦେଇଛି କେବଳ ନୁହେଁ ଏବେ ବି ବାନ୍ଧି ରଖିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଭାଗବତ କେବଳ ଭକ୍ତି ଧର୍ମ ରହିତ ନୁହେଁ, ବରଂ ବର୍ଣ୍ଣାଶ୍ରମ ଧର୍ମ, ପ୍ରେମ ଧର୍ମ ଓ ଜୀବଧର୍ମ ଭାବରେ ବ୍ୟକ୍ତି ଓ ଜାତିକୁ ସତ୍ କର୍ମ ଓ ଆଦର୍ଶକୁ ପଥ କଢାଇନେଇଛି । ଅନ୍ୟପକ୍ଷରେ ଦେଖିବାକୁ ଗଲେ ପଞ୍ଚସଖା ଓ ଉତ୍କଳୀୟ ସାଧକମାନେ ଜଗନ୍ନାଥାଦି ଚତୁର୍ଦ୍ଧାମୂର୍ତ୍ତିଙ୍କର ସାଂକେତିକ ରୂପର ପରିଚୟ ଦେଇଛନ୍ତି । ବିଭିନ୍ନ ଧାମର ବର୍ଣ୍ଣ, ରୂପ ଓ ଧର୍ମର ପରିକଳ୍ପନା ଯୌଗିକ ଓ ପାରିଭାଷିକ ଶବ୍ଦ ସାହାଯ୍ୟରେ ଯେପରି ଅବତାରଣା କରିଛନ୍ତି, ସେଭଳି ବର୍ଣ୍ଣ ମାତୃକାର ପରିଚୟ ସହ ଶରୀରସ୍ଥ ବିଭିନ୍ନ ସ୍ଥାନର ପରିକଳ୍ପନା କରିଛନ୍ତି ।

ପଞ୍ଚସଖାମାନେ କେଉଁ ଯୁଗରେ କେଉଁ ମନ୍ତ୍ରର ପ୍ରସିଦ୍ଧ ଅଛି ସେ ସଂପର୍କରେ ସୂଚନା ଦେଇ କହିଛନ୍ତି- ଆଦି ଅନନ୍ତ ଯୁଗରେ 'ଅନନ୍ତ ହରି ମନ୍ତ୍ର, ସତ୍ୟ ଯୁଗରେ ନାରାୟଣ ମନ୍ତ୍ର, ତ୍ରେତୟା ଯୁଗରେ ରାମ ତାରକ ମନ୍ତ୍ର, ଦ୍ୱାପର ଯୁଗରେ ଗୋପାଳ ମନ୍ତ୍ରେ ଓ କଳିଯୁଗରେ ଷୋଳ ଅକ୍ଷରୀ ମନ୍ତ୍ର ଜପ ଦ୍ୱାରା ମୁକ୍ତିଲାଭ ହେବାର ପ୍ରସିଦ୍ଧି ଦର୍ଶାଇ ଅଛନ୍ତି । ଦିନ ରାତି ମୁହୂର୍ତ୍ତାଦିର ଅବଧାରଣାରେ ଏମାନଙ୍କ ଲେଖନୀ ଚଳଚଞ୍ଚଳ ଥିଲା । ଏପରିକି ସୃଷ୍ଟିର ବିଭିନ୍ନ ପର୍ଯ୍ୟାୟରେ ଭଗବାନଙ୍କ ବିଭିନ୍ନ ଅବତାରକୁ ନିର୍ଦ୍ଧାରଣ କରିଛନ୍ତି । ସତ୍ୟରେ ତପସ୍ୟା, ତ୍ରେତୟାରେ ଯଜ୍ଞ, ଦ୍ୱାପରରେ ଲୀଳାରଙ୍ଗ ଓ କଳିରେ ନାମ ସଂକୀର୍ତ୍ତନରେ ମୁକ୍ତିଲାଭ ହେବାର କହିଛନ୍ତି । ମହାଶୂନ୍ୟରୁ ଶୂନ୍ୟ, ଶୂନ୍ୟରୁ ପ୍ରଣବ ଓ ପ୍ରଣବରୁ ଜଗତ ସୃଷ୍ଟି । ଏଭଳି ପରିକଳ୍ପନା ଉପନିଷଦୀୟ ଚିନ୍ତା ନିହିତ । ପଞ୍ଚସଖାମାନେ ମଣ୍ଡୁକ୍ୟ ଓ ଛାନ୍ଦୋଗ୍ୟ ଉପନିଷଦୀୟ ଭାବକୁ ଗ୍ରହଣ କରିବା ସହ ସ୍ୱକୀୟ କଳ୍ପନାରେ ଚିତ୍ରଣ କରିଛନ୍ତି । ସଂକ୍ଷିପ୍ତତା ଦୃଷ୍ଟିରୁ ଏଠାରେ ସେସବୁ ବିଚାର ସାପେକ୍ଷ ନୁହେଁ । ତେବେ ଭକ୍ତିମତ୍ତା ଦୃଷ୍ଟିରୁ ଜ୍ଞାନମିଶ୍ରା ଭକ୍ତିରେ ହରେରାମ କୃଷ୍ଣ ବା ମନ୍ତ୍ର ସାଧନକୁ ଦର୍ଶାଇଛନ୍ତି । କାରଣ ଶିଷ୍ୟ ରୂପ ରାଧା ଭାବରେ ଅନୁପ୍ରାଣିତ ହୋଇ କୃଷ୍ଣଙ୍କୁ ଲାଭ କରିବା । ଏମାନଙ୍କ ମତରେ ସାଯୁଜ୍ୟ ମୁକ୍ତି ହିଁ ସ୍ୱୀକାର୍ଯ୍ୟ ଅଟେ । କିନ୍ତୁ ଶ୍ରଦ୍ଧା ଭକ୍ତି ମାର୍ଗରେ ଭଗବାନଙ୍କ ପ୍ରାପ୍ତି ନିମନ୍ତେ ରାଧାଭାବରେ ଅନୁପ୍ରାଣିତ ହୋଇ କୃଷ୍ଣଙ୍କ ସେବା କରିବା । କୃଷ୍ଣଙ୍କ ସେବା ସେମାନଙ୍କ ପାଇଁ ପରମ ଶ୍ରେୟ, ତେଣୁ ହରେକୃଷ୍ଣ ରାମ ଜପ ବୈଷ୍ଣବ ଧର୍ମର ନିଦର୍ଶନ । ତେଣୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ବେଳେ ଉଭୟ ଉତ୍କଳୀୟ ଓ ଗୌଡୀୟ ବୈଷ୍ଣବମାନେ ମହାନନ୍ଦରେ ନୃତ୍ୟ କରି ହରେକୃଷ୍ଣ ମନ୍ତ୍ରରେ ମଜି ଯାଇଥାନ୍ତି । ବୈଷ୍ଣବ ଧର୍ମ ଦର୍ଶନରେ ଜଗନ୍ନାଥ ଦର୍ଶନ ମିଳିଥାଏ ଅସ୍ୱୀକାର କରିହେବ ନାହିଁ !!!


+ଓଡିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ
ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ଦୂରଭାଷ : ୯୦୪୦ ୧୫୧୪ ୭୫


# ମାନବୀୟ ଲୀଳାରେ ଶ୍ରୀ ଜଗନ୍ନାଥ......




ବିକ୍ରମ କେଶରୀ ନାଥ


ଶ୍ରୀ ଜଗନ୍ନାଥ ହେଉଛନ୍ତି ଓଡ଼ିଆଙ୍କ ଆରାଧ୍ୟ ଦେବତା, ବ୍ୟକ୍ତିଗତ, ପାରିବାରିକ, ସାମାଜିକ, ଜୀବନରେ କାଳିଆକୁ ସବୁବେଳେ ଭକ୍ତ ଟିଏ ସାଥିରେ ରଖିଥାଏ । ଶ୍ରୀ ଜଗନ୍ନାଥଙ୍କୁ ନେଇ ଓଡ଼ିଆଙ୍କ ଜନ ଜୀବନ ବିକଶିତ ଓ ସୁରଭିତ । ସେ ଓଡ଼ିଆଙ୍କ ଏକାନ୍ତ ଆପଣାର ଯଥା, ଇଷ୍ଟ, ବନ୍ଧୁ, ସହୋଦର, ପିତା, ମାତ, ଗୁରୁ, ମନ ଆତ୍ମା ସର୍ବୋପରି ପ୍ରାଣର ଠାକୁର । ବଡ଼ ଦାଣ୍ଡରେ ଠିଆ ହୋଇ ପତିତପାବନ ଦର୍ଶନ କରି ବଡ ଦାଣ୍ଡ ଧୂଳି ମୁଣ୍ଡରେ ମାରିଲେ କେତେଯେ ଆନନ୍ଦ ଅନୁଭବ ମିଳେ ତାହା ଅବର୍ଣ୍ଣନୀୟ ।

ହେ କରୁଣା ସାଗର ତୁମେ ହେଉଛ ବିଶ୍ୱାସର ଠାକୁର । ବିଶ୍ୱାସ ମିଳଇହରି ତର୍କେ ବହୁଦୂର । ତୁମକୁ ନେଇ କାହାଣୀ କି କିମ୍ବଦନ୍ତିର ଅନ୍ତ ନାହିଁ । ତୁମକୁ ନେଇ ଓଡ଼ିଆ ଗର୍ବ କରେ ଜଗନ୍ନାଥ ଧାମର ଲୋକ ବୋଲି ଛାତି ଫୁଲେଇ କୁହେ । ମୁଖ ରେ ତୁମ ନାମ ନିଏ ଦୁଃଖରେ ତୁମକୁ ସ୍ମରଣକରେ, ସର୍ବ ମଙ୍ଗଳେ ଜଗନ୍ନାଥ କହି ତୁମକୁ ସାକ୍ଷୀ ରଖି ବିବାହ, ବ୍ରତ ପ୍ରଭୃତି ଶୁଭ କାମ ସବୁ କରେ ।

ହେ ମୋହାବାହୁ ଆଶ୍ଚର୍ଯ୍ୟ ତୁମର ଲିଳା, ସାରା ଜଗତର କର୍ତ୍ତା ହୋଇ ମଧ ତୁମେ ଯେମିତି ସାଧାରଣ ଲୋକଟିଏ । ତୁମେ ନ ଚାହିଁଲେ ଗଛର ପତ୍ରଟିଏ ବି ହଲି ନ ଥାଏ । ସାଧାରଣ ମଣିଷ ପରି ତୁମର କାରବାର ।



ମଣିଷଙ୍କ ପରି ତୁମେ ନିଦରେ ଶୁଅ (ପହୁଡ଼ )ଦାନ୍ତ ଘଷ (କାଠି ଲାଗି) ଭୋଜନ କର ( ମଣୋହି ) ବେଶ ହୁଅ (ବଡ଼ ସାଂଘାର)ଗୀତ ଗୋବିନ୍ଦ ଶୁଣ, ବୁଲିଯାଅ ରଥଯାତ୍ରା, ମଣିଷଙ୍କ ପରି ନିଜର ଜନ୍ମଭୂମି ଗୁଣ୍ଡିଚା ଘରକୁ ଯାଅ । ଦେବ ସ୍ଥାନ ପୁର୍ଣିମାରେ ପୁଣି ଗ୍ରୀଷ୍ମର ତାପ ସହି ନ ପାରି ଶହେ ଆଠ ଗରା ସୁବାସିତ ଜଳରେ ସ୍ନାନ କର । ମଣିଷ ପରି ତୁମକୁ ଜ୍ୱର ହୁଏ ଅଣସର ଘରେ ରହି ଔଷଧ ସେବନ କରନ୍ତି । ଦଇତା ପତି ତୁମକୁ ଆତ୍ମୀୟଙ୍କ ପରି ସେବା କରନ୍ତି । ତୁମେ ପୁଣି ସୁସ୍ଥ ହୋଇ ଭକ୍ତଙ୍କୁ ନବଯୌବନ ଦର୍ଶନ ଦିଅ । ଭାଇ ଭଉଣୀ ଙ୍କୁ ନେଇ ରତ୍ନବେଦୀରୁ ଜନ୍ମ ବେଦୀକୁ ଯାତ୍ରା କର । ଭାଇ ଭଉଣୀଙ୍କୁ ସାଙ୍ଗରେ ନେଇ ଥିବାରୁ ଲକ୍ଷ୍ମୀ ପୁଣି ସାଧାରଣ ନାରୀ ଟିଏ ପରି ରାଗରେ ତୁମ ରଥର କାଠ ଭାଙ୍ଗି ଦିଅନ୍ତି । ମନ୍ଦିର ଫେରିଲା ବେଳକୁ ଚାହାଣି ମଣ୍ଡପ ରୁ ଚାହିଁ ଦେଇ ଦ୍ୱାର ବନ୍ଦ କରିଦିଅନ୍ତି । ତୁମେ ପୁଣି ଅଭିମାନ ଭାଙ୍ଗିବାକୁ ଯାଇ ରସଗୋଲା ଉପହାର ଦିଅ । ରୂପ ଓ ବେଶ ଭୁଷାରେ ତୁମ ପରି କିଏ ହେବ । ତୁମ ରତ୍ନ ଭଣ୍ଡାରରେ ମହଣ ମହଣ ସୁନା ଥିବା ବେଳେ ତୁମ ମୂର୍ତ୍ତି ଗଢ଼ା ହୁଏ କାଠରେ ସେଥିପାଇଁ ତୁମେ ଦାରୁବ୍ରହ୍ମ । ବଡ଼ ବିଚିତ୍ର ତୁମ ରୀତି ନିତି, ପ୍ରତି ଯୋଡ଼ା ଆଶାଢରେ ତୁମର ନବକଳେବର ହୁଏ, ରଙ୍ଗ ରୂପରେ ତୁମେ ପୁଣି ଏକକା ଧଳା, କଳା, ହଳଦିଆ, ପୃଥିବୀର ଏହି ତିନି ରଙ୍ଗରେ ମଣିଷଙ୍କର ଅପୂର୍ବ ସମନ୍ୱୟ ହୋଇଛି । ତୁମ ବଡ଼ ଦେଉଳର ରୀତି ନିତି ମନେ ହୁଏ ବିଭିନ୍ନ ଶାସନ ଗତ ନିୟମ ଭିତରେ ଥିବା ରାଜ୍ୟ ଭିତରେ ଏହା ଗୋଟିଏ ନୂତନ ରାଜ୍ୟ । ଯାହା ସହଶ୍ରା ଧିକ ନିତି ନିୟମକୁ ନେଇ ଗଠିତ । ସକାଳ ର ମଙ୍ଗଳ ଆଳତିଠାରୁ ଆରମ୍ଭ ହୋଇ ରାତିର ବଡ଼ସିଂହର ପର୍ଯ୍ୟନ୍ତ ତୁମର ଯେ କେତେ ରୀତି ନିତିକ୍ଷ ସବୁ ସେବା ପାଇଁ ତୁମର ଅଲଗା ଅଲଗା ସେବାୟତ । ସମସ୍ତେ ନିଜର ଦ୍ୱାୟିତ ତୁଲାନ୍ତି, ତୁମ ମନ୍ଦିରରେ ବାର ମାସରେ ତେର ପର୍ବ । ପୁଣି ତୁମ ବେଶ ଅଲଗା ।

ତୁମ ଛପନ ପଉଟି ଭୋଗ କୁ କିଏ ସରିହେବ ଏହି ସବୁ ସୁସ୍ୱାଦ ଖାଦ୍ୟ କୁ ପୋଡ଼ ପିଠା, ଗଜା, ଅମାଲୁ, ଅଭଡ଼ା, ଡାଲି, ଡାଲମା, ମହୁର, ବେସର, ଏସବୁ ଭୋଗ ଅପୂର୍ବ ଏବଂ ଅନନ୍ୟ । ସେଥିପାଇଁ ତ ଏହା ଖାଲି ପ୍ରସାଦ ନୁହେଁ ମହାପ୍ରସାଦ । ହେ ଚକ୍ରଧାରୀ ତୁମ ପରି ଦେବତା ଏହି ମହି ମଣ୍ଡଳରେ ନାହାନ୍ତି । ତୁମେ ଅଛ ବୋଲି ଭକତ ମନରେ ଅସରନ୍ତି ଶକ୍ତି । ଭକ୍ତର ତୁମେ କେତେବେଳେ ଅନିଷ୍ଟ ହେବାକୁ ଦେଇନ ସବୁବେଳେ ତୁମେ ସଂଖ୍ୟରେ ପୁରେଇ ଚକ୍ର ଅଢୁଆଳ ରଖିଥାଅ । ତୁମେ ବି କେବେ ଭକ୍ତକୁ ନିରାଶ ହେବାକୁ ଦେଇନ, ସେଥିପାଇଁ ତ ଲକ୍ଷେ ଯୋଜନରୁ ଗଜର ଡାକ ଶୁଣି ଚକ୍ର ପେଷି ନର୍କକୁ ନାଶ କରିଥିଲେ । ତୁମେ ଭକ୍ତର ଭାବରେ ଅଧୀନ ତୁମ ପରି କିଏ କିଏ ହେବ ପ୍ରଭୁ ।


+ଗୋପାଳପୁର, ମାହାଙ୍ଗା, କଟକ
ମୋ:୯୩୩୭୩୦୯୬୭୯


## ରଥ ଯାତ୍ରା..


ଶୁଭଶ୍ରୀ ମହାପାତ୍ର




ଜଗତ ଈଶ୍ୱର ସମଗ୍ର ବିଶ୍ୱର
କଲ୍ୟାଣ କରିବା ପାଇଁ,
ରତ୍ନମଣ୍ଡପରୁ ଆଡପ ମଣ୍ଡପ
ଚାହିଁଲେ ଜଗତ ସ୍ୱାଇଁ..
ହଲେଇ ଟାହିଆ କରନ୍ତି ବାଇଆ
ପହଣ୍ଡିର ବିଜେ ବେଳେ,
ରଥଯାତ୍ରା ଶୁଭ ଦେବଙ୍କ ଦୃଲଭ
ଜଗତ ନିହାରେ ହେଲେ
ନବ ନିଧି ଛାଡି ନନ୍ଦୀ ଘୋଷ ଚଢ଼ି
ଘୋର ନାଦେ ବାହାରନ୍ତି,
ସର୍ବ ଭାବଗ୍ରାହୀ ପ୍ରିୟ ଭକ୍ତ ପାଇଁ
ନବ ନିଧି ଦାନ ଦିଅନ୍ତି,
ନବ ଗ୍ରହ ରୁପି ନବ ଦିନ ବ୍ୟପୀ
କରିଥାନ୍ତି ଘୋଷ ଯାତ୍ରା,
ରତ୍ନ ବେଦୀଠାରୁ ଜନ୍ମବେଦୀ ଯାଏ
ବଢ଼େ ଭକ୍ତଙ୍କ ମାତ୍ରା,
ଗୁଣ୍ଡିଚା ସାଆନ୍ତାଣି ହୋଇକି ବାଇଆଣି
ସରାଗେ ସ୍ୱାଗତ କରେ,
ମାଉସୀ ସିଆଣି ମା ଅର୍ଦ୍ଧ ଶୋଷିନୀ.
ପୋଡ଼ ପୀଠାଦିଏ ଶ୍ରଦ୍ଧାରେ,
ଶ୍ରଦ୍ଧା ଦେବି ରାଣୀଙ୍କ ମନ ଜାଣି
ଶରଧା ବାଲିରେ ରୁହ,
ଚଉରାଅଶି ଚକ ଯାତ୍ରା କରନ୍ତି
ଭକ୍ତ ସଂଗେ ସଦା ରୁହ,
ତାଳ ଦ୍ୱଜ ରଥ ପଦ୍ମ ଦ୍ୱଜ ପଥ
ଚକ୍ର ଦ୍ୱଜ ଦେଖାଯାନ୍ତି
ସତେଇସଶୀ ପାର୍ଶ ଦେବା ଦେବି ସଙ୍ଗେ
ଯାତ୍ରା ପୂର୍ଣ୍ଣ କରିଥାନ୍ତି.....


+ଶବଳକଣା, ମାହାଙ୍ଗା, କଟକ


## ରଥ


ଜଗଦୀଶ ସାହୁ




ତାଳଧ୍ୱଜ ନନ୍ଦିଘୋଷ ଦେବଦଳନ
ତିନି ରଥଙ୍କର ମନ ଭାରୀ ଉଛନ୍ନ
ବରଷକେ ଥରେ ଆସେ ରଥଯାତରା
ସାଜସଜ୍ଜାରେ ସଭିଏଁ ଦିଶିବେ ତୋରା
ଚଉଦ ଚକରେ ତାଳଧ୍ୱଜଟି ଗଢ଼ା
ଦେହ ଢାଂକିଛି ସବୁଜ ନାଲି କପଡା
ମାତଲୀ ସାରଥୀ ରଥ ବାହି ନେଉଛି
ବଡଭାଇ ବଳରାମ ବିଜେ ହୋଇଛି
ବାରଟି ଚକରେ ଗଢ଼ା ଦେବଦଳନ
ନାଲି କଳା ରଙ୍ଗ ସାରଥୀଟି ଅର୍ଜୁନ
ବିଜେ କରିଛନ୍ତି ସେ ସୁଭଦ୍ରା ଭଉଣୀ
ସୁଦର୍ଶନ ସେ ରଥରେ ଅଛନ୍ତି ପୁଣି
ଷୋହଳ ଚକରେ ନନ୍ଦିଘୋଷ ଶରୀର
ନାଲି ହଳଦିଆ ରଙ୍ଗ କେଡେ ସୁନ୍ଦର
ଜଗା ବସିଅଛି ନନ୍ଦିଘୋଷ କୋଳରେ
ଦାରୁକ ସାରଥୀ ରଥ ବାହୁଛି ଧିରେ
ରଥ ପଥ ନେତ ସବୁ ହୁଅନ୍ତି ଖୁସି
ଆକାଶରୁ ବର୍ଷା ଟୋପା ପଡୁଛି ଖସି
ଆଗେ ବଡଭାଇ ମଝିରେ ଭଉଣୀ
ଭକତ ଭିଡରେ ଯାଏ ଶ୍ରୀକ୍ଷେତ୍ରମଣି
ଭକତ ନିମନ୍ତେ ତାର ଗୁଣ୍ଡିଚା ଯାତ
ସେ ଲାଗି କାଳିଆ ପରା ଜଗତନାଥ


+ସଞ୍ଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬


## ମହାବାହୁ


ସୁବ୍ରତ ପଢ଼ିଆର




ଆଖିରେ ନଥାଏ ପଲକ ଯାହାର
ଶୋଇବ କିପରି ସିଏ
ନିଦରେ ଶୁଆଇ ସାରା ଜଗତକୁ
ସଦା ଉଜାଗର ଥାଏ ।
କହନ୍ତି ସମସ୍ତେ ଷାଠିଏ ପଉଟି
ଏକା ଏକା ବସି ଖାଏ
ସତକଥା କିଛି ଖାଏ ନାହିଁ ସିଏ
ବାସନା କେବଳ ପାଏ ।
ସୁଖ ତା' ଜୀବନେ ପାଏନାହିଁ କେବେ
ସବୁ ସୁଖ ଦିଏ ବାଣ୍ଟି
ଆଖିରୁ ଲୋତକ ପୋଛଇ ସଭିଙ୍କ
ଦୁଃଖକୁ ନିଏ ସାଉଁଟି ।
ଯେତେ ଦୁଃଖ ଦେଲେ ଦିଅ ଦୀନବନ୍ଧୁ
କରିବିନି କେବେ ଅଭିମାନ
ଝୁଣ୍ଟିବା ଆଗରୁ ଧରି ନେବ ହାତ
ଏତିକି ମୋର ନିବେଦନ ।
ଜାଣେନାହିଁ ଭକ୍ତି ନାହିଁ ମୋର ଶକ୍ତି
କରିବାକୁ ତୁମ ଅର୍ଚ୍ଚନା
ଦିଅ ପାଦଧୂଳି ଦୁଃଖି ଧନମାଳି
ଏତିକି ମୋର ପ୍ରାର୍ଥନା ।
ପାପୀ ବୋଲି ମୋତେ କରିଦେଲେ ଆଡ଼
ମୋର ପାପ କିଏ ହରିବ
କେତେ କେତେ ପାପୀ ଉଦ୍ଧାର ପାଇଲେ
ମୋତେ ଆଉ କିଏ ତାରିବ ।
ଯେତେ ଆଡ଼ କଲେ ନମାନି ଆସିବି
ବସିବି ତୁମ ସିଂହଦୁଆରେ
ପତିତପାବନେ ତୁମ ନେତ ଦେଖୁଥିବି
ଭୋଳୁଥିବି ତୁମ ନାଁରେ ।


ତୃତୀୟ ବର୍ଷ
ସ୍ନାତକ ରାଜନୀତି ବିଜ୍ଞାନ ବିଭାଗ ଛାତ୍ର
+ରାଜ-ବରହମପୁର,
ନୀଳଗିରି, ବାଲେଶ୍ୱର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବ୍ୟାଙ୍କ୍ ସେବା...

ଓଡ଼ିଶାରେ ଆର୍ଥିକ କାରବାର ମୁଖ୍ୟତଃ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ମାତ୍ର ବ୍ୟାଙ୍କ୍ ସେବାରେ ଯେଉଁଭଳି ସମସ୍ୟାର ଚିତ୍ର ମିଳିଛି, ତାହା ସୂଚିତ କରୁଛି ଯେ, ସଂରଚନାରେ ଯେମିତି ସମସ୍ୟା ରହିଛି, ଯେତେ ଚେଷ୍ଟା କଲେ ସୁଦ୍ଧା ତାହା ସୁଫଳ ହେବ ନାହିଁ । ଯଦି ବି' ପୂରା ଦମ୍‌ରେ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ଉଦ୍ୟମ ହୁଏ କୁହାଯାଉଛି ଯେ ସେଥିପାଇଁ ପାଖାପାଖି ଶହେ ବର୍ଷ ଲାଗିଯିବ । ଏହା ବସ୍ତୁନିଷ୍ଠ ତଥ୍ୟାବଳୀ ଆଧାରରେ କୁହାଯାଉଛି । ନିକଟରେ ଅନୁଷ୍ଠିତ ବ୍ୟାଙ୍କର୍ସମାନଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକରେ କରାଯାଇଥିବା ତର୍ଜମାରୁ ଏହା ଜଣାଯାଇଛି । ସହାରାଞ୍ଚଳରେ ଏମିତିରେ ବ୍ୟାଙ୍କ୍ ଶାଖାଗୁଡ଼ିକ ମନ୍ଥର ଗତିରେ ଖୋଲୁଛି । କିନ୍ତୁ ତାହା ଗ୍ରାମାଞ୍ଚଳରେ ସମ୍ଭବ ହେଉନାହିଁ । ଦେଖିବାକୁ ଗଲେ ସହର ଅପେକ୍ଷା ଗ୍ରାମାଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବାର ଆବଶ୍ୟକତା ଅଧିକ । ସହରାଞ୍ଚଳରେ ବିଭିନ୍ନ ବ୍ୟାଙ୍କ । ଶାଖାମାନ କାର୍ଯ୍ୟ କରୁଛନ୍ତି । କିନ୍ତୁ ଗ୍ରାମାଞ୍ଚଳରେ ରହୁଥିବା ବାସିନ୍ଦାଙ୍କୁ ସେହି ସୁବିଧା ମିଳିବା କଷ୍ଟକର । ତାହାର ମଧ ଅନେକ କାରଣ ରହିଛି । ମନ୍ଥର ଗତିରେ ଚାଲିଥିବା ଭିତ୍ତିଭୂମି ଯେମିତି ବାଧକ ସାଜିଛି, ତାହା ବର୍ଣ୍ଣନାର ବାହାରେ । ଏକ ହିସାବ କହୁଛି: ରାଜ୍ୟରେ ୭୬୦୫ଟି ଶାଖା ଖୋଲିବାର ଆବଶ୍ୟକତା ଥିବାବେଳେ ବର୍ଷକରେ ଖୋଲୁଛି ମାତ୍ର ୭୦ଟି । ପଞ୍ଚାୟତକୁ ଭଲ ତ' ଦୂରର କଥା, ମାମୁଲି ରାସ୍ତା ନାହିଁ । ଯେଉଁଠି ରାସ୍ତା ଥିବ, ସେଠାରେ ନାହିଁ ଇଣ୍ଟରନେଟ୍ ସଂଯୋଗ । ଏହି ଅବ୍ୟବସ୍ଥା ଭିତରେ ଚାଲିଛି ରାଜ୍ୟରେ ବ୍ୟାଙ୍କ୍ ସମ୍ପ୍ରସାରଣ । ସବୁ କିଛି ଅସୁବିଧା ଭିତରେ ଆର୍ଥିକ କାରବାର ନେଇ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଏଟିଏମ୍ ସେବା ତ' ଦୂରର କଥା, ଲୋକମାନଙ୍କ ଦ୍ୱାର ମୁହଁରେ କିଭଳି ବ୍ୟାଙ୍କ୍ ସେବା ପହଞ୍ଚାଯାଇପାରିବ, ସେହି ପ୍ରଶ୍ନ ବହୁଦିନ ଧରି ରହିଛି ଅସମାହିତ । ରାଜ୍ୟବାସୀଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇ ଦେବା ନିମନ୍ତେ ଏକାଧିକ ବ୍ୟାଙ୍କ୍ ସକ୍ରିୟ ଅଛନ୍ତି । କିଛି ବ୍ୟାଙ୍କ କାରବାର ବୃଦ୍ଧି ଓ ସମ୍ପ୍ରସାରଣ ଲାଗି ପଦକ୍ଷେପ ନେବା ଭିତରେ ସମ୍ମୁଖୀନ ହେଉଥିବା ସମସ୍ୟା ସାମୟିକ, ତାତ୍କାଳିକ କିମ୍ବା ଦୀର୍ଘକାଳୀନ ରହୁଛି । ଯେହେତୁ ଗ୍ରାହକଙ୍କ ସଂଖ୍ୟା ସୀମିତ, ତାହା ସମ୍ପ୍ରସାରଣ କ୍ଷେତ୍ରରେ ବାଧକ ସାଜୁଛି । ସହରାଞ୍ଚଳ କଥା ବାଦ୍ ଦେଲେ ଦୁର୍ଗମ ମଫଲ ଓ ଉପାନ୍ତ ଅଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବା ପହଞ୍ଚାଯିବା ଦୁରୂହ ହୋଇପଡୁଛି । କୁହାଯାଉଛି, ଆମ ରାଜ୍ୟର ଏଗାର ହଜାର ଗାଁରେ ଏବେ ବି ମୋବାଇଲ ନେଟ୍‌ୱାର୍କ ଅପହଞ୍ଚ ରହିଛି । ସୁତରାଂ, ଲୋକଙ୍କ ଘର ପାଖରେ ଟଙ୍କା ଉଠାଣ କି' ଜମା କରିବା ସୁବିଧା କିଭଳି ଉପଲବ୍ଧ ହୋଇପାରିବ ? ପଞ୍ଚାୟତ ସ୍ତରରେ ଆନୁଷଙ୍ଗିକ ସୁବିଧା ନଥିବାରୁ ସ୍ଥାୟୀ ଶାଖା ସ୍ଥାପନ କରିବାକୁ କୌଣସି ବ୍ୟାଙ୍କ୍ ଆଗଭର ହେଉ ନାହାନ୍ତି । ରାଜ୍ୟର ୪୦୫୬ଟି ପଞ୍ଚାୟତରେ ଏଭଳି ସ୍ଥିତି ରହିଛି । ହିସାବ କହୁଛି, ଲକ୍ଷେ ଲୋକସଂଖ୍ୟାରେ ମାତ୍ର ତେରଟି ଶାଖା ଉପଲବ୍ଧ । ଯଦି ଅବସ୍ଥା ଏହି ଭାବରେ ରହେ, ଯେମିତି ଆଶଙ୍କା କରାଯାଉଛି, ସବୁ ସୁବିଧା ଥିବା ସତ୍ତ୍ୱେ ଉଭୟ ସରକାରୀ ଓ ଘରୋଇ ବ୍ୟାଙ୍କର ନେଟ୍‌ୱାର୍କ କାମ କରିବା ଭଳି ସ୍ଥିତିକୁ ଆସିବା ପାଇଁ ଆହୁରି ଶହେବର୍ଷ ସମୟ ଲାଗିବ । ଉଭୟ ସରକାରୀ ଓ ଘରୋଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ କହିବା କଥା, ଉପଯୁକ୍ତ ସୁବିଧା ସୃଷ୍ଟି ନହେଲେ ବ୍ୟାଙ୍କିଙ୍ଗ୍ ସେବା ପ୍ରକୃତ ଲକ୍ଷ୍ୟ ପୂରଣ କରିପାରିବ ନାହିଁ । ଏଭଳି ଯୁକ୍ତି ପଛରେ ରହିଛି ଯଥାଯଥ କାରଣ । ପୂର୍ବେ ପ୍ରଯୁକ୍ତିବିଦ୍ୟାର ପ୍ରସାର ନଥିଲା, ସବୁ କଥା ମାନୁଆଲ୍ ଢଙ୍ଗରେ ସଂପାଦିତ ହେଉଥିଲା । ଏବେ ସହରାଞ୍ଚଳରେ ଯେଉଁ ଭଳି କ୍ଷୀପ୍ରତାର ସହିତ କାର୍ଯ୍ୟ ହେଉଛି, ତାହା ଗ୍ରାମାଞ୍ଚଳରେ ସମ୍ଭବ ହେଉନାହିଁ । କେବେ ଏହା ସମ୍ଭବ ତାହା କୁହାଯିବା ସମ୍ଭବ ନୁହେଁ । ଗତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟରେ ୫୫୩୭ଟି ସ୍ଥାୟୀ ବ୍ୟାଙ୍କ ଶାଖା ଥିଲା । ତାହା ବର୍ଷକରେ ବଢ଼ି ହୋଇପାରିଛି ୫୬୦୭ଟି । ବର୍ଷକ ଭିତରେ ମାତ୍ର ସତୁରିଟି ଶାଖା ନୂଆ ବ୍ୟାଙ୍କ୍ ଖୋଲି ପାରିଛି । ସେହି ଗୁଡ଼ିକରୁ ଅଧିକାଂଶ ସହରାଞ୍ଚଳରେ ଥିବାରୁ ଗ୍ରାମାଞ୍ଚଳରେ ସେଭଳି କିଛି ପରିବର୍ତ୍ତନ ଦେଖିବାକୁ ମିଳିନାହିଁ । ଦେଶରେ ପ୍ରତି ଲକ୍ଷେ ଲୋକସଂଖ୍ୟାରେ ୧୮ଟି ବ୍ୟାଙ୍କ୍ ଓ ୨୩ଟି ଏଟିଏମ୍ ଶାଖା ରହିଛି । ତାହା କଦାପି ଜନସଂଖ୍ୟା ତୁଳନାରେ ଆଶାନୁରୂପ ବୋଲି କୁହାଯାଇନପାରେ । ଆମ ରାଜ୍ୟରେ ପ୍ରତି ଲକ୍ଷେ ଜନସଂଖ୍ୟାରେ ୧୩ଟି ବ୍ୟାଙ୍କ ଥିବାବେଳେ ୧୮ଟି ଏଟିଏମ୍ କାଉଣ୍ଟର ଅଛି । ଏହା ଜାତୀୟ ହାର ତୁଳନାରେ ଯଥେଷ୍ଟ ନୁହଁ ବୋଲି କୁହାଯାଇପାରିବ । ପ୍ରମୁଖ ବ୍ୟାଙ୍କ୍ ଭିତରୁ ଆନୁଷଙ୍ଗିକ ଭିତ୍ତିଭୂମି ଓ ସୁବିଧା ସୁଯୋଗ ଚାହୁଁଥିବା ଅନୁଷ୍ଠାନଗୁଡ଼ିକ ସଂଖ୍ୟା କମ୍ ନୁହେଁ । ଏ ବାବଦରେ ରାଜ୍ୟ ଓ କେନ୍ଦ୍ର ଭିତରେ ତର୍ଜମା ପୂର୍ବକ ଫଳପ୍ରଦ ପଦକ୍ଷେପ ଗ୍ରହଣ ଦିଗରେ ଅଧିକ ସମନ୍ୱୟର ଆବଶ୍ୟକତା ରହିଛି । ତାହାହେଲେ ସହର ଓ ଗ୍ରାମାଞ୍ଚଳ ଭିତରେ ରହିଥିବା ଅସନ୍ତୁଳନ ଦୂର ହୋଇପାରିବ ବୋଲି ଅର୍ଥଶାସ୍ତ୍ରୀମାନେ ବିଚାର କରନ୍ତି ।

## ସର୍ବେ ସନ୍ତୁଃ ନିରାମୟା

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର





ଡାକ୍ତର ଦିବସ ଉପଲକ୍ଷେ

ସଭ୍ୟତାର ଶ୍ରୀବୃଦ୍ଧି ସହିତ ମନୁଷ୍ୟର ସ୍ୱାସ୍ଥ୍ୟ ସଚେତନତା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅଭୂତପୂର୍ବ ଉନ୍ନତି ଘଟିଛି। କିନ୍ତୁ ଠିକ୍ ସେହିଭଳି ଭାବରେ ଅବହେଳା ହୋଇଛି ମନୁଷ୍ୟର ଅସ୍ତିତ୍ୱର ଆଚାର ଅର୍ଥାତ୍ ସଦାଚାର। ସ୍ୱାସ୍ଥ୍ୟ ଓ ସଦାଚାର ଏପରି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଯେ ଗୋଟିକର ଅବହେଳାରେ ଅନ୍ୟଟି ମଧ କ୍ଷତିଗ୍ରସ୍ତ ହୁଏ। ତେଣୁ ଆଜିକାଲି ବିଶେଷ ଭାବରେ ଦେଖାଯାଏ ଯେ ମନୁଷ୍ୟ ସ୍ୱାସ୍ଥ୍ୟ ସଚେତନ ହୋଇ ମଧ ସଦାଚାର ହୀନତା ନିମିତ୍ତ ନାନା ପ୍ରକାର ଦୁରାରୋଗ୍ୟ ବ୍ୟାଧିର ଆକ୍ରମଣରେ ପୀଡ଼ିତ, ଶଙ୍କିତ ଓ ବ୍ୟତିବ୍ୟସ୍ତ। ମାନବ ସମାଜର ମାନସିକ ଓ ସାମାଜିକ ଅବକ୍ଷୟର ପଟ୍ଟଭୂମିରେ ସ୍ୱାସ୍ଥ୍ୟ-ସଦାଚାର ଓ ଚିକିତ୍ସା ଚିକିତ୍ସକ ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଦିଗ୍‌ଦର୍ଶନ ଏତେ ପ୍ରାସଙ୍ଗିକ, ମୌଳିକ ଓ ବିଜ୍ଞାନ ସମ୍ମତ ଯେ ତାହା ବିଂଶଶତାବ୍ଦୀର ଏକ ଆଶ୍ଚର୍ଯ୍ୟଜନକ ପରିପ୍ରକାଶ। ଏଗୁଡ଼ିକର ସୁନିଷ୍ଠ ପ୍ରୟୋଗ ଓ ପରିପାଳନ ବର୍ତ୍ତମାନ ସଂକଟମୟ ଅବସ୍ଥାରୁ ତ୍ରାଣଲାଭ କରିବାର ଏକମାତ୍ର ସହଜତମ ପଥ - ଏ ବିଷୟରେ ସନ୍ଦେହର ଅବକାଶ ନାହିଁ। ୨୦.୧୦-୧୯୩୯ ମସିହାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସଦାଚାର ସମ୍ବନ୍ଧରେ କହିଛନ୍ତି - ପ୍ରତ୍ୟେକ ସଦାଚାର ନୀତିର ସ୍ୱାସ୍ଥ୍ୟକର ଫଳ ଅଛି। ଅଜ୍ଞାତ କୁଳଶୀଳ କାହା ହାତରେ ଖାଇବା ଠିକ୍ ନୁହେଁ। ଶରୀର ନିମିତ୍ତ ଖାଦ୍ୟପେୟ ସମ୍ବନ୍ଧରେ ବିଶେଷ ସାବଧାନ ହେବା ଆବଶ୍ୟକ। କେଉଁ ବ୍ୟକ୍ତିର କଣ ରୋଗ ଅଛି ତାହା ଜଣାନାହିଁ। ଜଣେ ହୁଏତ ସଂକ୍ରମଣ ସହନଶୀଳ, କିନ୍ତୁ ତା ହାତରୁ ଅନ୍ୟମାନେ ଖାଇଲେ ସଂକ୍ରମଣ ବ୍ୟାପିବାର ସମ୍ଭାବନା ଅଛି। ସ୍ୱପାକ ହିଁ ଶ୍ରେୟ। ଦୋକାନରେ ନଖାଇବା ହିଁ ଭଲ। ସଦାଚାର ବିହୀନ ବିପ୍ର ହାତରେ ମଧ ଖାଇବା ନିଷେଧ। ଅନ୍ୟ ବିଛଣାରେ ଶୋଇବା ଉଚିତ ନୁହେଁ। ଅନ୍ୟ ବ୍ୟକ୍ତିର ଲୁଗା ପିନ୍ଧିବା ମଧ ନିଷେଧ। ଗୋମୟରେ ଘର ଲିପିଲେ ଏଥିରେ ବହୁତ ଜୀବାଣୁ ନଷ୍ଟ ହୋଇଯାଆନ୍ତି। ସ୍ୱପାକରେ କଷ୍ଟ ହୁଏ କିନ୍ତୁ ନଷ୍ଟ ହୁଏ ନାହିଁ। ଶରୀରକୁ ସହନପଟୁ ଓ ପ୍ରକୃତି ସଙ୍ଗେ ଖାପ ଖୁଆଇ ନେବା ଉଚିତ। ଶରୀରକୁ ଇଷ୍ଟପୂଜାର ଯନ୍ତ୍ର ହିସାବରେ ବ୍ୟବହାର କରି ସୁସ୍ଥ ଓ ସହନପଟୁ ରଖିବା ଉଚିତ ଓ ଏହି ଦୃଷ୍ଟିଭଙ୍ଗୀ ନେଇ ଚାଲିବା ଉଚିତ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ପ୍ରକାଶ କଲେ - ମୋର ମନେହୁଏ ମନୁଷ୍ୟ ଯଦି କଠୋର ପରିଶ୍ରମ କରେ, ଠିକ୍ ଭାବରେ ନାମଧ୍ୟାନ କରେ, ମାନସିକ ଶାନ୍ତି ଯଦି ବଜାୟ ରଖେ, ତେବେ ଡାଲମା ଭାତ ହିଁ ଯଥେଷ୍ଟ ପୁଷ୍ଟିକାରକ ହୋଇଉଠେ। ସଦାଚାର ସମ୍ବନ୍ଧରେ ବର୍ଣ୍ଣନା କରିବାକୁ ଯାଇ କଲ୍‌କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି (୮.୯.୧୯୪୨) - ପରିସ୍ରା ପରେ ପାଣି ନେବ, ନାକ ଓ ମୁହଁରେ ଆଙ୍ଗୁଳି ଦେଇ ହାତ ଧୋଇବ, ଅନ୍ୟର ବ୍ୟବହୃତ ଜିନିଷ ଯଥା ଜାମା, ଲୁଗା, ଗାମୁଛା, ବିଛଣା ଇତ୍ୟାଦି ବ୍ୟବହାର କରିବ ନାହିଁ, ଝାଡ଼ା ଯିବା ପରେ ଖୁବ ଭଲ କରି ସଫା ହେବ, ନିତ୍ୟ ବ୍ୟବହୃତ ଜିନିଷ ଗୁଡ଼ିକ ସବୁ ସମୟ ପରିଷ୍କାର ପରିଚ୍ଛନ୍ନ ରଖିବ, ଅସୁଖ-ବିସୁଖ ହେଲେ ରୋଗର ସଂକ୍ରମଣ ଯେପରି ନ ବଢ଼େ ସେଥିପ୍ରତି ସଜାଗ ରହିବ, ଅନ୍ୟର ଅଇଁଠା ଖାଇବ ନାହିଁ, ଗୋଟିଏ ଥାଳିରେ ସମସ୍ତେ ମିଶି ଖାଇବ ନାହିଁ, ଫଳ ପରିବା ଇତ୍ୟାଦି ଭଲ ଭାବରେ ଧୋଇ ଖାଇବ, ବାସନ ଇତ୍ୟାଦି ଭଲ ଭାବରେ ଧୋଇବ, ଋତୁମତୀ ମା ମାନେ ଶୁଦ୍ଧାଚାରେ ଚାଲିବେ, ରେଷ୍ଟୁରାଣ୍ଟ ବା ଦୋକାନରେ ଚା ବା ଜଳଖିଆ କଦାପି ଖାଇବ ନାହିଁ, ବାହାରୁ ଆସି ହାତ ପାଦ ଧୋଇ ଘରେ ପ୍ରବେଶ କରିବ, ବାସି ଲୁଗା ପିନ୍ଧି ଖାଦ୍ୟଦ୍ରବ୍ୟ ସ୍ପର୍ଶ କରିବନାହିଁ, ରୋଷେଇଘରେ ଅଗାଧୁଆ ପଶିବ ନାହିଁ, ଆମିଷ ଆହାର ବର୍ଜ୍ଜନ କରିବ, ପିଆଜ-ରସୁଣ ଓ ମାଦକ ଦ୍ରବ୍ୟ ବର୍ଜନ କରିବ, କଦାଚାରୀ ଲୋକର ହାତରେ ଖାଇବ ନାହିଁ, ନିୟମିତ ବ୍ୟବଧାନରେ ଉପବାସ କରିବ, ଖାଇବା ପୂର୍ବରୁ ହାତଗୋଡ଼ ମୁହଁ ଧୋଇ ଖାଇବ, ନିୟମିତ ଭାବରେ ସ୍ନାନ କରିବ ଇତ୍ୟାଦି। ପରିମିତ ଆହାର, ବିହାର, ଶ୍ରମ ଓ ବିଶ୍ରାମ ନେବା ଦ୍ୱାରା ସ୍ୱାସ୍ଥ୍ୟ ସୁସ୍ଥ ରହେ। ପାରିପାର୍ଶ୍ୱିକଙ୍କୁ ସଦାଚାରୀ କରି ଉଠାଇବ। ସମସ୍ତଙ୍କ ସହିତ ଶୁଭ ସଙ୍ଗତି ନେଇ ଚାଲିବ ଓ ନିଜେ ଏବଂ ଅନ୍ୟମାନଙ୍କ ସହ ସ୍ଫୁର୍ତ୍ତି ସହକାରେ ରହିବ। ଏଗୁଡ଼ିକ ଠିକ୍ ଠିକ୍ ଭାବରେ ପାଳନ କଲେ ସମାଜର ସ୍ୱାସ୍ଥ୍ୟ ସୁସ୍ଥ ରହିବ। ଏହା ବାଦଦେଇ ରୋଗୀର ସେବା ଶୁଶ୍ରୂଷା ଯେଉଁମାନେ କରିବେ ସେମାନଙ୍କର ପ୍ରଧାନ ଗୁଣ ହେଲା - ରୋଗୀର ମାନସିକ ସ୍ୱାସ୍ଥ୍ୟ ପ୍ରତି ବିଶେଷକରି ନଜର ଦେବେ ଓ ରୋଗୀର ମନକୁ ଉଦ୍ଦୀପ୍ତ ଓ ଉତ୍‌ଫୁଲ୍ଲ କରି ତୋଳିବେ। ପ୍ରୀତିକର ପରିବେଶ ନହେଲେ ମନ ଭଲ ଲାଗେନାହିଁ। ଏହିସବୁ ପରିଷ୍କାର ପରିଚ୍ଛନ୍ନତା ହେଉଛି ଶାରୀରିକ ସଦାଚାରର ଅଙ୍ଗ। ପୁନର୍ବାର ଯୁଗପୁରୁଷୋତ୍ତମ ସଦ୍‌ଗୁରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମାନସିକ ସଦାଚାର ଅର୍ଥ ମାନସିକ ସ୍ତରରେ ଏପରି ଚିନ୍ତା କରିବ ଓ ଏପରି ଭାବ ପୋଷଣ କରିବ ଯାହା ବଞ୍ଚିବା ଓ ବଢ଼ିବାରେ ସହାୟକ ହୁଏ। କୁତ୍ସିତ, ଅପବିତ୍ର ଓ ସଂକୀର୍ଣ୍ଣ ସ୍ୱାର୍ଥପରତା ମନକୁ ଦୁର୍ବଳ କରେ। ସେଗୁଡ଼ିକ ମାନସିକ ସଦାଚାରର ବିରୋଧୀ। ଅନ୍ୟପ୍ରତି ଦ୍ରୋହ ବୁଦ୍ଧି, ଅନ୍ୟର ଅମଙ୍ଗଳ କାମନା କରିବା, ଅନ୍ୟର କ୍ଷତି କରିବା, ପାରସ୍ପରିକ ପ୍ରୀତି ଓ ଐକ୍ୟ ପରିବର୍ତ୍ତେ ବିରୋଧ ଓ ବିଚ୍ଛେଦର କଳ୍ପନା କରିବା ଇତ୍ୟାଦିକୁ ମାନସିକ ଅସଦାଚାର କୁହାଯାଏ। ଗୋଟିଏ କଥାରେ ଇଷ୍ଟ ନିଷ୍ଠା ଓ ଇଷ୍ଟ ଚଳନ ହିଁ ମାନସିକ ସଦାଚାରର ପ୍ରଧାନ ଅଙ୍ଗ।

ନାମ ଧ୍ୟାନ ଓ ସଦାଚାର ମାଧ୍ୟମରେ ଶରୀର ପ୍ରାଣ ପୁରିତ ହୋଇଉଠେ। ଆଧ୍ୟାତ୍ମିକ ସଦାଚାର ବିଷୟରେ ବ୍ୟାଖ୍ୟା କରିବାକୁ ଯାଇ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କରିଛନ୍ତି - ଶ୍ରୀମଦ୍ ଭଗବତ ଗୀତାରେ ଅଛି - ଏକ ଭକ୍ତି ର୍ବିଶିଷ୍ୟତେ। ଏକ ଭକ୍ତି ପରାୟଣତା ବା ଅକାଟ୍ୟ ଇଷ୍ଟ ନିଷ୍ଠା ହିଁ ଆଧ୍ୟାତ୍ମିକ ସଦାଚାର। ଏହାକୁ କଦାପି ଛାଡ଼ିବ ନାହିଁ। ସତ୍ତାସ୍ୱର୍ଶୀ ଇଷ୍ଟାନୁରାଗ ହେଲା ଆଧ୍ୟାତ୍ମିକ ସଦଚାର ଓ ଏହାର ଭିତ୍ତି ଉପରେ ହିଁ ମାନସିକ ଓ ଶାରୀରିକ ସଦାଚାର ଗଢ଼ି ଉଠେ। ପୁଣି ଶାରୀରିକ ସଦାଚାର ନଥିଲେ ମଧ ମାନସିକ ଓ ଆଧ୍ୟାତ୍ମିକ ସଦାଚାର ବ୍ୟାହତ ହୁଏ। କରଣୀୟ କର୍ମ ଠିକ୍ ସମୟରେ ନକରିଲେ ମନୁଷ୍ୟ ରୋଗକୁ ଆହ୍ୱାନ କରେ। କାରଣ ଏହାଦ୍ୱାରା ଜୀବନାବେଗ କମିଯାଏ। ମନୁଷ୍ୟ ଅଳସ ହୋଇଉଠେ। ସ୍ନାୟୁର ପ୍ରତିରୋଧ କ୍ଷମତା କମିଯାଏ। ବିହିତ କର୍ମ କରିଲେ ମନୁଷ୍ୟର ଜୀବନୀ ଶକ୍ତି ବୃଦ୍ଧିପାଏ। ଶରୀରର ଯତ୍ନ ନିଅ - ଏଇଟା ହିଁ ପ୍ରଥମ ଠାକୁରଘର। ମାନସିକ ସ୍ୱାସ୍ଥ୍ୟ ଉପରେ ଶାରୀରିକ ସ୍ୱାସ୍ଥ୍ୟ ମଧ ନିର୍ଭରଶୀଳ, ତେଣୁ ମନର ଶୁଦ୍ଧତା, ସୁସ୍ଥତା ଓ ସରଳତାର ନଜର ରଖିବାକୁ ହୁଏ। ମନୁଷ୍ୟ ଯେତେ ପ୍ରବୃତ୍ତି ପରାୟଣ ଓ ସ୍ୱାର୍ଥ ସନ୍ଧିସ୍ନୁ ହୁଏ ସେତେ ପରିମାଣରେ ମନ ରୁଗଣ ଓ ସଂକୀର୍ଣ୍ଣ ହୋଇ ଉଠେ। ମାନସିକ ସ୍ୱାସ୍ଥ୍ୟ କ୍ଷୁର୍ଣ୍ଣ ହେଲେ ରୋଗବ୍ୟାଧି ଶରୀରରେ ସୃଷ୍ଟିହୁଏ। ପାରିପାର୍ଶ୍ୱିକ ଯେଭଳି ସୁସ୍ଥ, ସଦାଚାରୀ, ଶୁଦ୍ଧ ଓ ପ୍ରଫୁଲ୍ଲ ରହନ୍ତି ସେ ଦିଗକୁ ମଧ ସକ୍ରିୟ ଦୃଷ୍ଟି ଦେବାକୁ ପଡ଼େ। ଏହାଦ୍ୱାରା ମାନସ ପ୍ରେରଣା ବଢ଼େ ଓ ଜୀବନୀୟ ଉଲ୍ଲାସର ଆର୍ବିଭାବ ହୁଏ। ସେ ସବୁର ମୂଳରେ ଅଛି ଗୁରୁଭକ୍ତି ବା ଇଷ୍ଟପ୍ରାଣତା। ନାମଧ୍ୟାନ ଓ ମାନସିକ ସମତା ଖୁବ ଦରକାର। ସାତ୍ତ୍ୱିକ ଆହାର ନେବାକୁ ହୁଏ। କଥାବର୍ତ୍ତା, ଚାଲିଚଳନ, ଆଚାର ବ୍ୟବହାରରେ ସଂଯତ ହେବାକୁ ହୁଏ। ମନୁଷ୍ୟର ଯୌନ ଜୀବନ ସୁନିୟନ୍ତ୍ରିତ ହେବା ଏକାନ୍ତ ଆବଶ୍ୟକ। ପରିଶ୍ରମ ଓ ବିଶ୍ରାମ ଆବଶ୍ୟକ। ଇଷ୍ଟ ତପସ୍ୟା ରୋଗ ପ୍ରତିଷେଧକ କ୍ଷମତା ତ୍ୱରାନ୍ୱିତ କରେ ଓ ସଦାଚାର ତାହା ପରିରକ୍ଷିତ କରେ। ଉପବାସରେ ପ୍ରବୃତ୍ତି ଗୁଡ଼ିକ ଦୁର୍ବଳ ହୁଏ, ତେଣୁ ଭକ୍ତି ବଢ଼ିଯାଏ। ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁଃ ନିରାମୟା।


ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,


## ମାନସିକ ରୋଗ ଓ ଡାକ୍ତର



ଡାକ୍ତର ସମ୍ରାଟ କର

ସ୍ୱର୍ଗରେ ଈଶ୍ୱରଙ୍କ ଭଳି ମର୍ତ୍ତ୍ୟରେ ଡାକ୍ତରଙ୍କୁ ଈଶ୍ୱର ବୋଲି କୁହାଯାଏ । ମାନବ ଜଗତ ପ୍ରତି ସେମାନଙ୍କ ଅବଦାନ ସମ୍ପର୍କରେ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ । ପ୍ରଥମ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା । ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ । ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମ ଲାଭ କରିଥିବା ବିଧାନଚନ୍ଦ୍ରଙ୍କର ୮୦ ବର୍ଷ ବୟସରେ ୧୯୬୨ରେ ମୃତ୍ୟୁ ହୋଇଥିଲା । ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତ ରତ୍ନରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ତାଙ୍କ ଜୀବନ କାଳ ଭିତରେ ସେ ଅନେକ ହସ୍‌ପିଟାଲ ଓ ପ୍ରତିଷ୍ଠାନ ଆରମ୍ଭ କରିଥିଲେ । ଭାରତୀୟ ସମାଜ ଓ ଲୋକଙ୍କ ଉନ୍ନତି ପାଇଁ ତାଙ୍କ ତ୍ୟାଗ ଥିଲା ଅତୁଳନୀୟ । ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି । ଚିକିତ୍ସକ ଏବଂ ତାଙ୍କର ଚିକିତ୍ସା ମୂଲ୍ୟବାନ ଜୀବନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ । ତେଣୁ ଚିକିତ୍ସକଙ୍କୁ ଭଗବାନଙ୍କ ସହ ତୁଳନା କରାଯାଏ । ପ୍ରତ୍ୟେକ ବ୍ୟକ୍ତି ଚିକିତ୍ସକଙ୍କ ତ୍ୟାଗ, ସେବା ଓ ଚିକିତ୍ସାକୁ ଉଚିତ ସମ୍ମାନ ଦେବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଏ । ଏଥିସହ ଭାରତରେ ଜନସଂଖ୍ୟା ଢ଼େର ଅଧିକ ହୋଇଥିବାରୁ ଚିକିତ୍ସକଙ୍କ ଉପରେ ଅଧିକ ଗୁରୁଦାୟିତ୍ୱ ରହିଛି । ସାଧାରଣ ଜୀବନରେ ଚିକିତ୍ସକଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା ମନେ ପକାଇଦେବା ଲାଗି ଏହି ଦିବସ ଉତ୍ସର୍ଗ କରାଯାଉଛି । ଏହି ଦିବସରେ ଅଧିକାଂଶ ବ୍ୟକ୍ତି ଚିକିତ୍ସକଙ୍କୁ ଫୁଲ, ଏବଂ ଗ୍ରିଟିଂ କାର୍ଡ଼ ଦେଇ ସମ୍ବର୍ଦ୍ଧନା ଜଣାନ୍ତି । ଏହି ଅବସରରେ ବିଭିନ୍ନ ସମାରୋହ ମଧ୍ୟରେ ଆୟୋଜନ କରାଯାଏ ।

ସାମ୍ପ୍ରତିକ ସମାଜ ତଥା ଚିକିତ୍ସା କ୍ଷେତ୍ରକୁ ଦେଖିଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଚିକିତ୍ସା ହେଉଛି ମାନସିକ ରୋଗ ଚିକିତ୍ସା। ଏ ରୋଗଟି ଏପରି ଏକ ଭାବଗତ ରୋଗ ଯାହାର ନିଦାନ ବା ପରୀକ୍ଷା ନିରୀକ୍ଷା ଅପେକ୍ଷା ରୋଗୀଟିର ପରିପାର୍ଶ୍ୱିକ ଅବସ୍ଥିତି, ସାମାଜିକ ସମସ୍ୟା ଓ ସବୁଠାରୁ ଅତୀବ ମୂଲ୍ୟବାନ କୁହାଯାଉଥିବା ମାନସିକ ସ୍ଥିତିକୁ ପ୍ରାଥମିକତା ଦିଆଯାଇଥାଏ। ଅନେକଙ୍କର ଭୁଲ ଧାରଣା ରହିଛି ଯେ ମାନସିକ ରୋଗର ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀକୁ ଯନ୍ତ୍ରଣା, ଇଲେକ୍ଟ୍ରିକ୍ ସକ୍ ନଦେଲେ ସେମାନେ ଭଲ ହେବେନାହିଁ ହେଲେ ଏହା ସମ୍ପୂର୍ଣ୍ଣ ଭୁଲ ବିଚାରଧାରା। ଏହି ଲେଖକ ନିଜ ମାନସିକରୋଗ ଚିକିତ୍ସା କ୍ଷେତ୍ରରେ ଦୀର୍ଘଦିନର ଅନୁଭୂତିକୁ ପାଥେୟ ଯାହା କରିଛି ସେ ଅନୁଭବ କରିଛି ଯେ ରୋଗୀଟିର ଚିକିତ୍ସା ଅପେକ୍ଷା ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ଭାବଗତ ସାମାଜିକ ଜୀବନକୁ ଭାରସାମ୍ୟ ରଖିବା ପାଇଁ ପରାମର୍ଶ ଦ୍ୱାରା ରୋଗୀଟି ଆଶ୍ୱସ୍ତ ଲାଭ କରିଥାଏ। ପ୍ରାକାରାନ୍ତରେ କହିବାକୁଗଲେ ରୋଗୀମାନଙ୍କର ପୁର୍ନଜୀବନ ପ୍ରାପ୍ତି ହୋଇଥାଏ। ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇଥାଏ। ପ୍ରତି ରୋଗ ପାଗଳାମି ନୁହେଁ ତେଣୁ ନିର୍ଦ୍ଧାରିତ ସମୟରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ନିୟମିତ ଅନୁପାତରେ ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ।




ମାନସିକ ରୋଗ ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀଟିର ଚିକିତ୍ସା କରିବା ସମୟରେ ଲମ୍ବା ସମୟର ଯେଉଁ ସମ୍ପର୍କ ଗଠନ ହୋଇଥାଏ ତାହା ସେ ରୋଗୀଟି ପାଇଁ ନିଶ୍ଚିନ୍ତ ଭାବରେ ଆଉଥରେ ଜନ୍ମ ପାଇବା ପରି କିନ୍ତୁ ଏହି ଚିକିତ୍ସକମାନେ ରୋଗୀ ସେବା କ୍ଷେତ୍ରରେ ତୀକ୍ଷ୍ଣ ଓ ନିଃସ୍ୱାର୍ଥପର ସେବା ଦେଉଥିବାରୁ ସେମାନଙ୍କର ବ୍ୟକ୍ତିଗତ ଜୀବନରେ ଅନେକ ଯନ୍ତ୍ରଣା ପାଇଥାନ୍ତି। ନିର୍ଦ୍ଧାରିତ ସମୟରେ ଘରେ ପହଞ୍ଚିବା ପାଇଁ ଡାକ୍ତରଖାନାରୁ ବା ଚିକିତ୍ସାଳୟରୁ ବାହାରିବା ସମୟରେ ଜଣେ ରୋଗୀଟିର ମୁର୍ମୁଷୁ ମୁହଁ ତାଙ୍କ ପଥରୋଧ କରିଥାଏ। ରୋଗୀଟିକୁ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ସାନ୍ତ୍ୱନା ଦେବା, ଖାଉ ନଥିଲେ ଖାଦ୍ୟ ଗ୍ରହଣ ପାଇଁ ସ୍ନେହଶ୍ରଦ୍ଧାରେ ଆକଟ କରିବା, ବାହାରକୁ ଚାଲିଯାଉଥିଲେ ବୁଝାସୁଝା କରି ବେଡ଼କୁ ଫେରାଇ ଆଣିବାର ପ୍ରୟାସ ଭିତରେ ନିଜ ଦୈନନ୍ଦିନ ଜୀବନର ପାରିବାରିକ କ୍ଷେତ୍ରକୁ ପଛକୁ କରିବା ପାଇଁ ବାଧ ହୋଇଥାଏ। ସେ କ୍ଷେତ୍ରରେ ବ୍ୟବସାୟ ବା ନିର୍ଦ୍ଧାରିତ ସମୟ ଭିତର ଦାୟିତ୍ୱ ସମ୍ପାଦନା ଅପେକ୍ଷା ସବୁଠାରୁ ମୂଲ୍ୟବାନ ହୋଇଥାଏ ମାନବିକ ଦୃଷ୍ଟିକୋଣରୁ ସେହି ଲୋକଟି ପାଇଁ ଯଥେଷ୍ଟ ସମୟ ଦେବା। ଆଜିର କର୍ମବ୍ୟସ୍ତ ଜୀବନରେ ଚିକିତ୍ସା ସେବା କ୍ଷେତ୍ରରେ ଓଡ଼ିଶାର ଭିତ୍ତିଭୂମି ଯାହା ଜନସଂଖ୍ୟା ତୁଳନାରେ ଚିକିତ୍ସକ ନାହାଁନ୍ତି। ଜଣେ ଜଣେ ମାନସିକରୋଗ ଚିକିତ୍ସକଙ୍କୁ ଦିନରେ ବେଳେବେଳେ ଶହେ ଜଣ ରୋଗୀକୁ ଦେଖିବା ପାଇଁ ବି ବିବେକ ବାଧ କରିଥାଏ। ଯାହାଦ୍ୱାରା ଚିକିତ୍ସକ ଜଣେ ନିଜ ଘର ପରିବାର ବ୍ୟକ୍ତିଗତ ଜୀବନ ଠାରୁ ପ୍ରାଥମିକତା ହୋଇଥାଏ। ଆଜି ଚିକିତ୍ସକ ଦିବସରେ ଚିକିତ୍ସକମାନଙ୍କ ପ୍ରତି ରୋଗୀଟିର ଆତ୍ମୀୟ ସ୍ୱଜନଙ୍କ ଠାରୁ ସେମାନଙ୍କ ବିଚାର ଚେତନାର ଭାବନା ବଦଳିବା ଦରକାର। ଚିକିତ୍ସକମାନେ ଅନେକ ପ୍ରତିବନ୍ଧକକୁ ଡେ଼ଇଁ ରୋଗୀଟିର ଜୀବନ ବଞ୍ଚାଇବା ପାଇଁ ଅହର୍ନିଷ ଉଦ୍ୟମ ଜାରି ରଖିଥାନ୍ତି । ହେଲେ ଭୁଲବୁଝାମଣାର ଶିକାର ହୋଇଥାନ୍ତି ଚିକିତ୍ସକ ଜଣଙ୍କ। ଚିକିତ୍ସକ ଦିବସରେ ଏହି ବିଶ୍ୱାସର ଭାବନା ଦୃଢ଼ୀଭୂତ ହେଉ ଏହାହିଁ ରୋଗୀଟି ପ୍ରତି ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ବୋଲି ବୁଝାଯିବ।


ମାନସିକରୋଗ ବିଶେଷଜ୍ଞ,
ପୁରୀଘାଟ ରୋଡ଼, କଟକ,
ମୋ : ୯୧୩୨୪୩୩୩୩୩





## ବିଶ୍ୱାସର ଚୌହଦିରେ ତୁ

ଅଧ୍ୟାପକ ଶରତ କୁମାର ଦାସ

ତତେ ଛୁଇଁଦେଲେ ଥରେ ପାଏ ମୁଁ ସ୍ୱର୍ଗୀୟ ପୁଲକ
ଥରେ ଦେଖିଦେଲେ ତତେ ତୁ ଲାଗୁ ଜ୍ୟୋତିର ଝଲକ
ତୋ' ଚକାଚକା ଆଖିରେ ଝଲସିଉଠେ
ଝଲମଲ ଛବିସବୁ ନିଖିଳ ବିଶ୍ୱର ।

ତୋ' ଆଖିରେ ଆଖି ମିଶିଗଲେ ଥରେ
ଲହଡି ଭାଙ୍ଗେ ଭକ୍ତିର ଉତ୍ତାଳ ତରଙ୍ଗ
ମୋ' ରକ୍ତର ପ୍ରତିଟି ବିନ୍ଦୁରେ,
ଓଁକାର ଖେଳେ ପବନର ଶୂନ୍ୟ ପାପୁଲିରେ
ସାତ ସମୁଦ୍ର ତେର ନଈ ଏକାଠି ହୁଅନ୍ତି
ସଂସାରର ଯେତେ ମୋହ, ମାୟା, ରାଗ, ଅନୁରାଗ
ଧାଉଁଥାନ୍ତି ଅନେକ ପଛରେ ।

ମୋ' ନିଃଶ୍ୱାସର ଶେଷତମ ତୀବ୍ରତାରେ
ଅନୁଭବେ ମୁଁ ତୋ ଅସ୍ତିତ୍ୱର ନିବିଡ ଆଶ୍ଳେଷ
ମୋ' ହୃଦୟର ସ୍ପନ୍ଦନରେ
ଗୁଂଜରିତ ହୁଏ ତୋ' ମଧୁର ସଂଗୀତ
ମୋ' ବିଶ୍ୱାସର ଚୌହଦିରେ ପ୍ରକଟିତ

ତୋ' ବିସ୍ତାରିତ ପୁଣି ଅନୁପମ ଛାୟା
ଭୂମିରୁ ଭୂମାକୁ ଛୁଇଁଯାଏ ତୋ' ନବକଳେବରର
ଅଦୃଶ୍ୟ ଅପରୂପ କାୟା ।

ତୋ'ରି ଇଚ୍ଛାରେ ପାଦପେ ପତର
ଫଳ ଫୁଲେ ଭରା ଏ ସବୁଜ ପୃଥିବୀ
ତୋ'ରି ଇଚ୍ଛାରେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ଓ ନକ୍ଷତ୍ର
ସଦା ଦେଦୀପ୍ୟମାନ ଆକାଶ ଛାତିରେ ।

ଆଉ ତୋ'ରି ଇଚ୍ଛାରେ ଭାସିଉଠେ ସାଗରେ ପଥର
ଦୃଶ୍ୟ ହୁଏ କଣ୍ଟକିତ ପଥ
ଅମାବାସ୍ୟାର ବହଳ ଅନ୍ଧାରେ
ପୁଣି ପଦ୍ମଫୁଟେ ଶୁଖିଲା ଧୂସର ମାଟିରେ ।

ତୋ' ସ୍ନିଗ୍ଧ କମନୀୟ ଠାଣି ପ୍ରତିବିମ୍ବିତ ହୁଏ
କେବେ ଇନ୍ଦୁ-ବିନ୍ଦୁ-ସିନ୍ଦୁର କମ୍ର ରୂପର ସୌନ୍ଦର୍ଯ୍ୟେ
ଝଙ୍କାର ତୋଳେ କେବେ ପୁଣି
ଛନ୍ଦ ଓ ଛାନ୍ଦର ମୁଗ୍ଧ ମୂର୍ଚ୍ଛନାରେ ।

ଲମ୍ବି ଲମ୍ବି ଯାଏ ମଧୁମାଳତୀର ଅପୂର୍ବ ତନୁ
ସଜେଇ ହୁଏ ତୋ' କନକ ବେଦୀ
ପେନ୍ଥା ପେନ୍ଥା ରଙ୍ଗବେରଙ୍ଗର ଫୁଲ ପାଖୁଡାରେ,
ଅଭିମନ୍ତ୍ରିତ ହୁଏ ବାଇଶପାହାଚ ତୋ'
ମନ୍ତ୍ରର ଆଦ୍ୟ ଧ୍ୱନିରେ
ଚନ୍ଦନ ଚର୍ଚ୍ଚିତ ହୁଏ ତୋ' ମହାର୍ଘ ଅର୍ଘ୍ୟରେ ।

ଖେଳିଯାଏ ଚଉଦିଗ ବୈଭବ ଖଚିତ ଦ୍ୟୁତି
ଅଭୟ ଆଶିଷ ଛୁଇଁଯାଏ ସ୍ଥୁଳ କଳେବର
ପୂର୍ଣ୍ଣତାରେ ଭରିଯାଏ ମୋ' ସକଳ ସଂଶୟ



ପୁଣ୍ୟଗନ୍ଧା ଦୀପ ଦୀପାଳି ଅଗରୁ ଚନ୍ଦନେ
ମହମହ ବାସେ ସୁସଜ୍ଜିତ ନନ୍ଦନବନ,
ପାରିଜାତ ଫୁଟେ ହାତ ପାଆନ୍ତାରେ ।

ମେଘମାଳ ଓହ୍ଲେଇ ଆସନ୍ତି ମାଟିକୁ
ମୟୂର ନାଚେ ପୁଚ୍ଛମେଲି ନବ ଉଚ୍ଛ୍ୱାସରେ
ଢେଉ ଆଙ୍କେ ଚିତ୍ର ବେଳାର ବୀସ୍ତିର୍ଣ୍ଣ ଶଯ୍ୟାରେ
ଅରୁଣ ଅର୍ଚ୍ଚିତ ହୁଏ ଦୂର ଦିଗନ୍ତର ପଥ
ଭୂପତିତ ହୁଅନ୍ତି ହିଂସା-କାମ-କ୍ରୋଧ-କ୍ଳେଶ-ଦ୍ୱେଷ
ଅସୁମାରି ଅବସୋସ ଆଉ ପୁଂଜିଭୂତ ଅନ୍ତର୍ଦାହ ।

ବିସ୍ମୟ ବିଭୋର ମୋ' ମନ-ପ୍ରାଣ-ଦେହ
ବାନ୍ଧିହୋଇଯାଏ ତୋ' ଭାବ ଓ ଭାବନାର
ଅଡୁଆ ସୂତାରେ,
ତୋ' ଦିବ୍ୟ ସ୍ୱରୂପର ରମ୍ୟ ସଂଦର୍ଶନେ
ହଜେଇଦିଏ ନିଜକୁ ତତେ ପାଇବାର ଶତ ଆକାଂକ୍ଷାରେ ।


ରାଜନୀତି ବିଜ୍ଞାନ ବିଭାଗ
ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧


## ଆସ ଜଗନ୍ନାଥ

କାଳିକିଙ୍କର

ଆସଗୋ ଆସ
ହେ ଜଗନ୍ନାଥ
ରଥରେ ବସ
ଟାଣୁଥିବା ରଥ
ହୋଇ ହରଷ।

ରଥ ଗଡ଼ିଅଛୁ କେଡ଼େ ବଡ଼ିଆ
ଖାଇବାକୁ ଦେବୁ ମିଠା ନଡିଆ
ତୁଳସୀ ପତର ସଂଗେ ଚନ୍ଦନ
ତୁମ ଦେହେ ହେବଗୋ ପ୍ରସାଧନ

ନକର ମଠ
ସଜେଇବୁ ପ୍ରଭୁ ତୁମର ବେଶ।

ଆସଗୋ ଆସ
ହେ ଜଗନ୍ନାଥ
ରଥରେ ବସ
ବୁଲେଇ ନେବି
ସାରା ଜଗତ।

ଚକାଆଖି ତୁମ ବିଶ୍ୱ ବ୍ରହ୍ମାଣ୍ଡ
ଚଉଷଠିକଳା ମୁଖେ ପ୍ରଚଣ୍ଡ
ଅଧା ଦୃଶ୍ୟମାନ ଅଧା ଅଦୃଶ୍ୟ
କେକାହୁଁ ବୁଝିବି ଲୀଳା ବିଶେଷ
ଟାଣିଲି ରଥ
ମୋ ଦେହ ଦେଉଳେ ତୁମେ ଶ୍ରୀନାଥ

ଅଧିଷ୍ଠିତ ଭବ ଜଗତନାଥ
ହେ ଜଗନ୍ନାଥ।


ସୌଭାଗିନୀନିବାସ, ରଟିଲୋ,
ରେଞ୍ଚ, ପୁରୀ-୭୫୨୧୧୪,
ମୋ-୮୨୪୯୨୧୬୦୬୭




## ରଥଯାତ୍ରା

ରତ୍ନକାନ୍ତି ମିଶ୍ର

ପରମ ଆରାଧ ନୀଳାଦ୍ରୀ ବିହାରୀ
ସେ ପରା ଜଗତ ନାଥ
ପତିତ ଜନଙ୍କ ଦର୍ଶନ ନିମନ୍ତେ
ବଡଦାଣ୍ଡେ ଉପସ୍ଥିତ ।

ଆଷାଢର ଶୁକ୍ଳ ଦ୍ୱିତୀୟା ତିଥିରେ
ଅନୁଷ୍ଠିତ ରଥଯାତ୍ରା
ପ୍ରଭୁ ଜଗନ୍ନାଥ ବିଜେ ରଥେ ପରା
ସାଥେ ନେଇ ଭଗ୍ନୀ ଭ୍ରାତା ।

ନନ୍ଦିଘୋଷ ରଥେ କାଳିଆ ସାଆନ୍ତେ
ଷୋହଳ ଚକ ବିଶିଷ୍ଟ
ଚଉଦ ଚକର ତାଳଧ୍ୱଜ ରଥେ
ବିଜେ ବଳଭଦ୍ର ଜ୍ୟେଷ୍ଠ ।

ଦେବଦଳନରେ ସୁଭଦ୍ରା ଭଉଣୀ
ବାର ଚକ ଅଛି ରହି
ପ୍ରଭୁ ସୁଦର୍ଶନ ବିଜେ ସାଥେ ପରା
ସଜ ଘୋଷଯାତ୍ରା ପାଇଁ ।

ଦୈତାପତି ଗଣ ଅତି ଉତ୍କଣ୍ଠିତ
ପହଣ୍ଡି ବିଜେ ନିମିତ୍ତ
ଘଣ୍ଟ ମରଦଳ ଝାଞ୍ଜରେ ଶବଦେ
ଚତୁର୍ଦ୍ଦିଗ ପ୍ରକମ୍ପିତ ।

ସୁବର୍ଣ୍ଣ ଝାଡୁରେ ଗଜପତି ରାଜା
କରନ୍ତି ଛେରା ପହଁରା
ରଥର ଦଉଡି ବଡଦାଣ୍ଡେ ଭିଡି
ଭକ୍ତଗଣ ଆତ୍ମହରା ।

ହରିବୋଲ ହୁଳହୁଳି ଶଂଖନାଦେ
ବଡଦାଣ୍ଡ ମୁଖରିତ
ଭକ୍ତ ଭଗବାନ ମିଳନର ପର୍ବେ
ସାରା ବିଶ୍ୱ ବିହ୍ୱଳିତ ।


ଆଳି, କେନ୍ଦ୍ରାପଡା



## ଆସୁଛି କାଳିଆ ରଜା
### ପୁଷ୍ପାଞ୍ଜଳି ମିଶ୍ର

କାଳିଆ ଆସୁଛି ଝୁଲି ଝୁଲି
ରଥରେ ବସିବ ବୋଲି
ମାଉସୀ ଘରକୁ ଯିବ ସେ ବୁଲି
ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି
ବରଷକ ଥରେ ଏଇ ଯାତରାରେ
ଲାଗିବ ଗହଳି ଚହଳି

ଆଠ ଦିନ ଯାଏ ମାଉସୀ ଦାଣ୍ଡରେ
ଭକତଙ୍କ ଭିଡ ଲାଗିବ
ଘଣ୍ଟ ଘଣ୍ଟା କାହାଳୀରେ
ବଡ ଦାଣ୍ଡ କମ୍ପୁଚି
ଭକତର ବାପା ମା ତୁମେ ସଦା
ଭାବର ଠାକୁର କାଳିଆ ରଜା
କି ବର୍ଣ୍ଣିବ ତୁମ ରୂପ ଶୋଭା ମୟ
ମୁଁ ତ ଅଧମ ଟିଏ
କୋଟି କୋଟି ଭକ୍ତ କେଉଁ ରାଇଜରୁ
ଧାଇଁ ଆସି ଛନ୍ତି ଦେଖିବା ପାଇଁ
ସେ ଚତୁର୍ଦ୍ଧା ମୂର୍ତ୍ତୀ ଥରେ ଦେଲେ ଦେଖି
ସବୁ ପାପ ହୋଇ ଯିବ ଯେ ନାଶ

ପାଟ ମଠା ଫୁଲ ଟାହିଆରେ ସଜ୍ଜା
ହୋଇଛି କି ମନୋଲୋଭା
ଝଟକୁ ଥାଏ ସେ ରୂପ କାନ୍ତି ଲୋଭା
ଦେଖ ତିନି ରଥେ କାଳିଆ ଉଭା
ଅପରୂପ ତୁମ ବେଶ ଦେଖି ବାକୁ
ଚାହିଁ ରହିଅଛି ଭକତ ଗଣ
ଶରଧାର ସହ ରଥ ଟାଣିବାକୁ
କୋଟି କୋଟି ଭକ୍ତ ଭିଡିଛି ଅଣ୍ଟା
ଯାଇ ପାରୁ ନାହିଁ ରଥ ଦେଖି ବାକୁ
ଏଇଠି ମାରୁଛି ମୁଣ୍ଡିଆ ଟିଏ
ଦରଶନ ଦିଅ ଆହେ ଭାବଗ୍ରାହୀ
ଆକୁଳେ ଡାକୁଛି ତତେ

ଜଗତର ନାଥ ଆହେ ଜଗନ୍ନାଥ
ମ ଉନ କାହିଁକି ବସିଛ
ଝୁଲି ଝୁଲି ଆସ ରଥ ପରେ ବସ
ଉଚ୍ଛୁର ହେଉଛି ପରା
ଧନ୍ୟ ତୁମ ଠାଣି ଧନ୍ୟ ତୁମ ବାଣୀ
ଜଗତର ନାଥ ହୋଇଛ
ମୁଁ କି ବର୍ଣ୍ଣିବି କିଛି ଜାଣିନାହିଁ
କରୁଣା କରିବ ଏ ଅଧମକୁ ।

ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
ମୋ: ୯୫୫୬୬୪୩୯୨୧



## ଧନ୍ୟ ହବ ଆଖି ମୋର ଦେଖି ସେଇ ଦୃଶ୍ୟକୁ
### ଲକ୍ଷ୍ମୀଧର ସିଂ

ଏଥର ରଥଯାତକୁ ଯିବି ମୁଁ
ପୁରୀ ଧାମକୁ
ଦେଖିବାକୁ ମୋ ଜଗାକୁ

ମନ ମୋ ଭାରି ଉଛନ୍ନ
ଯାଉଛି କେମିତି ଦିନ
ଟାଣିବି ନନ୍ଦିଘୋଷକୁ
ରଥେ ବସି ହସୁଥିବ କାଳିଆ
ବଡ଼ଦାଣ୍ଡେ ଦେଖୁଥିବ ଦୁନିଆ
ଧନ୍ୟ ହବ ଆଖି ମୋର
ଦେଖି ସେଇ ଦୃଶ୍ୟକୁ...

ଘଣ୍ଟ, ବାଦ୍ୟ ବାଜୁଥିବ
ହୁଳହୁଳି ପଡୁଥିବ
ବାଡ଼ଦାଣ୍ଡେ ଗଡୁଥିବ ରଥ

ସୁନାବେଶେ କି ସୁନ୍ଦର
ଦିଶୁଥିବ କାଳିଆ ହେ
ଦେଖି ତୋଷ ଭକତର ଚିତ୍ତ
ଆଗେ ଥିବ ବଡ଼ ଭାଇ ବଳିଆ
ସୁଭଦ୍ରା ଯେ ଚାଲୁଥିବ ମଝିଆଁ
ଧନ୍ୟ ହବ ଆଖି ମୋର
ଦେଖି ସେଇ ଦୃଶ୍ୟକୁ....

ଭାରି ଭିଡ଼ ଲାଗିଥିବ
ବଜାର ଯେ ବସିଥିବ
ବୁଲିଯିବି ଆନନ୍ଦରେ ଥରେ

ଖାଇଦେଲେ ଅଭଡ଼ାନ୍ନ
ଭୋକଶୋଷ ମେଣ୍ଟିବ ହେ
ଥକ୍କାଯିବ ବସିଗଲେ ତଳେ
ଚାରିଆଡୁ ଆସୁଥିବେ ଭକତ
ପାପିତୋପି ସାଧୁସନ୍ଥ ମିଳିତ
ଧନ୍ୟ ହବ ଆଖି ମୋର
ଦେଖି ସେଇ ଦୃଶ୍ୟକୁ...

ଅଁଳାପାଳ, ଗରଡିହି, ବାଲେଶ୍ୱର
ମୋ: ୬୩୭୮୩୮୯୧୮୨

## ରଥଯାତରା
### ଡଃ ମାଙ୍ଗଳିକା ମହାପାତ୍ର

ଚାଲ ଯିବା ଗୋ ବୁଲି
ଶିରୀକ୍ଷେତର
ଆଖି ପୂରେଇ ଦେଖିବା
କଳାଠାକୁର

ରହିଛନ୍ତି ବଡ଼ ଦେଉଳ
ଗମ୍ଭିରୀ ଭିତରେ
ଶୁଣିପାରନ୍ତିନି ଯେତେ
ଡାକିଲେ ବିକଳରେ

ଷାଠିଏ ପଉଟି
ଭୋଗ ଖାଇ ଟାଙ୍କେ
ଜଗା ଶୋଇ ରୁହନ୍ତି
ରତନ ପଲଙ୍କେ

ବଳଭଦ୍ର, ସୁଭଦ୍ରାଙ୍କୁ
ନେଇ ସାଥିରେ
ବଡ଼ଦାଣ୍ଡକୁ ସଜାଏ
କେତେ ରଙ୍ଗରେ

ବରଷକେ ଥରେ
ଆଜି ତା ରଥଯାତରା
ନନ୍ଦିଘୋଷରୁ ଦେଖିବ
ସେ ଜଗତସାରା

ଆଗରେ ତାଳଧ୍ୱଜ
ରଥରେ ଯାଏ ବଳିଆଭାଇ
ପଛେ ଦେବଦଳନେ
ଭଉଣୀ ସୁଭଦ୍ରାକୁ ପଠାଇ

ଶେଷରେ ଗହଳି ଲଗାଇ
ଯାଏ ଜଗତ ନାଥ
ଯାହାଙ୍କୁ କଲେ ଦର୍ଶନ
ନୟନ ହୁଏ ପବିତ୍ର

ରେଭେନସା ବିଶ୍ୱବିଦ୍ୟାଳୟ

## କ୍ଷେତ୍ରମୋହନ ହେ...
### ବିଦ୍ୟୁତ୍‌ଲତା ସାହୁ

କ୍ଷେତ୍ର ମୋହନ ହେ କ୍ଷେତ୍ର ମୋହନ
ଆହା କି ସୁନ୍ଦର ତୋର କଳା ବଦନ।

ହାତ ନାହିଁ ଗୋଡ ନାହିଁ ଅଛି ଶ୍ରୀ ମୁଖ
ସେ ଶ୍ରୀମୁଖେ ଅଛି ସତେ କେଉଁ କୁହୁକ ?
ଟାଣି ନିଏ କୋଟି କୋଟି ଭକତ ମନ।

ଭିନ୍ନ ଭିନ୍ନ ବେଶେ ଯେବେ ହେଉତୁ ବେଶ,
ନାଲିଆ ଅଧରୁ ଝରେ ମଧୁର ହସ,
ଦାଉ ଦାଉ ଦିଶୁ ଥାଏ ଚକା ନୟନ।

ସେହି ଚକା ନୟନକୁ ଦେଖିବା ପାଇଁ
ଜଗତ ଯାକର ଜନ ହୁଅନ୍ତି ବାଇ।
ଭକତ ମେଳାରେ ପୁରି ଉଠେ ତୋ ଧାମ।

ସେ ଦିବ୍ୟ ନୟନେ ଥରେ ଦେରେ ଚାହିଁ
ସକଳ ପାତକ ମୋର ଯାଉ ଉଭେଇ,
ନିରିମଳ ହୋଇ ଯାଉ ମୋ ମନ ପ୍ରାଣ।

ଗନ୍ଧର୍ବସାହୁ ଲେନ, କଲ୍ୟାଣୀନଗର, କଟକ-୧୩

## ରଥରେ ଚଢ଼ିବ କାଳିଆ
### ଝରଣା ବାରିକ

କାଳିଆ ଏଥର ରଥରେ ଚଢିବ
ବଡ଼ଦାଣ୍ଡେ ଯିବ ବୁଲି,
ଲକ୍ଷ୍ମୀ ଠାକୁରାଣୀ ରାଗ ଗରଗର
ଭାଙ୍ଗି ଦେବେ ସବୁ ଚୁଲି।

ଭାଇ ଭଉଣୀ କୁ ସାଙ୍ଗରେ ନେବ ସେ
ଭାରିଜାକୁ ଯିବ ଛାଡି,
ହେରା ପଞ୍ଚମୀରେ ଲକ୍ଷ୍ମୀ ଲୁଚି ଲୁଚି
ଭାଙ୍ଗିବେ ରଥରୁ ବାଡି।

ଭକତ ଗହଳି ଚହଳି ଲାଗିବ
ଉଠିବ ପଡିବ ପୁରୀ,
ପଣ୍ଡା ପଡିଆରୀ ଆଶୀର୍ବାଦ ଦେବେ
ହାତରେ ବେତକୁ ଧରି।

କାଳିଆ ହସିବ ମୁରୁକି ମୁରୁକି
ଆଗେ ଥିବେ ବଡ଼ ଭାଇ
ପଛରେ ଆସିବେ ଗେହ୍ଲେଇ ଫୁଲେଇ
ସୁନା ମୁଖି ଚାନ୍ଦ ମୁହିଁ।

ମାଉସୀ ମାଆ ତାର
କେତେ ସରାଗରେ
ଥିବେ ପରା ବାଟ ଚାହିଁ,
ପୋଡପିଠା କରି ଛେନା ପୁର ଦେଇ
ଖୋଇବେ ଖୁସିରେ ନେଇ।

ସମଲ, ତାଳଚେର, ଅନୁଗୋଳ



## ମୋ ଗାଁ ପଥ ବଡଦାଣ୍ଡ ବଡଦାଣ୍ଡ ବାସୁଛି
### ଗୌରୀ ମେହେର

ନନ୍ଦିଘୋଷେ ବସି ମୋ କାଳିଆ ରାଜା
ମୁରୁକି ମୁରୁକି ହସୁଛି,
ଭାଇ ଭଉଣୀଙ୍କୁ ସାଥି ରେ ନେଇକି
ଦେଖ ମୋ କାଳିଆ ଆସୁଛି ।

ଗଗନ, ପବନ, ମୁଖରିତ ଆଜି
ଚଉପାର୍ଶ୍ୱ ବି ମହକି ଉଠୁଛି,
ଗଛ, ଲତା, ମେଘ, ଆକାଶ ଚାହିଁଛନ୍ତି ବାଟ
ଦେଖ ମୋ କାଳିଆ ଆସୁଛି ।

ଘଣ୍ଟ, ଘଣ୍ଟି, ଶଂଖ, କେତେ ବାଦ୍ୟ ବାଜେ
ହୁଳହୁଳି ଶବ୍ଦେ ଧରଣୀ କଂପୁଛି,



ଛୁଆଁ ଅଛୁଆଁ ଭେଦଭାବ ନାହିଁ
ଦେଖ ମୋ କାଳିଆ ଆସୁଛି ।

ମନ୍ଦିର ଭିତରେ ମନ୍ଦିର ବାହାରେ
ତୁଳସୀ ତୁଳସୀ ବାସୁଛି,
ଏଇ ପଥେ ମୋ ଜଗା ଆସୁଛି ବୋଲି
ମୋ ଗାଁ ପଥ ବଡଦାଣ୍ଡ ବଡଦାଣ୍ଡ ବାସୁଛି
ମୋ ଗାଁ ପଥ ବଡଦାଣ୍ଡ ବଡଦାଣ୍ଡ ବାସୁଛି ।

ଗମ୍ଭାରୀଗୁଡା, ସିନାପାଲି, ଗମ୍ଭାରୀଗୁଡା

## ଆଜି ପ୍ରଭୁ ବିଜେ ବଡ଼ଦାଣ୍ଡରେ
### କ୍ଷମାନିଧି ଭୋଇ

ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ
ରଥଯାତ ହୁଏ ଏହି ମହିରେ ।

ରଥଯାତରାରେ ତିନି ରଥରେ
ସୁଶୋଭିତ ଦେଖ ତିନି ଠାକୁରେ ।

ବଳଭଦ୍ର ଭାଇ ଦର୍ପଦଳନେ
ସୁଭଦ୍ରା ଭଉଣୀ ଦେବଦଳନେ ।

ଜଗନ୍ନାଥ ବିଜେ ନନ୍ଦିଘୋଷରେ
ଦର୍ଶନ ଦିଅନ୍ତି ବଡ଼ଦାଣ୍ଡରେ ।

ନବଦିନ ଧରି ମାଉସୀ ଘରେ
ପୋଡପିଠା ଖାଇଥାନ୍ତି ଖୁସିରେ ।

ଭାବବିନୋଦିଆ ଚକାଆଖିଆ
ଅଧାଗଢ଼ା ସେଇ ନୀଳାଚଳିଆ ।

ଦୁଃଖୀଜନର ସେ ବୁଝନ୍ତି ଦୁଃଖ
ତା' ପାଦେ ଆଶ୍ରିତ ଜଗତଯାକ ।

ବଡ଼ଦାଣ୍ଡେ ଭିଡ଼ କେତେ ଭକତ
ଆଶିଷ ଦିଅ ହେ ଜଗତ ନାଥ ।

ବରଷକୁ ଥରେ ରଥ ଉପରେ
ଆଜି ପ୍ରଭୁ ବିଜେ ବଡ଼ଦାଣ୍ଡରେ ।

ଗ୍ରାମ : ସାଗୁନପାଲି,
ପୋ: ଅ : ତାଳବ
ଭାୟା : ଶାସନ,
ଜି: ସମ୍ବଲପୁର- ୭୬୮୨୦୦



## ଆତ୍ମାରାମ ଜଗନ୍ନାଥ
### ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ

ତୋ ରଥଯାତକୁ ପାରୁନି ମୁଁ ଯାଇ
ମୋ ଦୁଃଖର ବୋଝ ନେଇ-
ଖୋଜିବୁନି ମୋତେ ଭକତ ମେଳରେ
ନନ୍ଦିଘୋଷ ପରେ ଥାଇ।

ବସି ରହିବୁନି ମନ ମାରିଦେଇ
ବଡ଼ଦାଣ୍ଡ ମଝିଟାରେ-
ବେଗି ବେଗି ଯାଇଁ ପହଞ୍ଚିବୁ ତୁହି
ମାଉସୀ ମା ମନ୍ଦିରରେ...
କରିବୁନି ମନ ଶୁଣିବାକୁ ଜମା
ପଣ୍ଡାଙ୍କ ମଡ଼ର୍ଣ୍ଣ ବେଦ-
ଝୁଲିବୁନି ବେଶୀ ଫୁଲିବୁନି ବେଶୀ
ପିଇଲା ପରିକା ମଦ...
ଜଗତ କହିବ ବାଇଆ ତୋତେରେ
ନପାରିବି ଜମା ସହି ।

ବାଲିରଥ କରି ଡ଼ାକିବିନି ତୋତେ
ବଳରାମ ଦାସ ପରି-
ଧାଇଁଯିବି ନାହିଁ ହୋଇ ଧଇଁସଇଁ
ତୋ ପାଶେ ନଡ଼ିଆ ଧରି,
ତୋ ଗୀତ ଗୋବିନ୍ଦ ନପାଇବି ଗାଇ
ମୋର ଏ ଦଦରା କଣ୍ଠେ-
ଏଇଠାରେ ଥାଇ ମାଗିବି ଖାଲି ମୁଁ
ତୋ ଶରଧା ବାଲି ମୁଠେ,
ଦୟାକରି ଦେବୁ ପରାଣବନ୍ଧୁରେ...
ଏତିକି ମୋହରି ପାଇଁ ।

ରଥେ ତୋତେ ଯିଏ କରେ ଦରଶନ
ମୁକତି ଲଭଇ ସେତ-
ପାପ ତାପ ତାର ହୋଇଯାଏ ଦୂର
ଦେଖିଲେ ତୋ ରଥଯାତ,
ମୁଁଯେ ମହାପାପୀ ନପାରଇ ଯାଇ
ତୋ ପବିତ୍ର ନୀଳାଚଳେ-
ଏହିଠାରେ ଥାଇ ମୋ ଶରୀର ରଥେ
ତୋ ପାଦେ ଭକତି ଢ଼ାଳେ,
ଯହିଁ ତୁହି ନାଥ ବିରାଜି ଥାଉରେ...
ପୁଣ୍ୟ ଆତ୍ମାରାମ ହୋଇ ।

କଣ୍ଟାବଣିଆ, ଛତ୍ରପଡ଼ା,ପ୍ରୀତିପୁର,
ଯାଜପୁର-୭୫୫୦୧୩
ମୋ-୮୫୯୪୮୮୫୮୯୮

## ହୁଅନ୍ତୁ ଶୁଣିମା
### ଶିବ ପ୍ରସାଦ ବାହିନୀପତି

ଶ୍ରୀକ୍ଷେତ୍ର ସାମନ୍ତ କରୁ ପ୍ରଣିପାତ
କର ବାରେ କର୍ଣ୍ଣପାତ
କଲ୍କୀ ଅବତାର କରୋନା ବେମାର
ଉପୁଜାଏ ବିତିପାତ ।
କାଳ କରେ କୋଳାଗ୍ରତ ;
ନ ଚାହିଁଲେ ତୁମେ କି କରିବୁ ଆମେ
ପ୍ରାର୍ଥୁ ପ୍ରଭୁ ପାଦଗତ ।

ଏ ସାରା ଭୁବନ ଆମ ପରିଜନ
ସର୍ବେ ଆମେ ଭାଇ ଭାଇ
ଦେଖି କାଳ ଗ୍ରାସ ଉଠେ ଦୀର୍ଘ ଶ୍ୱାସ
ବିଷାଦ ଆସେ ଘନେଇ ।
କାହାକୁ ସେ ଛାଡ଼େ ନାହିଁ ;
ପାଚିଲା ପତର ଥାଇ ଦଣ୍ଡଧର
କଞ୍ଚାକୁ ଦିଏ ଝଡ଼େଇ ।

ଧନୀ ଗରିବର ରଖେନା ବିଚାର
ବୁଝେନା ସେ ସୁଖ-ଦୁଃଖ
ରକ୍ଷାକର୍ତ୍ତା ହୋଇ ସୁରକ୍ଷା ଇଚ୍ଛଇ
ଧନୀ ଉଦରେ ବି ଭୋକ ।
ଉପାୟଶୂନ୍ୟ ଏ ଲୋକ ;
ମହାମାରୀ ଭୀତି ହର ଲକ୍ଷ୍ମୀପତି
ବିପ୍ୱାତରୁ କର ମୁକ୍ତ ।

ଏତିକି ପ୍ରାର୍ଥନା କର ବାରେ ଘେନା
ବିଶ୍ୱେ ଦିଅ ଆରୋଗ୍ୟତା
ତୁମ୍ଭେ ଥାଉଁ ଥାଉଁ ଆହେ ମହାବାହୁ
କାହିଁ ଆମ୍ଭ ବିଷାଦତା ।
ତୁମ୍ଭେ ପ୍ରଭୁ ରକ୍ଷାକର୍ତ୍ତା;
ହୁଅନ୍ତୁ ଶୁଣିମା ଗୁହାରି ମଣିମା
ଆମ୍ଭ ନୈବିଦ୍ୟର ବାର୍ତ୍ତା ।

ସମ୍ପାଦକ : ଉଦୟ ଭାନୁ,
ଭାଟପଡ଼ା, ନିରାକାରପୁର,
କଣାସ, ପୁରୀ

## ଧନ୍ୟ ତୁମେ ଜଗନ୍ନାଥ
### ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ୍

ନନ୍ଦିଘୋଷ ରଥେ ଭକତଙ୍କ ସାଥେ
ଆସ ତୁମେ ଢଳିଢଳି;
ବରଷକ ଥରେ ବୁଲିଆସ ପୁରେ
ଚନ୍ଦନ କର୍ପୂର ବୋଳି।

ଚାରୁ ଚିତା ଝୋଟି ବେଶ ପରିପାଟୀ
ସୃଜେ ମନେ ଆଲୋଡନ ;
ଭକତ ମନରେ ବସିଛ ସ୍ନେହରେ
ଧନ୍ୟ କାଳୀୟ ଗଞ୍ଜନ ।

ବାମ ପଟେ ଭାଇ ଦକ୍ଷିଣେ ଗୋସାଇଁ
ସୁଭଦ୍ରା ମଝିରେ ଥାଇ;
ରଥାରୂଢ ସ୍ୱାମୀ ଶ୍ରଦ୍ଧାଳୁଙ୍କ ପ୍ରେମୀ
ଚାଲନ୍ତି ଗତି ମିଳାଇ।

ପଥେ ପଥେ ତାଳି ଶଙ୍ଖ ହୁଳହୁଳି
ଭକତେ ଦିଅନ୍ତି ଭେଟି;
ଝାଞ୍ଜ ଶବଦରେ ସବୁ ସମସ୍ୱରେ
ଗୀତ ଆଣନ୍ତି ସାଉଁଟି।

ଜୟ ଜଗନ୍ନାଥ ଅନାଥର ନାଥ
ଭବ ତୁମେ ହେଁ ଗୋସାଇଁ;
ତୁମ ନାମ ଧରି ମୃତ୍ୟୁ ନେବି ବରି
ମୁକତି ଟିକକ ପାଇ।

ସହଦେବଖୁଣ୍ଟା , ବାଲେଶ୍ୱର
ପିନ୍-୭୫୬୦୦୧
ମୋ: ୭୭୮୮୯୭୭୨୭୬

## ଗହଳି ଲାଗିଛି ବଡ଼ ଦାଣ୍ଡରେ
### ଜୟଶ୍ରୀ ଦାସ

ଘୋଷଯାତ୍ରା ହେବ ବଡ଼ଦାଣ୍ଡରେ
ଚହଳ ପଡିଛି ସାରା ବିଶ୍ୱରେ ।

ଝୁଲିଝୁଲି ଆସେ ନନ୍ଦିଘୋଷରେ
ଜୟ ଜଗନ୍ନାଥ ହୁଳହୁଳିରେ ।

ବୁଲିଯିବ ବୋଲି ଗୁଣ୍ଡିଚା ଘର
ଶ୍ରୀ ମନ୍ଦିର ଛାଡି ବସେ ରଥର ।

ଖିଲିଖିଲି ହସୁଥାଏ କାଳିଆ
ସର୍ବ ନାମ ସିଏ ବାଙ୍କ ଚୂଳିଆ ।

ଭକ୍ତ କରେ ଆନନ୍ଦରେ ଦର୍ଶନ
ଜଗା କିଣିଥାଏ ସଭିଙ୍କ ମନ ।

ଗରିବ ଜନର ସେ ଦୀନବନ୍ଧୁ
କରୁଣା ସାଗର ସେ କୃପାସିନ୍ଧୁ ।

କୋଟିକୋଟି ଭକ୍ତ ଧରାଧାମରେ
ଗହଳି ଲାଗିଛି ବଡ଼ ଦାଣ୍ଡରେ ।

+ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ,
ଜଗାଇ,
ବାଲିଆପାଳ, ବାଲେଶ୍ୱର

## ରଥ ଯାତ୍ରା
### ରାମ ଚନ୍ଦ୍ର ପ୍ରଧାନ

ଆଷାଢ଼ ମାସର ଶୁକ୍ଳ ଦ୍ୱିତୀୟାରେ
ଜଗନ୍ନାଥ ନାମ ଗାଇ
ବରଷକୁ ଥରେ ଆସେ ରଥଯାତ୍ରା
ପୁଣ୍ୟର ପସରା ନେଇ ।

ରତ୍ନବେଦୀ ଛାଡ଼ି ପ୍ରଭୁ ଜଗନ୍ନାଥ
ବଡ଼ଦାଣ୍ଡେ ଆତଯାତ
ଭକତ ମେଳରେ ଦରଶନ ଦେଇ
ମନକୁ କରନ୍ତି ପ୍ରୀତ ।

ଘିଡ଼ି ଘିଡ଼ି ନାଦେ ତିନି ରଥ ଗଡ଼େ
ହୃଦୟେ ଭରି ସରାଗ
ଘଣ୍ଟ ଝାଞ୍ଜ ତୁରୀ ମୃଦଙ୍ଗ ଶବଦେ
କମ୍ପୁଥାଏ ଚଉଦିଗ ।

ଉଲ୍ଲସିତ ଚିତ୍ତେ ରଥେ ବସି ପ୍ରଭୁ
ଯାଆନ୍ତି ମାଉସୀ ଘର
ତିନି ଦିଅଁଙ୍କର ଦରଶନ ଲଭି
ହସେ ଏ ସାରା ସଂସାର ।

ଚତୁର୍ଦ୍ଧା ମୂରତି ଆହେ ବିଶ୍ୱପତି
ଧନ୍ୟ ତୁମ ଲୀଳାଖେଳା
ତୁମେ ନ ଚାହିଁଲେ ଏ ଭବ ସଂସାରେ
ବୁଡ଼ିବ ସଭିଙ୍କ ଭେଳା ।

ଯାଇ ମୁଁ ପାରୁନି ତୁମ ବଡ଼ଦାଣ୍ଡେ
ଦେଖିବାକୁ ରଥଯାତ
ଦୂରୁ ଥାଇ ମୁହିଁ କରୁଅଛି ଅଳି
ଘେନ ମୋର ପ୍ରଣିପାତ ।

ଶିକ୍ଷକ, ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

## ବଡ଼ ଦେଉଳର ବଡ଼ ଠାକୁର
### ନିରଞ୍ଜନ ସାହୁ

ବଡ଼ ଦେଉଳର ବଡ଼ ଠାକୁର ହେ
ପ୍ରଣାମ ଘେନିବା ହେବେ
ରତ୍ନ ସିଂହାସନୁ ଶ୍ରୀକର ବଢ଼ାଇ
ଆଶିଷ ଟିକିଏ ଦେବେ ।

ପତିତପାବନ ବାନା ଉଡାଉଛ
ପତିତ ତାରଣ ପାଇଁ
ମୁଁ ଜଣେ ପତିତ ତୁମ ଦରଶନେ
ଆସିଅଛ ପରା ଧାଇଁ
ଆଜି ଭେଟାଭେଟି ହୋଇଛେ ଠାକୁରେ
ପୁଣି ଭେଟ ହେବା କେବେ ?

ଭକତି ଜାଣିନି ଭାବ ବି ଜାଣିନି
ପୂଜା ବିଧି ଜଣା ନାହିଁ
ଦରଶନେ ଭେଟି ଦେବା ପାଇଁ ମୋର
ସାମର୍ଥ୍ୟ ବା ଅଛି କାହିଁ
ଗରୁଡ଼ ପଛରେ ଗୁହାରି କରୁଛି
କାନକୁ ଟିକିଏ ନେବେ ।

ନିହଲ ପ୍ରସାଦ,
ଗଁଦିଆ ପାଟଣା,
ଢେଙ୍କାନାଳ - ୭୫୯୦୧୬
ମୋ :୯୯୩୮୭୪୧୫୮୩

## ରଥ ଅଭିଳାଷ
### ବାପିନି ସିଂ

ଶ୍ରୀ ମନ୍ଦିର ଶୀର୍ଷେ ଉଡୁଛି ହରଷେ
ପ୍ରଭୁଙ୍କ ଦର୍ଶନେ ନେତ,
ମହାପ୍ରଭୁ ଆଜି ହୋଇଛନ୍ତି ବିଜେ
ଦେଖିବେ ବୋଲି ଭକତ ।

ଭକ୍ତ ଭଗବାନ ସମ୍ପର୍କ ଅସୀମ
ଭକ୍ତ ଆସୁଛନ୍ତି ମାଡ଼ି,
କାଳେ କଉ ଭକ୍ତ ରହିବ ବଞ୍ଚିତ
ରଥ ନ ଯାଉଛି ଗଡ଼ି ।

କିଏ ଭକ୍ତିଭାବେ ନଡ଼ିଆ ଯେ ଯାଚେ
କିଏ ଦୂରୁ ନମସ୍କାର,
ତୋ ଚକା ଆଖିରେ ଚକା ନୟନରେ
ରଥପୁରୁ ଭକ୍ତ ତୋର ।

ତୋ ନୟନେ କେହି ବଡ଼ ହୁଏ ନାହିଁ
ହୁଏ ନାହିଁ କେହି ସାନ,
ବଡ଼ ଏକା ତୁହି ରାଜାଠୁ ସିପାହୀ
ତୋ ଆଗେ ସବୁ ସମାନ ।

ବଡ଼ ତୋର ଦାଣ୍ଡ ବଡ଼ ତୋର ପଣ୍ଡା
ତୋର ସେ ବଡ଼ ମନ୍ଦିର,
ବଡ଼ ତୋର ଭୋଗ ବଡ଼ ତୋ ଭକତ
ବଡ଼ ତୋର ଦରବାର ।

ତୋ ପାଖକୁ ଆସି ଯାଇନାହିଁ କେହି
ଖାଲି ହାତେ କେବେ ଫେରି,
ତୋ ଦର୍ଶନ ପାଇଁ ବସିଛି ଅନେଇ
ଲାଗିବ କେବେ ତୋ ଡୋରି ।

ରଥଯାତେ ଆଜି ନନ୍ଦିଘୋଷେ ବସି
ଯିବୁ ମା' ଗୁଣ୍ଡିଚା ପାଶେ,
ତୋ ରଥ ଦଉଡ଼ି ନେବି କେବେ ଭିଡ଼ି
ରହିଲି ସେ ଅଭିଳାଷେ ।

ସ୍ନାତକୋତ୍ତର
ଅର୍ଥଶାସ୍ତ୍ର ବିଭାଗ ଛାତ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ,
ବାଲେଶ୍ୱର
ମୋ: ୯୯୩୭୮୨୦୮୩୧



## ଚାଲ ବନ୍ଧୁ ଯିବା ରଥ ଯାତରା

### କୁନା ସେଠୀ

ଅଣସର ଘରୁ ବାହାରୁଛି ଜଗା
ନବ ଯଉବନ ହୋଇ
ଭକତ ଡାକନ୍ତି ଗୁହାରି କରନ୍ତି
ଦେଖାଦିଅ ବିଶ୍ୱ ସାଇଁ ।

ଜରରୁ ଉଠିଛି ଭଲ ସିଏ ଅଛି
ଯିବ ସେ ମାଉସୀ ଘର
ସଙ୍ଗରେ ବଳିଆ ଭଉଣୀ ସୁଭଦ୍ରା
ଯିବେ ଯେ ସାଥିରେ ତାର ।

ଏମିତି ବେଳାରେ ଦେଖାଦେବ ସିଏ
ବଡ଼ ଦାଣ୍ଡେ ଦିଅଁ ଭାବେ
ଲକ୍ଷ ଲକ୍ଷ ଭକ୍ତ ଆସିବେ ସେଠାକୁ
ତାହାକୁ ଅନାଇ ଥିବେ ।

ମାଉସୀ ଘରଟା ବାହାନା ତାପାଇଁ
ଅସଲ ଭକତ ଭେଟ
ଭକତ ସାଥିରେ କାଳିଆ ରଜାତ
କରେ ପ୍ରତିଦିନ ନାଟ ।

ଆସ ଆସ ବନ୍ଧୁ ସଜ ହୋଇଯିବା
ଯିବା ତା ଦାଣ୍ଡେ ଚାଲି
ଚାହିଁଆ ହଲାଇ ଆସୁଛି କାଳିଆ
ବଡ଼ ଦାଣ୍ଡେ ତାର ବୁଲି ।

ଦେଖିଲେ ତା ରୂପ ଲାଗିଯିବ ଆଖି
ଭାରି ରସିକିଆ ସିଏ
ବାଙ୍କ ଚାହାଣୀରେ ଚାହୁଁଥିବ ପରା
ଡାକୁଥିବ ତାକୁ ଯିଏ ।

ଭକ୍ତି ଭାବ ଟିକେ ଯୋଗାଡି ରଖିଥା
ଦେବୁ ଯେ ତାହାକୁ ତୁହି
ନେଇ ଜାଣେ ନାହିଁ ଦେଇ ଜାଣେ
ସିଏ
ଭକତ ମନକୁ ଚାହିଁ ।

ଗୋଡ଼ କାଢ଼ ବନ୍ଧୁ ଟ୍ରେନ ଛାଡି ଦେବ
କାଳିଆ ପାଖକୁ ଯିବା
କାଳିଆ ର ରଥ ଯାତରା ଦେଖିଣ
ଖୁସି ମନେ ଲେଉଟିବା ।

ଭୁତସରସିଙ୍ଗି, ଗଞ୍ଜାମ

## ସର୍ବଧର୍ମ ସମନ୍ୱୟର ଠାକୁର ମୋ ପ୍ରଭୁ ଜଗନ୍ନାଥ



### ମୀରା ବେଉରା

ସଂସ୍କୃତି ଗୋଟିଏ ଜାତିର ପରିଚୟ ଦେଇଥାଏ। ମାନବ ସଭ୍ୟତାର ପ୍ରାଣକେନ୍ଦ୍ର ହେଉଛି ସଂସ୍କୃତି। ଓଡ଼ିଶାରେ ପ୍ରଭୁ ଜଗନ୍ନାଥଙ୍କୁ ବାଦ ଦେଲେ କୌଣସି ସଂସ୍କୃତି, ସାହିତ୍ୟ, ଐତିହ୍ୟ, ଧର୍ମବିଶ୍ୱାସ, ପ୍ରଜ୍ଞା, ଭିକ୍ଷା, ଜ୍ଞାନ, ଦୀକ୍ଷା, କୃଷି, ବାଣିଜ୍ୟ, ମାଙ୍ଗଳିକ କାର୍ଯ୍ୟ ପରମ୍ପରା ଆଦି ଓଡ଼ିଆ ଜାତିର କୌଣସି ପରିଚୟର କଳ୍ପନା କରାଯାଇପାରେନା। ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଭାଷା, ଧନୀ, ନିର୍ଦ୍ଧନ ଏସବୁ ଚିନ୍ତନର ବହୁ ଊର୍ଦ୍ଧ୍ୱରେ ପ୍ରଭୁ ଶ୍ରୀଜଗନ୍ନାଥ। ଜାତିର ଚିନ୍ତା, ଚେତନା, ଭାବ, ଅନୁଭବ, ଆବେଗ ମୂଲ୍ୟବୋଧ, ବୃତ୍ତି, ପ୍ରବୃତ୍ତି, ସାଫଲ୍ୟ ବିକାଶଧାରା ହିଁ ଅଟେ ଓଡ଼ିଶାର ସଂସ୍କୃତି। ପ୍ରଭୁ ଜଗନ୍ନାଥ ସମଗ୍ର ମାନବଜାତିର ପ୍ରାଣର ଅଧିଶ୍ୱର ଠାକୁର। ସେ ମୁକ୍ତି, ସାମ୍ୟ, ମୈତ୍ରୀ ପ୍ରୀତିର ପ୍ରତୀକ। ଶ୍ରୀଜଗନ୍ନାଥଙ୍କ ଘୋଷ ଯାତ୍ରାର ଦିବ୍ୟ ସନ୍ଦେଶ ହେଉଛି ବିଶ୍ୱମୈତ୍ରୀ। ଏହି ରଥଯାତ୍ରା ଐତିହ୍ୟରେ ଶୀର୍ଷସ୍ଥାନ ଅଧିକାର କରି ବିଶ୍ୱ ସଂସ୍କୃତିକୁ ସେ ଦିନ ସ୍ପନ୍ଦିତ କରୁଥିଲା ଆଜିବି କରୁଛି। ଆଗାମୀ ଦିନରେ ମଧ୍ୟ କରିବ। ଏହି ଯାତ୍ରା ବିଶ୍ୱାତ୍ମା ଚେତନା ସୃଷ୍ଟି କରେ "ବସୁଧୈବ କୁଟୁମ୍ବକମ୍"ର ଚେତନାରେ ସମଗ୍ର ମାନବ ସମାଜକୁ ଦ୍ରବୀଭୂତ କରେ ଘୋଷଯାତ୍ରା। ତାଙ୍କର ଲୀଳା ଅବର୍ଣ୍ଣନୀୟ। କୌଣସି ଜାତି, ଗୋଷ୍ଠୀ, ସମ୍ପ୍ରଦାୟ ଭିତରେ ସେ ସୀମିତ ନୁହେଁ। ଆଦିବାସୀ, ଦ୍ରାବିଡ଼, ଆର୍ଯ୍ୟ, ଅନାର୍ଯ୍ୟ, ଜୈନ, ବୌଦ୍ଧ, ଶିଖ୍, ଈଶାଇ, ବୈଷ୍ଣବ, ଶାକ୍ତ, ଯୋଗୀ ସର୍ଭିଙ୍କର ଆରାଧ୍ୟ ଦେବତା ହେଉଛନ୍ତି ପ୍ରଭୁ ଜଗନ୍ନାଥ। ସଂକୀର୍ଣ୍ଣତାର ଊର୍ଦ୍ଧ୍ୱକୁ ଉଠିଯାଇ ସେ ସାମ୍ୟ, ମୈତ୍ରୀ, ଶାନ୍ତି, ପ୍ରୀତି, ସଂଘତି, ସଂପ୍ରତିର ପ୍ରତୀକ ସାଜି ସମଗ୍ର ବିଶ୍ୱରେ ଏକତା, ସମାନତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ବିଶ୍ୱଭ୍ରାତୃତ୍ୱର ଭାବ ବଜାୟ ରଖିଛନ୍ତି। ଏ ଜଗନ୍ନାଥ ସଂସ୍କୃତି ସାର୍ବଜନୀନ ସଂସ୍କୃତି, ବିଶ୍ୱହିତୈଶୀ ସଂସ୍କୃତି। ସର୍ବପ୍ରାଚୀନ ସଂସ୍କୃତି ଯାହା ବିଭିନ୍ନତା ମଧ୍ୟରେ ମଧ୍ୟ ଏକତା ଆଣି ସମଗ୍ର ମାନବ ସମାଜର ମଙ୍ଗଳସାଧାନା କରି ସଂହତି ସ୍ଥାପନ କରିଥାଏ। ଏହି ଘୋଷଯାତ୍ରା ମାନବ ସମାଜକୁ ଶିକ୍ଷା ଦିଏ ବୁଦ୍ଧି ହେଉଛି ସାରଥି ମନ ହେଉଛି ଘୋଡ଼ା, ତେଣୁ ମଣିଷ ଯଦି ବୁଦ୍ଧିର ଶକ୍ତିରେ ପଞ୍ଚମନ ପଚିଶ ପ୍ରକୃତିକୁ ସ୍ୱନିୟନ୍ତ୍ରିତ କରେ, ମାନବର ଭାବ ଦୂର ହୋଇ ଆତ୍ମବଳଶାଳୀ ହୋଇ ମାନବ ବିବେକର ଶକ୍ତିରେ ପରିଚାଳିତ ହୋଇ୭ ସମାଜର ତଥା ରାଷ୍ଟ୍ରର ଏବଂ ସମଗ୍ର ବିଶ୍ୱର କଲ୍ୟାଣ ସାଧନ କରିବାକୁ ସମର୍ଥ ହେବ।

ପ୍ରକୃତରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ମାନବବାଦର ଠାକୁର, ବିଶ୍ୱମୈତ୍ରୀର ଠାକୁର। ସେ ସବୁବେଳେ ଚେତାଇ ଦିଅନ୍ତି ମଣିଷ ବଡ଼ ନୁହେଁ ମଣିଷ ପଣିଆ ବଡ଼। ଜାତି ବଡ଼ ନୁହେଁ, ଧର୍ମ ବଡ଼ ନୁହେଁ, ଜଗତ ବଡ଼। ଆଜି ଯଦି ମଣିଷ ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ ନିଜର ବିବେକ, ଜ୍ଞାନ, ପ୍ରଜ୍ଞା, ବିଚାର, ବୁଦ୍ଧି, ପାପପୁଣ୍ୟ, ନୀତି ଅନୀତି, ନ୍ୟାୟ ଅନ୍ୟାୟ, ଧର୍ମ ଅଧର୍ମ ଏ ସବୁକୁ ବିଚାର କରି ନିଜର ମଣିଷ ପଣିଆକୁ ବିଶ୍ୱ ଦରବାରରେ ପ୍ରତିପାଦନ କରିବ, ତେବେ ମଣିଷ ଦିବ୍ୟ ମାନବରେ ପରିଣତ ହୋଇପାରିବ। ପ୍ରଭୁ ଜଗନ୍ନାଥ ଚାହାଁନ୍ତି ଆଜିର ମଣିଷ ତା'ର ଆତ୍ମଘାତୀ ଚିନ୍ତାଧାରାକୁ ଦୂରେଇଦେଇ ନିଜର ଦୃଢ଼ ଇଚ୍ଛାଶକ୍ତି, ଶାରୀରିକ ଶକ୍ତି, ଐଶ୍ୱରୀକତାକୁ ପ୍ରୟୋଗ କରି ନିଜ ଭିତରେ ସତ୍‌ଚିନ୍ତା, ସତ୍‌ଚେତନା, ସତ୍‌କର୍ମ, ସତ୍‌ଭାବନା ଉଦ୍ରେକ କରି ଆତ୍ମାର ସନ୍ଧାନ କରୁ। ଏହି ଆତ୍ମସନ୍ଧାନ ହିଁ ତା' ଆଧ୍ୟାତ୍ମିକ ଚେତନାର ମୂଳଭିତ୍ତି। ସେ ଆକାର, ନିରାକାର, ସୁଖ, ଦୁଃଖ, ସେ ମାୟାବି, ସେ ପୁଣି ଭାବକୁ ନିକଟ ଅଭାବକୁ ଦୂର। ସେ ଅନ୍ତର୍ଯ୍ୟାମୀ, ସେ ସର୍ବବ୍ୟାପୀ, ସେ ଅବତାରୀ ପୁରୁଷ। ସେ ପୁଣି ଶବର ଦେବତା, ତାଙ୍କ ଭାବ ଗୀତା, ଭାଗବତ, ମହାଭାରତ, ସବୁର ବହୁ ଊର୍ଦ୍ଧ୍ୱରେ। ଥରେ ଯିଏ ସେ ଭାବକୁ ବୁଝିଛି ତାଙ୍କ ଚେତନାରେ ହଜିଛି, ପ୍ରେମରେ ପଡ଼ିଛି ତା'ର ଆଉ କିଛି ଐଶ୍ୱର୍ଯ୍ୟ ସୁଖ ସମ୍ପତ୍ତି ଲୋଡ଼ା ହୁଏ ନାହିଁ। ସମଗ୍ର ପୃଥିବୀରେ ଏମିତି ଠାକୁର ବିରଳ ଯାହାର ହାତ ନାହିଁ କିନ୍ତୁ ଭକ୍ତ ଦାସିଆ ବାଉରୀର ନଡ଼ିଆକୁ ହାତ ବଢ଼ାଇ ନିଅନ୍ତି, ଗୋଡ଼ ନାହିଁ କିନ୍ତୁ ଚାଲି ଚାଲି ଆସି ଭକ୍ତଦ୍ୱାରା ନିର୍ମିତ ହୋଇଥିବା ବାଲି ରଥରେ ବସନ୍ତି। ସେ ଭକ୍ତ ବଳରାମ ଦାସଙ୍କ ବାଲି ରଥରେ ବସନ୍ତି। ପୁଣି ପାଟି ନଥାଇ କଥା କହୁନ୍ତି। କାନ ନଥାଇ ଭକ୍ତର ଗୁହାରୀ ଶୁଣନ୍ତି। ଗଜ, ମୃଗଣୀ ଏବଂ ଦ୍ରୌପଦୀର ବସ୍ତ୍ରହରଣବେଳେ କୋଟି କୋଟି ବସ୍ତ୍ର ଦେଇ ଲଜ୍ଜା ନିବାରଣ କରନ୍ତି। ପୁଣି ନାକ ନଥାଇ ମଲ୍ଲୀ, ହେନା, ଚମ୍ପାର ସୁଗନ୍ଧ ବାରିପାରନ୍ତି। ଏଭଳି ଠାକୁର ଭକ୍ତ ପାଇଁ ସହଜ, ସରଳ ହୋଇଥିବାବେଳେ ବିଦ୍ୱାନ ଗୁଣୀ ପାଖରେ ଅନେକ ଜଟିଳ। ତାଙ୍କ ଚିନ୍ତାଚେତନାକୁ ଓ ତତ୍ତ୍ୱକୁ ଭକ୍ତ ଅତି ସହଜରେ ବୁଝିପାରିଥାଏ। ପ୍ରିୟ ଭକ୍ତର ଆସିବା ବିଳମ୍ବ ହେଲେ ପ୍ରଭୁ ଛଳନା କରି ରଥକୁ ଅଟକାଇ ଦିଅନ୍ତି। ସତରେ ତାଙ୍କର ମହିମା ଅବର୍ଣ୍ଣନୀୟ। ସେଇଥିପାଇଁ ତ ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କୁ ସୃଷ୍ଟିର ଅଲୌକିକ ଦେବତା ବୋଲି ଅବିହିତ କରିଛନ୍ତି।

ପାଦ ନାହିଁ ସେ ଯେ ଗଗନ କରଇ
କର୍ଣ୍ଣ ନାହିଁ ସବୁ ଶୁଣେ
ଜିହ୍ୱା ନାହିଁ ସ୍ୱାଦ ମଣେ।

ଶ୍ରୀଜଗନ୍ନାଥଙ୍କ ବିନା ଓଡ଼ିଆ ସାହିତ୍ୟ, କାବ୍ୟ, କବିତା, ମଧ୍ୟ ଅପୂରଣୀୟ ଏବଂ ଶ୍ରୀହୀନ। ଭକ୍ତ ସାଲବେଗଠାରୁ ଆରମ୍ଭ କରି ସାରଳା ଦାସ, ବଳରାମ ଦାସ, ବନମାଳୀ ଦାସ, ବୈଷ୍ଣବ ପାଣି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଗୋପାଳ ଚନ୍ଦ୍ର ପ୍ରହରାଜ, କବି କାଳିଚରଣ ପଟ୍ଟନାୟକଙ୍କ କବିତା ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଓଡ଼ିଆ ସାହିତ୍ୟର ଏକ ସ୍ୱତନ୍ତ୍ର ପରିଚୟ। ପୁଣି ଉତ୍କଳମଣି ଗୋପବନ୍ଧୁଙ୍କୁ ଲେଖିଲେ–

"ଉତ୍କଳେ ନେତାର
ନାହିଁ ପ୍ରୟୋଜନ
ଉତ୍କଳର ନେତା
ନିଜେ ନାରାୟଣ"।



ଜୈନ୍ୟ ସାହିତ୍ୟରେ ମହାବୀରଙ୍କୁ ଜଗନ୍ନାଥ। ବୌଦ୍ଧ ସାହିତ୍ୟରେ ବୁଦ୍ଧଦେବଙ୍କୁ ଜଗନ୍ନାଥ ରୂପରେ, ବିଷ୍ଣୁ ପୁରାଣରେ କୃଷ୍ଣଙ୍କୁ, ମତ୍ସ୍ୟପୁରାଣରେ କାର୍ତ୍ତିକେୟଙ୍କୁ ସାରଳା ମହାଭାରତରେ କୃଷ୍ଣଙ୍କୁ ଜଗନ୍ନାଥ ରୂପରେ ବର୍ଣ୍ଣନା କରାଯାଇଛି। ଆମେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ତାଙ୍କରି ସନ୍ତାନ। ପ୍ରଭୁ ପୁଣି ମାନବୀୟ ଲୀଳା କରନ୍ତି। ଶୀତଦିନେ ଗରମ ପୋଷାକ, ଗ୍ରୀଷ୍ମଦିନେ ଜଳକେଳି କରନ୍ତି ଏବଂ ଷାଠିଏ ପଉଟି ଖାଦ୍ୟ ରାଜକୀୟ ରୀତିରେ ସେବନ କରନ୍ତି। ଭକ୍ତି ଓ ଭାବର ରଜ୍ଜୁରେ ସେ ବନ୍ଧା। ବଡ଼ ମାନୁଆ ଠାକୁର। ଜୟଦେବଙ୍କ ଗୀତଗୋବିନ୍ଦ ଶୁଣିବାକୁ ପୁଣି ବାଇଗଣ କିଆରୀରେ ପଶି ଆପଣା ପାଟବସ୍ତ୍ରକୁ ଚିରି ଗୀତ ଶୁଣନ୍ତି। ଭକ୍ତ ଅଭିମାନ କଲେ ଅବା ଗାଳି କଲେ ସେ ଚନ୍ଦନ ପ୍ରାୟେ ଗାଳିକୁ ବୋଳି ପକାନ୍ତି। ତାଙ୍କ ପାଇଁ ମହଣ ମହଣ ଘିଅ, ଧୂପଦ୍ୱୀପ, ଚନ୍ଦନ, ଅଗୁର, ତୁଳସୀ, ଫୁଲ ଲୋଡ଼ା ହୁଏନି। ଲୋଡ଼ା ଖାଲି ଟିକିଏ ଛଳନାହୀନ ପ୍ରେମ। ସେ ପ୍ରେମ ଭୌତିକ ନୁହେଁ ସେ ପ୍ରେମ ଚିର ଅମଳିନ, ଚିର ଶାଶ୍ୱତ, ଚିର ଜାଗ୍ରତ। ଏମିତି ଠାକୁର ସାରାବ୍ରହ୍ମାଣ୍ଡରେ ନଥିବେ ଯିଏ ରତ୍ନ ସିଂହାସନ ଛାଡ଼ି ପାଗଳ ପରି ଧାଇଁ ଆସେ ଭକ୍ତଙ୍କୁ କୋଳେଇ ନେବା ପାଇଁ। ଭକ୍ତ ସହ ଏକାକାର ହୋଇଯିବା ପାଇଁ ଭକ୍ତ ବି ଅଧିର। ଭକ୍ତ ଅଭିମାନ କରେ ପ୍ରଭୁ ପାଖରେ, ପ୍ରଭୁ କିଛି ଦେଲନାହିଁ। ପ୍ରଭୁ କିନ୍ତୁ ଯାହା ତା' ପାଇଁ ଚିର ମଙ୍ଗଳ ତାହା ହିଁ କରନ୍ତି। ପ୍ରଭୁଙ୍କ ଲୀଳା ବଡ଼ ବିଚିତ୍ର। ବେଳେବେଳେ ଭକ୍ତକୁ ପରୀକ୍ଷା କରନ୍ତି। ସୃଷ୍ଟିରେ ବିଚିତ୍ର ଲୀଳା କରନ୍ତି। ତାଙ୍କ ଲୀଳାକୁ ସାଧାରଣ ଭକ୍ତ ବୁଝିପାରେନି। ତାଙ୍କ ଇଚ୍ଛା ସବୁବେଳେ ମଙ୍ଗଳମୟ। ତାଙ୍କ ଲୀଳା ଜାଣିବାକୁ ହେଲେ ଧୈର୍ଯ୍ୟ ଦରକାର। ଥରେ ହାତ ଟେକି ତାଙ୍କୁ ସମର୍ପିତ ହେଲେ ସବୁ ସେ କୃପା ବର୍ଷା କରିଦିଅନ୍ତି। ଜାତିରେ ମୁସଲମାନ ଭକ୍ତ ସାଲବେଗକୁ ପ୍ରଭୁ ଆପଣେଇ ତାର କୁଷ୍ଠବ୍ୟାଧି ଭଲ କରିଦେଇଥିଲେ। ପୁଣି ଭୋକ ଉପାସରେ ସଢ଼ୁଥିବା ବନ୍ଧୁ ମହାନ୍ତିକୁ ଭୋଗଥାଳି ଟେକି ଦେଇଥିଲେ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)



## ବଡଦାଣ୍ଡେ ଘୋଷଯାତ

### ଅଶୋକ କୁମାର ପ୍ରଧାନ

ବଡଦାଣ୍ଡେ ହେଇ ତିନିରଥ ନେଇ
ଆସୁଛନ୍ତି ତିନି ନାଥ
ତାଙ୍କୁ ଦେଖି ଦେଖ ଭକତ ଖୁସିରେ
ନାଚୁଛନ୍ତି ଟେକି ହାତ।

ଆଗେ ଆସୁଛନ୍ତି ତାଳଧ୍ୱଜ ରଥେ
ବଳିଆ ଭାଇଟି ହସି
ପଣ୍ଡା ପଡ଼ିଆରି କରନ୍ତି ଜଣାଣ
ରଥରେ ସଭିଏଁ ବସି।

ମଝିରେ ସୁଭଦ୍ରା ଭଉଣୀ ଆସନ୍ତି
ଦେବଦଳନକୁ ଚଢି
ଆହା ମନଲୋଭା କି ସୁନ୍ଦର ରୂପେ
ରଥ ଯାଏ ଗଡି ଗଡି।

ଶେଷେ ଆସୁଛନ୍ତି କାଳିଆ ଠାକୁର
ବସି ନନ୍ଦିଘୋଷ ରଥେ
ତାଙ୍କୁ ଦେଖିବାକୁ ଭକତଙ୍କ ଭିଡ
ଆହାକି ଜମିଛି ପଥେ।

ଘଣ୍ଟ ମୁରଦଙ୍ଗ କାହାଳୀ ଶବଦେ
ବଡ଼ଦାଣ୍ଡ ଉଠେ ପୁରି
ମହାମନ୍ତ୍ର ଗାଇ ନାଚନ୍ତି ଭକତେ
ବାଜୁଛି ମହୁରୀ ତୁରୀ।

ପୁରାଣ କହୁଛି ଜୀବନେ ଯେ ଥରେ
ଦେଖିବ ଏ ଘୋଷ ଯାତ
ସାରା ଜୀବନର ସକଳ ଯାତନା
ହୋଇଯିବ ସମାପତ।

ଆସରେ ସଭିଏଁ ଘୋଷଯାତ ଦେଖି
ଯିବା ମେଳ ହୋଇ ପୁରୀ
କି ଡୋର କାଳିଆ ଦେଇଛିରେ ଖଞ୍ଜି
ମନ ହେଉଅଛି ଝୁରି।

ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

## ତିନି ରଥର ସାରମର୍ମ

### ଅମରନାଥ ବାରିକ୍

॥ ନନ୍ଦିଘୋଷ ॥

ଜଗତ ସାଆନ୍ତ କାଳିଆ ସୁନାର
ଅଟେ ନନ୍ଦିଘୋଷ ରଥ
ତା'ର ଧ୍ୱଜ ନାମ ତ୍ରୈଲୋକ୍ୟ ମୋହିନୀ
ନିଜେ ନିଜ ସ୍ରଷ୍ଟା ନାଥ ।

ଚୌରାଳିଶ ଫୁଟ ଦୁଇ ଇଞ୍ଚି ହୋଇ
ରଥ ଯେ ନିର୍ମାଣ ହୁଏ
ଚକ ଷୋଳଗୋଟି ଶଗଡ଼ ପରିକା
ଚାରିପଟେ ଲାଗିଥାଏ ।

ଆଠଶହ ବତିଶ କାଠ ଗଣି ଗଣି
ଗଢ଼ା ହୁଏ ଦିନ ରାତି
ଦୂରଦର୍ଶନ ରେ ପ୍ରସାରଣ ହୁଏ
ଓଡିଶା କଳା ସଂସ୍କୃତି ।

ରକ୍ଷକ ତାହାର ଗରୁଡ଼ ଅଟଇ
ମାରୁଥାନ୍ତି କରତାଳି
ଯାଉଥାଏ ଯେବେ ବଡ଼ ଦାଣ୍ଡେ ଝୁଲି
ବାଜେ ଘଣ୍ଟ ହୁଳହୁଳି ।

ରଥ ଦଉଡି ର ନାମ ଶଙ୍ଖ ଚୂଡ
ଭକତ ଜୀବନ ଧନ
ନାଲି ହଳଦିଆ ରଥ ରଙ୍ଗ ତାର
ଯଶୋଦା କୁଳ ନନ୍ଦନ ।

ସୋରିଷ ବିଞ୍ଚିଲେ ତଳେ ପଡିବନି
ସାରଥୀ ଅଟଇ ଦାରୁକ
ଘଞ୍ଚ ମୟ ବେଢ଼ି ଥାନ୍ତି ଚତୁଃପାର୍ଶ୍ୱ
ଢଗ ଢ଼ମାଳିଆ ଗାୟକ ।

ଚାରିଗୋଟି ଘୋଡା ଧଳା ରଙ୍ଗ ଭରା
ଆଗରେ ତା ହଲୁଥାଇ
ଲକ୍ଷ୍ମୀ ଠାକୁରାଣୀ ଭାଳନ୍ତି ଯାଅ ନା
ଗଉଡ଼ ପୁଅ କହ୍ନାଇ ।

॥ ତାଳଧ୍ୱଜ ॥

ତାଳଧ୍ୱଜ ରଥ ବଳଭଦ୍ରଙ୍କର
ଦେଖିବାକୁ କି ସୁନ୍ଦର
ବଡ଼ ଭାଇ ସେଠି ବିଜେ କରିଥାନ୍ତି
ଗଳାରେ ଗଜରା ହାର ।

ଗହଳି ଲାଗିଛି ବଡ଼ ଦାଣ୍ଡ ସାରା
ବାସୁଦେବ ଯେ ରକ୍ଷକ
ଟାଣନ୍ତି ଭକତ ଆନନ୍ଦ ମନରେ
ଲାଗୁଥାଏ ଜାକଜମକ ।

ମାତଳୀ ଅଟଇ ରଥର ସାରଥୀ
ନନ୍ଦ ସୁନନ୍ଦ ଦ୍ୱାରପାଳ
ଆହୁରୀ ରହିଛି ଏକ ବିଶେଷତ୍ୱ
ରଥ ଅସ୍ତ୍ର ହଳ ମୁସଳ ।

ତେଇଆଳିଶ ଫୁଟ ତିନି ଇଞ୍ଚ ର
ଉଚ୍ଚତା ଅଟେ ଏ ରଥ
ଘୁଉଁ ଘୁଉଁ କରି ଯାଉଥିବା ବେଳେ
କମ୍ପେ ନୀଳାଚଳ ପଥ ।

ତାଳଧ୍ୱଜ ପରେ ଲାଗିଥାଏ ଯେଉଁ
ବାନା ଟିର ନାମ ଉନ୍ନାନି
ଗଢ଼ିଛି ବିନ୍ଧାଣି ରଙ୍ଗ ମନ ଜାଣି
ନାଲିଆ ସବୁଜ ବନାନି ।

କରି ଗୋଲାକାର ଲଗାଇ ଅରଖ
ଚକ ଲାଗିଥାଏ ଚଉଦଟି
କାନ୍ତ କୋମନୀୟ ନିରୀହ ସରଳ
କଳାରଙ୍ଗ ଘୋଡା ଚାରୋଟି ।

ଥାନ୍ତି ପଣ୍ଡା ପୁଅ ଡାହୁକ ଘଣ୍ଟିଆ
ରଥର ଦଉଡି ବାସୁକି
ସାତଶହ ତ୍ରେଷଠି ଖଣ୍ଡ ର କାଠ
ସମ୍ପୂର୍ଣ୍ଣ ଦିଅଇ ଖଞ୍ଜିକି ।

॥ ଦର୍ପଦଳନ ॥

ଦର୍ପଦଳନ ଟି ଅତି ମନୋରମ
ଭଉଣୀ ସୁଭଦ୍ରାଙ୍କ ର
ଗେଲ୍ଲୀ ସୁନାମୁହିଁ ହଳଦୀ ମାଖିଛି
ହସ ନାଲି ଓଠେ ତା'ର ।

ଆଖି ଯାଏ ଲାଖି ଦେଖିଲେ ଏହାକୁ
ରଥ ରଙ୍ଗ କଳା ନାଲି
ଝଲସି ଉଠନ୍ତି ସମ୍ମୁଖ ରେ ରହି
ଘୋଡା ବି ଚାରୋଟି ନାଲି ।

କରନ୍ତି ଚାଳନା ହେଲେ ଆନମନା
ଦେବ ଅର୍ଜୁନ ସାରଥୀ
ସୁଭଦ୍ରା ମାଆର ଯାତ ଦେଖିବାକୁ
ଚାଲ ବେଗୀ ଯିବା ସାଥି ।

ଶୁଭ ହୁଏ ଥରେ ଛୁଇଁଲେ ତାହାକୁ
ସ୍ୱର୍ଣ୍ଣଚୂଡ଼ର ଦଉଡି
ବଇଆଳିଶ ଫୁଟ ତିନି ଇଞ୍ଚିର
ଚାଲ ନେବା ତାକୁ ଭିଡି ।

ଅଖ ଲାଗିଥିବା ବାର ଗୋଟି ଚକ
ଜୟ ମା ଦୁର୍ଗା ରକ୍ଷକ
ଆ ଲୋ ସଙ୍ଗିନୀ ସାଙ୍ଗ ହୋଇ ଯିବା
ଦେଖିବା ପାଇଁ କ୍ଷଣିକ ।

ପାଞ୍ଚଶହ ତେୟାନବେ ଖଣ୍ଡ କାଠ
ଅଗ୍ରେ ନାଦମ୍ବିକା ଧ୍ୱଜ
ମନ୍ଦିରକୁ ଛାଡି ଆସିବେ ବାହାରି
ରଥ ହୁଏ ସଜବାଜ ।

ଗଙ୍ଗା ଓ ଯମୁନା ଥାଏ ଦ୍ୱାରପାଳ



ସୁନ୍ଦର ନିର୍ମିତ ଭାବେ
ଝିପିରି ଝିପିରି ମେଘୁଆ ପାଗକୁ
ମନ ଝୁମେ ଏହି ଠାବେ ।

କୟାଁ, ମଙ୍ଗଳପୁର,
ଯାଜପୁର-୭୫୫୦୧୧
ମୋ: ୯୫୪୦୩୦୮୦୯୫

## ଗୁଣ୍ଡିଚା ଯାତ

### ସୁଧାକର ରାଉତ

ଆଷାଢ ମାସର ଶୁକ୍ଳ ଦ୍ୱିତୀୟାରେ
ଗୁଣ୍ଡିଚା ଯାତ
ଆଷାଢ ମାସର ଶୁକ୍ଳ ଦ୍ୱିତୀୟାରେ
ପୂଣ୍ୟ ରଥଯାତ୍ରା ଆସେ
ସବୁରି ହୃଦୟ ପରିପୂର୍ଣ୍ଣ ହୁଏ
ଅପୂର୍ବ ଭକତି ରସେ ।
ଭକତଙ୍କ ଡାକ ଏଡ଼ାଇ ନପାରି
ତେଜି ରତ୍ନ ସିଂହାସନ
ଭାଇ ଭଉଣୀଙ୍କ ସାଥିରେ କରିବେ
ଜନ୍ମ ବେଦୀକୁ ଗମନ ।
ପହଣ୍ଡି ବିଜେରେ ଚତୁର୍ଦ୍ଧା ମୁରତି
ବାଇଶି ପାହାଚ ଡେଇଁ
ସୁନ୍ଦର ଟାହିଆ ଝୁଲାଇ ଆସନ୍ତି
ରଥେ ବିରାଜିବା ପାଇଁ ।
ବଡ଼ ଭାଇ ବିଜେ ତାଳଧ୍ୱଜ ରଥେ
ଦର୍ପଦଳନେ ଭଉଣୀ
ପଛରେ ଆସନ୍ତି ଶ୍ରୀ ଚକାନୟନ
ନନ୍ଦିଘୋଷ ରଥେ ପୁଣି ।
ବଡ଼ଦାଣ୍ଡେ ଥାଇ ତିନି ରଥ ଶୋଭା
ଭାଷାରେ କହି ନୁହଁଇ
ଦୂରୁ ଶ୍ରୀ ମନ୍ଦିର ଚୂଡ଼ା ପରେ ପତିତ
ପାବନ ଉଡୁଥାଇ ।
ଶଙ୍ଖ ହୁଳହୁଳି ମାର୍ଦ୍ଦଳ କାହାଳି
ଶବଦରେ ବଡଦାଣ୍ଡ
କମ୍ପି ଉଠି ଜୟ ଶ୍ରୀ ଜଗତ ନାଥ
ଘୋଷଇ ସବୁରି ତୁଣ୍ଡ ।
ଭକତ ମେଳରେ ଆରତ ନାଶନ
ଯାଇ ନଅ ଦିନ ପାଇଁ
ମାଉସୀ ମା ଠାରୁ ପୋଡ଼ପିଠା ଖାଇ
ଫେରିବେ ଜଗତ ସାଇଁ ।
ତୁମ ମାନବୀୟ ଲୀଳା ହେ ଠାକୁର
କିପରି ବୁଝିବୁ କୁହ
ଆମରି କୋମଳ ହୃଦୟରେ ପ୍ରଭୁ
ସଦା ସରବଦା ରୁହ ।

ପ୍ରତାପ ନଗରୀ, କଟକ

## ଆସୁଛି ରଥଯାତ

### ଜୟନ୍ତ କୁମାର ମଲ୍ଲିକ୍

ରଥ ଯାତରା ଆସିଛି ଆଜି
ଯିବାରେ ଚାଲ ପୁରୀ
ଦେଖିବା ସେଠି ତିନି ଠାକୁର
ହୋଇବା ନାହିଁ ଝୁରି ।
ଜଗା, ବଳିଆ, ସୁଭଦ୍ରା ସେଠି
ରଥରେ ଥିବେ ବସି
ବଡ଼ଦାଣ୍ଡରେ ବୁଲିବା କେତେ
ଧରିକି ତାଙ୍କ ରଶି
ରଥଟି ତାଙ୍କ ଧିରେ ଚାଲିବ



ଘରେ କହିବା ଆସି ।
ରହିବା ସେଠି ଗୋଟିଏ ଦିନ
ତାଙ୍କ ପ୍ରାସାଦ ଖାଇ
ବୁଡ଼ିବା ଆମେ ସାଗର ଜଳେ
ପାପ ଯିବରେ ଧୋଇ ।

ଶୂରଡ଼ିହ,ନନ୍ଦିପୁର, ଯାଜପୁର
ମୋ: ୯୪୩୭୮୬୫୭୨୭,

## ରଥ ପଥ ଜଗନ୍ନାଥ



### ଡି ଶୁଭମ୍

ଭରତରୁ ସୃଷ୍ଟ ଭାରତ-ଏକ ନିଆରା ଅନୁଭବ। ସନାତନ ଧର୍ମରେ ବନ୍ଧା ସାରା ଭାରତ। ଧର୍ମୀୟ ଭାବନାରେ ଉଦବୁଦ୍ଧ ଏ ସୃଷ୍ଟି। ଆଉ ଏହାରି ଭିତରେ ସଭିଙ୍କର କୁଳଦେବତା , ଅନାଦିଅନନ୍ତ ଲୀଳାମୟ ପ୍ରଭୁ ଶ୍ରୀ ଜଗନ୍ନାଥ। ସେ ଜଗତରନାଥ ପୁଣି ସେ ଭାବର ଦେବତା। ସେ ଦାସିଆବାଉରୀ ହେଉ କି ଭକ୍ତ ସାଲବେଗ ସବୁରିଠାରେ ସେ ସର୍ବବିଦ୍ୟମାନ। ଅନୁଭବର ଅନୁଭବୀ ଠାକୁର ସେ। ଭକ୍ତର ଭଗବାନ କାଳିଆ ଠାକୁର.... ଚାରିଧାମ ମଧ୍ୟରେ ପୁରୀ ଏକ ଅନନ୍ୟ ପରିଚୟ। ଭକ୍ତିମୟ ପରିବେଶ ସହ ଭଗବାନଙ୍କର ଅପୂର୍ବ ଲୀଳା ଏହାକୁ ଜୀବିତ କରେ। ସତରେ କାଳିଆର ଲୀଳା ବଡ଼ ବିଚିତ୍ର। ସେ ଏମିତି ଏକ ଠାକୁର ଯାହାକୁ ଯେତେ ଦେଖିଲେ ବି ମନବୁଝେନି। ପୁଣି ଦେଖିବାକୁ ଇଚ୍ଛାହୁଏ। ସେ ପରା ମନର ପ୍ରଭୁ। ସେ ପୁଣି ବିଚିତ୍ରସ୍ରଷ୍ଟା। ବଡ଼ଦାଣ୍ଡରେ ପାଦଦେଉଦେଉ ମନରେ ଭକ୍ତିଭାବ ଜାଗ୍ରତହୁଏ। ଭକ୍ତ ତ ଦଇତାପତି ମାନଙ୍କୁ ଭଗବାନଙ୍କର ସେବକ ମାନନ୍ତି। ସେ ଯାହା ବି ହଉ କାଳିଆ ପରା ସମସ୍ତଙ୍କର।

ଦୁଇ ବର୍ଷ ପୂର୍ବକୁ ଯଦି ଫେରିଯିବା , ଯେଉଁ ସମୟରେ ତାଲାବନ୍ଦର ନାରା ବାଜୁଥିଲା , ଯେତେବେଳେ ଗାଁ ଠୁ ସହର ସବୁଠି ଏକରକମର ଶବ୍ଦହୀନ ପରିବେଶ ସୃଷ୍ଟି ହୋଇଥିଲା , ସେବେ ରଥଯାତ୍ରା ହେବ ନହେବାକୁ ନେଇ ଏକ ବଡ଼ ଦ୍ୱନ୍ଦ୍ୱ ଓ ବିତର୍କ ଚାଲୁଥିଲା। ସାରା ଦେଶ ସେବେ ଲକଡ଼ାଉନର ସମୟ ଦେଇ ଗତି କରୁଥିଲା। ଘରୁ ପାଦ କାଢ଼ିବା ଆଜି ଅସମ୍ଭବ ହୋଇଯାଇଥିଲା। ସବୁ ମନ୍ଦିରର ଦ୍ୱାର ଭକ୍ତଙ୍କ ପାଇଁ ବନ୍ଦ ଥିଲା। ଯେଉଁ ମନ୍ଦିର ପ୍ରାଙ୍ଗଣରେ ଧର୍ମର ଗାଥା ଗାନ କରଯାଉଥିଲା , ଭକ୍ତିମୟ ପରିବେଶ ସୃଷ୍ଟି ହେଉଥିଲା ତାଲାବନ୍ଦ ଯୋଗୁଁ ସେଠି ଖାଁ ଖାଁ ପରିବେଶ ସୃଷ୍ଟି ହୋଇଥିଲା। ଏହାରି ଭିତରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ନେଇ ସୃଷ୍ଟି ହୋଇଥିଲା ଅନେକ ଚର୍ଚ୍ଚମା।



ରଥଯାତ୍ରା – ମହାପ୍ରଭୁଙ୍କର ପ୍ରସିଦ୍ଧ ଯାତ୍ରା। ଏକଥା ତ ସମସ୍ତେ ଜାଣିଛନ୍ତି। ପ୍ରଥମେ ରଥ ହେବ କି ନାହିଁ ମଧ୍ୟରେ ଯେଉଁ ବିବାଦ ଓ ଦ୍ୱନ୍ଦ୍ୱ ଲାଗି ରହିଥିଲା , ତା'ର ପୂର୍ଣ୍ଣଛେଦ ପକାଇଥିଲେ ରାଜ୍ୟସରକାର। ରଥ ହେବ ବୋଲି ଅନୁମତି ମିଳିବା ପରେ ସମସ୍ତଙ୍କ ମନରେ ଆଶାର କିରଣ ଜାତ ହୋଇଥିଲା। ରଥ କାମ ବେଶ ସୁରୁଖୁରରେ ଚାଲୁଥିବା ବେଳେ ହାଇକୋର୍ଟଙ୍କ ରାୟ ବି ମନର ଏହି ଆଶା ଓ ଉଦବେଗକୁ ଦ୍ୱିଗୁଣିତ କରିଥିଲା। ସେବାୟତ ଏବଂ ପ୍ରଶାସନର ସହଯୋଗର ସମସ୍ତ ନୀତିକାନ୍ତି ବି ସରିଥିଲା। ରଥ କାମ ବି ଅନେକ ଦିନ ପରେ ଆରମ୍ଭ ହୋଇଥିଲେ ହେଁ ଖୁବ ଶୀଘ୍ର ଏହା ସରିବାକୁ ବସିଥିଲା। ଏହାରି ମଧ୍ୟରେ ସପ୍ରିମକୋର୍ଟଙ୍କ ମଧ୍ୟାହ୍ନ ସମୟରେ ଯେଉଁ ରାୟ ଦେଲେ ରଥଯାତ୍ରା ହୋଇପାରିବ ନାହିଁ , ସମଗ୍ର ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ନିରାଶାର ଛାୟା ଖେଳିଗଲା। ଯଦି ରଥଯାତ୍ରା ହେବାର ନଥିଲା , ତାହେଲେ ସ୍ନାନଯାତ୍ରା କ'ଣ ପାଇଁ କରାଗଲା ବୋଲି ବିଭିନ୍ନ ମହଲରୁ ପ୍ରଶ୍ନ ଅସିଥିଲା। ସବୁଆଡ଼େ ରଥଯାତ୍ରା ହେଉ ବୋଲି ସ୍ୱର ଶୁଭିଥିଲା। କାଳିଆ ଠାକୁରର ଲୀଳା କିଏ ବା ଜାଣେ। ସେ ତ ସଂସାରର ପଥପ୍ରଦର୍ଶକ। ତା'ରି ଇଙ୍ଗିତରେ ସବୁ ହୋଇଥାଏ। ଆଉ ପରିଶେଷରେ ଅନେକ ବିଚାର ବିମର୍ଶ , ଗଜପତି ମହାରାଜଙ୍କ ଚିଠି , ସରକାରଙ୍କ ହସ୍ତକ୍ଷେପ ପରେ ଏ ରାୟର ପୁନର୍ବିଚାର ହୋଇଥିଲା। ପୁଣି ବଡ଼ଦାଣ୍ଡରେ ରଥ ଗଡ଼ିଥିଲା। ବିନା ଭକ୍ତରେ ହେଉ ପଛେ ଅନ୍ତତଃ ମନଟା ବୁଝିଗଲା।

ସକାଳେ ଯେତେବେଳେ ଟିଭି ପରଦାରେ କାଳିଆ ଠାକୁରର ପହଣ୍ଡି ଠୁ ଆରମ୍ଭ କରି ଛେରାପହଁରା ଯାଏଁ ଦୃଶ୍ୟକୁ କୋଟକୋଟି ଲୋକ ଦେଖୁଥିଲେ , ସେବେ ବୋଧହୁଏ ବୁଝିଯାଇଥିବେ କାଳିଆର ଲୀଳାକୁ। ସେ ନ ଚାହିଁଲେ କ'ଣ ରଥ ଗଡ଼ିଥାନ୍ତା। ପରଦା ଉପରେ ହେଉ ପଛେ ଆମେ ମହାପ୍ରଭୁଙ୍କୁ ଦେଖିବାର ସୁଯୋଗ ପାଇପାରିଲୁ। ମଣିଷ ଏବେ ଏତିକି ବୁଝିଯିବା ଦରକାର ଯେ ବିଶ୍ୱନିୟନ୍ତାଙ୍କ ପାଖରେ ସେ ଅତି ନଗଣ୍ୟ। ଯେତ ଟଙ୍କାର ମାଲିକ ହେଉ କି କ୍ଷମତାର ଅଧିକାରୀ , ନିୟତିଙ୍କ ପାଖରେ ସେ ସବୁ ତୁଚ୍ଛ। ନିଜ ଭିତରେ ଯାହା ବି ପରିପାଟୀ ଥାଉ , ଅନ୍ତତଃ ଭଗବାନଙ୍କ ପଦାରବିନ୍ଦରେ ସେସବୁ ସମର୍ପି ଦେବା ଉଚିତ୍।

ଆଉ ଆଜି ସେ ବଡ଼ ଦବତାଙ୍କ ଘୋଷ ଯାତ୍ରା। ପୁଣି ଥରେ ସେ ସମୟର କଥା ଏବେ ମନେ ପଡିଲେ ଏମିତି ହୃଦବୋଧ ହୁଏ ସତରେ କାଳିଆର ବିନା ଅନୁମତିରେ କିଛି ବି କାମ ହୋଇପାରେନି। ସେ ଆଦି , ସେ ଅନ୍ତ। ଆଜି ସବୁଠି ଜଗନ୍ନାଥପ୍ରେମୀଙ୍କ ଭିଡ଼। ମହାପ୍ରଭୁଙ୍କୁ ଦେଖିବେ , ଲୀଳାମୟଙ୍କୁ ପାଖରୁ ଦେଖିବେ। ମହାବାହୁ ସମସ୍ତଙ୍କର..ଆମେ ସବୁ ତାଙ୍କରି ସନ୍ତାନ। ଏକତା ସୂତ୍ରରେ ବାନ୍ଧିହେବା ଆଉ ନିଜ ଭିତରେ ନିଜ ସମାଧାନ କରିବାକୁ ଚେଷ୍ଟା କରିବା। ଏଥିପାଇଁ ରାଜନୀତି କରାନଯାଉ। ମହାପ୍ରଭୁଙ୍କ ନିକଟରେ ଏତିକି ଗୁହାରି , ପୁଣି ଥରେ ସେହି କରୋନାର ସ୍ପର୍ଶ ଓଡ଼ିଶାରେ ନଆସୁ। ଭକ୍ତିମୟ ବାତାବରଣ ସୃଷ୍ଟିହେଉ , ଜଗତର କଲ୍ୟାଣ ହେଉ।

ବାସୁଦେବପୁର,ଭଦ୍ରକ,
ମୋ-୯୪୩୮୪୬୭୦୭୯

## ସର୍ବଧର୍ମ ସମନ୍ୱୟର ଠାକୁର ମୋ...

(ପୃଷ୍ଠା-୬ର ଅବଶିଷ୍ଟାଂଶ) ବିଦୂରର ସାଗ ଭଜା ପ୍ରଭୁଙ୍କୁ ଅପାର ଆନନ୍ଦ ଦେଇଥିଲା ସେ ଦିନ। କରମାବାଇର ଦାନ୍ତାକାଠିରେ ଗୋଳାଉଥିବା ଖେଚୁଡ଼ିକୁ ପ୍ରଭୁ ମହାଆନନ୍ଦରେ ଥାଆନ୍ତି। ସୁଦାମାର ଖୁଦ ଭଜା ପ୍ରଭୁଙ୍କୁ ଅମୃତ ପରିଲାଗେ। ଶବରୀର ଅଇଁଠା କୋଳି ଖାଇ ତାକୁ ସ୍ୱର୍ଗାବାସୀ କରାଇଥିଲେ।

ଆଜିର ମଣିଷ ଆଧୁନିକୀକରଣ, ପାଶ୍ଚାତ୍ୟକରଣ, ସହରୀକରଣ ଆଳରେ ଯେତେବେଳେ ଗର୍ବ ଅହଙ୍କାରରେ ଫାଟି ପଡୁଛି ତା' ମନରେ ଶାନ୍ତି ନାହିଁ। ମନରେ ଶ୍ରଦ୍ଧା, ପ୍ରେମ, ତ୍ୟାଗ ସେ ସବୁ ଭୁଲିଯାଇ ଚନ୍ଦ୍ରପୃଷ୍ଠରେ ଘର କରିବାକୁ ସ୍ଥିର କରୁଛି। ଅତି ସୂକ୍ଷ୍ମ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ଜୀବନଜୀବିକାକୁ ନେଇ ସଂଘର୍ଷ କରି ନିଇତି ମୃତ୍ୟୁ ସହ ଲଢୁଛି। ସମଗ୍ର ବିଶ୍ୱ କରୋନାବ୍ୟାଧିରେ ଆତଙ୍କିତ ହୋଇପଡ଼ିଛି, ଠିକ୍ ସେତିକିବେଳେ ସେହି ସର୍ବଶକ୍ତିମାନ ସାର୍ବଜନୀନ, ସର୍ବଧର୍ମ ସମନ୍ୱୟର ଠାକୁରଙ୍କ ପାଖେ ନିଜକୁ ଆତ୍ମସମର୍ପଣ କରିଦେଇଛି। ସେଠି ପ୍ରଭୁ ହିଁ ଏହି ବିପତ୍ତିଜନକ ମହାମାରୀରୁ ଭକ୍ତକୁ ଉଦ୍ଧାର କରିବେ, ଏଥିରେ ସନ୍ଦେହ ନାହିଁ। ନିଜକୁ ପ୍ରଭୁଙ୍କ ପାଖେ ସମର୍ପି ଦେଲେ ଆମେ ସଂକୀର୍ଣ୍ଣତାରୁ ମହାନତା, ବିଶାଳତା, ଗୌରବ, ବିଶ୍ୱାତ୍ମଭାବ, ବିଭବ, ଆଦର୍ଶ ପରିବାର, ଆଦର୍ଶବ୍ୟକ୍ତିତ୍ୱ, ସମୃଦ୍ଧ ସମାଜ ଏବଂ ଗୌରବୋଜ୍ଜ୍ୱଳ ରାଷ୍ଟ୍ର, କଲ୍ୟାଣମୟ ବିଶ୍ୱ ଗଠନ କରିବାକୁ ସମର୍ଥ ହେବୁ। ଯଦି ଅନ୍ତରାତ୍ମାରେ ପ୍ରଭୁଙ୍କ ଦର୍ଶନ କରି ସମସ୍ତ ନକାରାତ୍ମକ ମନୋଭାବକୁ ଦୂରେଇ ଦେଇ ସାତ୍ତ୍ୱିକ ଏବଂ ଆଧାତ୍ମିକଭାବେ ଜାଗ୍ରତ କରି ନିଜ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ତାହା ହିଁ ହେବ ଘୋଷଯାତ୍ରାର ପ୍ରକୃତ ଉଦ୍ଦେଶ୍ୟ। ପ୍ରଭୁଙ୍କୁ ଭକ୍ତର ଛୁଇଁବାର ଆବଶ୍ୟକତା ନାହିଁ। ସେହି ଅନ୍ତର୍ଯ୍ୟାମୀ ଠାକୁର ଭକ୍ତର ଆବଶ୍ୟକତାକୁ ଉତ୍ତମ ରୂପେ ବୁଝିପାରନ୍ତି। ସେହିଁ ଓଡ଼ିଶାର ଗର୍ବ, ଅଭିମାନ, ଗୌରବ ଏବଂ ଓଡ଼ିଆ ଜାତିର ଅସ୍ମିତା। ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରତି ଆମର ଶ୍ରଦ୍ଧା, ଭଲପାଇବା ଏବଂ ପ୍ରକୃତ ଭକ୍ତି।

ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି,
ତୁଳସୀପୁର, କଟକ
ଫୋନ୍- ୯୮୫୩୩୫୦୩୮୪

## ବାରିପଦାଠାରେ ଓଡିଶା ରାଜ୍ୟ ମହିଳା କମିଶନ ପକ୍ଷରୁ ଶିବିର ଅଦାଲତ ଅନୁଷ୍ଠିତ

ବାରିପଦା, ୩୦/୦୬ (ନି.ପ୍ର): ଓଡିଶା ରାଜ୍ୟ ମହିଳା ଆୟୋଗ ପକ୍ଷରୁ ବାରିପଦାଠାରେ ଏକ ଶିବିର ଅଦାଲତ ତା.୨୯.୦୬.୨୦୨୨ ରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାପ୍ରଶାନ ସହଯୋଗରେ ଅୟୋଜିତ ଏହି ଶିବିର ଅଦାଲତରେ ରାଜ୍ୟ ମହିଳା ଅୟୋଗ ଅଧକ୍ଷା ଡ. ମିନତୀ ବେହେରା ଅଧକ୍ଷତା କରି ମହିଳା ମାନଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଥିବା ବିଭିନ୍ନ ଆପତି ଅଭିଯୋଗ ଗୁଡିକର ବିନା ଖର୍ଚ୍ଚାନ୍ତରେ ଆପୋଷ ଆଲୋଚନା ଦ୍ୱାରା ସମାଧାନ କରାଯିବା ସହ ମହିଳା ମାନଙ୍କ ଅଧିକାର ସଂପର୍କରେ ସଚେତନତା ସୃଷ୍ଟି କରିବା ଶିବିର ଅଦାଲତର ମୁଖ୍ୟ ଉଦେଶ୍ୟ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ, ମୟୂରଭଞ୍ଜ ରୁଦ୍ରନାରାୟଣ ମହାନ୍ତି ଏଥିରେ ଯୋଗ ଦେଇ ମହିଳା ଆୟୋଗ ପକ୍ଷରୁ ଆୟୋଜିତ ଶିବିର ଅଦାଲତର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠିତ ଉକ୍ତ ଶିବିର ଅଦାଲତରେ ବିଶେଷ କରି ପାରିବାରିକ କଳହ, ମନମାଳିନ୍ୟ, ଘରୋଇ ହିଂସା / ନିର୍ଯ୍ୟାତନା ଓ ଅଧିକାରରୁ ବଂଚିତ ଆଦି ସମସ୍ୟା ସଂପର୍କିତ ରାଜ୍ୟ ମହିଳା ଅୟୋଗ ନିକଟରେ ଦରଜ ହୋଇଥିବା ବିଭିନ୍ନ ଆପତି ଅଭିଯୋଗ ମାମଲା ଗୁଡିକ ଉପରେ ଶୁଣାଣୀ କରାଯାଇଥିଲା। ଏହି ଶିବିରରେ ମୟୂରଭଞ୍ଜ ଜିଲ୍ଲାରୁ ୩୬ଟି ମାମଲାର ବିଚାର ପାଇଁ ଗ୍ରହଣ କରାଯାଇଥିଲା। ସେଥରୁ ୨୩ ଗୋଟି ମାମଲାର ବାଦି ପ୍ରତିବାଦ ଓ ଉଭୟ ପକ୍ଷଙ୍କ ଉପସ୍ଥିତିରେ ମହିଳା ଆୟୋଗ ଅଧ୍ୟକ୍ଷା ଆପୋଷ ଅଲୋଚନାକୁ ଭିତି କରି ଶୁଣାଣୀ କରିଥିଲେ। ଶୁଣାଣୀ ହୋଇଥିବା ୨୩ ଟି ମାମଲାର ପକ୍ଷମାନଙ୍କୁ ଶୁଣାଣୀ ମଧ୍ୟରୁ ୪ ଟି ମାମଲାର ଆପୋଷ ଫଏସଲା ହୋଇଥିବାବେଳେ ୧୨ଟି ମାମଲାର ପକ୍ଷମାନଙ୍କୁ ପରବର୍ତୀ ପର୍ଯ୍ୟାୟରେ ଶୁଣାଣି କରାଯିବା ନିମନ୍ତେ ନୋଟିସ ଜାରି କରାଯିବାକୁ ନିଷ୍ପତି ନିଆଯାଇଅଛି। ଏତଦ୍ ବ୍ୟତିତ ୨ ଟି ମାମଲାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ସଂପୃକ୍ତ ଆରକ୍ଷୀ ଅଧିକ୍ଷକ ଏବଂ ୩ ଟି ମାମଲା ପ୍ରୋଟେକସନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବିହୀତକାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁପାରିଶ କରାଯାଇଥିଲା ଓ ୨ ଟି ମାମଲା ଅନ୍ୟକାରଣ ଜନିତ ସ୍ଥଗିତ ରଖାଯାଇଅଛି। ଉକ୍ତ ଅନୁଷ୍ଠିତ ଶିବିର ଅଦାଲତରେ ରାଜ୍ୟ ମହିଳା ଆୟୋଗର ସଦସ୍ୟା ସେହ୍ନାଞ୍ଜଳୀ ମହାନ୍ତି ଓ ସ୍ୱର୍ଣ୍ଣଲତା ସାମଲ, ବାରିପଦା ସଦର ଡିଏସ୍‌ପି ସବିତା ମାଝୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୟୂରଭଞ୍ଜ ଶ୍ରୀମତୀ କୁସୁମମାଳା ମିଶ୍ର ଓ ପ୍ରୋଟେକସନ ଅଧିକାରୀ ମୟୂରଭଞ୍ଜ ଯୋଗ ଦେଇ ଶିବିର ଅଦାଲତ ପରିଚାଳନା କରିଥିଲେ।

# ୫ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷିବ

ଭୁବନେଶ୍ୱର,୩୦/୦୬ (ନି.ପ୍ର): ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାସହ ଆଗାମୀ ୨୪ଘଂଟା ମଧ୍ୟରେ ରାଜ୍ୟର ୧୧ଟି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ଗଜପତି, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଢ଼େଙ୍କାନାଳ, ଅନୁଗୁଳ, ବୌଦ୍ଧ, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଆଦି ୧୧ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏତଦ୍ ବ୍ୟତୀତ ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସମସ୍ତ ଜିଲ୍ଲା ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଜୁଲାଇ ୧ରୁ ୨ ତାରିଖ ମଧ୍ୟରେ ସୁନ୍ଦରଗଡ , ସମ୍ବଲପୁର, ବରଗଡ, ଦେବଗଡ, ଅନୁଗୁଳ, ଢେଙ୍କାନାଳ , କେନ୍ଦୁଝର , ମୟୁରଭଂଜ, ଯାଜପୁର, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କନ୍ଧମାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ପୁରୀ, ଖୋର୍ଦ୍ଧା, ନୟାଗଡ, ନୟାଗଡ, ଗଂଜାମ, ଗଜପତି, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୁଳ, ଢେଙ୍କାନାଳ , କେନ୍ଦୁଝର, ମୟୁରଭଂଜ, କନ୍ଧମାଳ , କଳାହାଣ୍ଡି ଓ ବୌଦ୍ଧ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି।

## ସାପ କାମୁଡାରେ ବାଳକ ମୃତ

ଖଇରା, ୩୦/୦୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ କଇଥଗଡିଆ ଗ୍ରାମ ପଞ୍ଚାୟତ ଅଧୀନ ଦାମୋଦର ପ୍ରଧାନଙ୍କ ବଡପୁଅ ତାପସ(୧୩) ୨୮ତାରିଖ ରାତିରେ ସାପ କାମୁଡାରେ ପ୍ରାଣ ହରାଇଛନ୍ତି । ଦାମୋଦରପୁର ହାଇସ୍କୁଲର ୮ମ ଶ୍ରେଣୀ ଛାତ୍ର ତାପସ ମଙ୍ଗଳବାର ରାତିରେ ଖାଇପିଇ ଶୋଇଥିଲା । ବିଳମ୍ବିତ ରାତିରେ ଯନ୍ତ୍ରଣା ଯୋଗୁଁ ଚିତ୍କାର କରିବା ପରେ ପରବାର ଲେକେ ତାପସ ଗୋଡରୁ ରକ୍ତସ୍ରାବ ହେଉଥିବାର ଦେଖିବାକୁ ପାଇଥିଲେ । ଚିକିତ୍ସାପାଇଁ ପ୍ରଥମେ ଖଇରା ଓ ଭଦ୍ରକ ନିଆଯାଉଥିବା ବେଳେ ରାସ୍ତାରେ ମୃତ୍ୟୁ ବରଣ କରିଥିଲା ।

## ଭୀମପୁର କାନ୍ତି ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାଲେଶ୍ୱର,୩୦/୦୬ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରସାଳପୁର ପଞ୍ଚାୟତର ଭୀମପୁର ଠାରେ ନବ ନିର୍ମିତ ୩୫୦ ବର୍ଷର କାନ୍ତି ମଙ୍ଗଳା ମନ୍ଦିରର ପ୍ରତିଷ୍ଠା ଉତ୍ସବ ଗୁରୁବାର ଶୁଭାରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଗ୍ରାମର ମହିଳାମାନଙ୍କୁ ନେଇ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ୧୦୮ଜଣ ମହିଳା ଅଂଶଗ୍ରହଣ କରିଥିଲେ। ଭୀମପୁର ବେବର୍ତ୍ତାସାହି ଚନ୍ଦନ ପୋଖରୀରୁ ସଂକଳ୍ପୀ ଓ ବ୍ରତୀ ମହିଳାମାନେ ଘଟ ଉତ୍ତୋଳନ ସହ ଗ୍ରାମ ପରିକ୍ରମା ପୂର୍ବକ ଉତ୍ସବ ସ୍ଥଳରେ ପହଞ୍ଚିଥିଲେ। ଭଜନ, କୀର୍ତ୍ତନ, ଘଣ୍ଟ ଘଣ୍ଟା ସହ କଳସ ଶୋଭାଯାତ୍ରା ଶହ ଶହ ମହିଳା ପୁରୁଷ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଘଟ ସ୍ଥାପନ ପରେ ପ୍ରତିଷ୍ଠା ଉତ୍ସବର ଯଜ୍ଞ କମ ଆରମ୍ଭ କରାଯାଇଥିଲା। ପ୍ରସିଦ୍ଧ ଶୈବପୀଠ ମଣିନାଗେଶ୍ୱର ମହାଦେବ ମନ୍ଦିରର ମୁଖ୍ୟ ପୂଜକ ନିତ୍ୟାନନ୍ଦ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଷ୍ଠା ଉତ୍ସବ କର୍ମକାଣ୍ଡ କରାଯାଉଥିବା ବେଳେ ମନୋରଞ୍ଜନ ପାଣିଗ୍ରାହୀ ଯଜ୍ଞ କର୍ମର ଆଚାର୍ଯ୍ୟ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି ।

## ଉତ୍କଳମଣି ଗୋପବନ୍ଧୁଙ୍କ ୭୪ ତମ ସ୍ମୃତି ଦିବସ ପାଳିତ



ଉଦଳା, ୩୦/୦୬ (ନି.ପ୍ର): ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ଉତ୍କଳମଣୀ ଗୋପବନ୍ଧୁଙ୍କ ୭୪ ତମ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ବସଷ୍ଟାଣ୍ଡ ନିକଟରେ ପ୍ରତିଷ୍ଠା କରାଯାଇଥିବା ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ଆଲୋଚନାଚକ୍ରର ପର୍ବ ଅନୁଷ୍ଠିତ ହୋଇଥିଲା । ସେବାଟ୍ରଷ୍ଟର ସଂପାଦକ ଆଇନଜୀବି ବସନ୍ତ କୁମାର ପରିଡ଼ା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବା ବେଳେ ଦୈନିକ 'ସମାଜ'ର ଉଦଳା ପ୍ରତିନିଧି ଅରୁଣ କୁମାର ମହାନ୍ତି, କବି କରୁଣାକର ଦାସ, ଚଳଚିତ୍ର ଅଭିନେତା ରତିକାନ୍ତ ବେହେରା, ବରିଷ୍ଠ ସାମ୍ବାଦିକ ଗୋଲକ ମହାରଣା, ଆନନ୍ଦ ଦାସ, ସୁବ୍ରତ କୁମାର ମହାନ୍ତିଙ୍କ ସମେତ ଅଟୋମାଲିକ ସଂଘର କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଆରତ କୁମାର ପରିଡ଼ା କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ। ସେବାଟ୍ରଷ୍ଟର ସଭାପତି ତଥା ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଭୁବନେଶ୍ୱର ଠାରେ ଏକ ଜରୁରୀ ବୈଠକ ଥିବାରୁ ବଡ଼ି ଭୋରରୁ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସାରି ଭୁବନେଶ୍ୱର ଯାଇଥିଲେ ।

## ଉତ୍କଳ ସାମ୍ବାଦିକ ସଂଘ ବାଲେଶ୍ୱର ଶାଖା ସାଙ୍ଗଠନିକ ନିର୍ବାଚନ : ପ୍ରତାପ ପାତ୍ର ହେଲେ ଜିଲ୍ଲା ସଂପାଦକ



ବାଲିଆପାଳ, ୩୦/୦୬ (ନି.ପ୍ର): ଉତ୍କଳ ସାମ୍ବାଦିକ ସଂଘ ବାଲେଶ୍ୱର ଶାଖା ର ସାଙ୍ଗଠନିକ ନିର୍ବାଚନ ବୁଧବାର ବାଲେଶ୍ୱର ସହର ସ୍ଥିତ ଗାନ୍ଧୀ ସ୍ମୃତି ଭବନରେ ଶାନ୍ତି ଶୃଙ୍ଖଳ ସହିତ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନକୁ ପରିଚାଳନା କରିବା ପାଇଁ ପରିଚାଳକ ଭାବେ ରାଜ୍ୟ ସାଙ୍ଗଠନିକ ସଂପାଦକ ରବୀନ୍ଦ୍ର ଖିଲାର ଏବଂ ତାଙ୍କର ୩ ଜଣ ସହ ଯୋଗୀ ଉପସ୍ଥିତ ଥିଲେ। ମୋଟ ୨୧୬ ଭୋଟରଙ୍କ ମଧ୍ୟରୁ ୨୦୫ ଜଣ ମତଦାତା ନିଜ ନିଜର ମତ ସାବ୍ୟସ୍ତ କରିଥିଲେ। ତେବେ ସଭାପତି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରୁଥିବା ବ୍ରହ୍ମାନନ୍ଦ ସ୍ୱାଇଁ ୧୦୧ ଖଣ୍ଡ ଭୋଟ ପାଇଥିବା ବେଳେ ଅନ୍ୟତମ ସଭାପତି ପ୍ରାର୍ଥ ଲୋକନାଥ ଦଳାଇ ୧୦୩ ଖଣ୍ଡ ଭୋଟ ପାଇ ୨ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଗୋଟିଏ ଭୋଟ ନାକଚ ହୋଇଥିଲା। ଅନ୍ୟ ପକ୍ଷରେ ସଂପାଦକ ପଦ ପାଇଁ ବାଲିଆପାଳ ମିଡିଆ ଫୋରମର ସଭାପତି ପ୍ରତାପକୁମାର ପାତ୍ର ଏବଂ ସଞ୍ଜୟ ଦାସଙ୍କସ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା। ପ୍ରତାପ କୁମାର ପାତ୍ର ୧୧୨ ଖଣ୍ଡ ଭୋଟ ଏବଂ ସଞ୍ଜୟ ଦାସ ୯୩ ଖଣ୍ଡ ଭୋଟ ପାଇଥିଲେ। ଅଧିକ ୧୯ ଖଣ୍ଡ ଭୋଟ ପାଇ ପ୍ରତାପ କୁମାର ପାତ୍ର ବିଜୟୀ ହୋଇଥିଲେ । ସନ୍ଧ୍ୟାରେ ବାଲିଆପାଳ ମିଡିଆ ଫୋରମ କାର୍ଯ୍ୟାଳୟରେ ନବନିର୍ବାଚିତ ଜିଲା ସଂପାଦକ ପ୍ରତାପ କୁମାର ପାତ୍ରଙ୍କୁ ବାଲିଆପାଳ ମିଡିଆ ଫୋରମ କାର୍ଯ୍ୟାଳୟରେ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା



ଭଦ୍ରକ, ୩୦/୦୬ (ନି.ପ୍ର): ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଅପରେଟର ଭାବେ ୨୦୧୪ ମସିହାରୁ କାର୍ଯ୍ୟକରି ଆସୁଥିବା ଜୟ ଅମରଦୀପ ସୁକାନ୍ତ ସାହୁଙ୍କୁ ଆଜି କାର୍ଯ୍ୟାଳୟର ପଠନାଗାର କକ୍ଷରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ତା-୧୯୯୨ରୁ ସରକାରୀ ଚାକିରୀ ଆରମ୍ଭ କରିଥିବା ଶ୍ରୀ ସାହୁ ଖୋର୍ଦ୍ଧା, କରଞ୍ଜିଆ, ଭଦ୍ରକରେ ଦକ୍ଷତାର ସହ କାର୍ଯ୍ୟକରିବା ସହିତ ଜଣେ ସୁବ୍ୟବହାର ସମ୍ପନ୍ନ ମେଳାପି ମଣିଷ ହିସାବରେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଅନ୍ୟ କର୍ମଚାରୀ ତାପସ କୁମାର ନାୟକ, ମୀନାକ୍ଷୀ ଗରାବଡୁ, ସୁରେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖଙ୍କ ଗହଣରେ ଶ୍ରୀ ସାହୁଙ୍କୁ ଉତ୍ତରୀୟ, ଉପଢ଼ୌକନ ସହ ପୁଷ୍ପଗୁଛ ପ୍ରଦାନ ପୂର୍ବକ ସେବା ନିବୃତ୍ତ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଥିଲା। ଅଧିକାରୀ ଓ କର୍ମଚାରୀ ମାନେ ଶ୍ରୀ ସାହୁଙ୍କ ସରଳତା, ଅମାୟିକ ବ୍ୟବହାର ଓ କର୍ମ ତତ୍ପରତାର ପ୍ରଶଂସା କରିଥିଲେ।

## ସାରକୋଣା ୟୁପି ସ୍କୁଲରେ ସେବା ନିବୃତ ସମ୍ବର୍ଦ୍ଧନା



ଖଇରା, ୩୦/୦୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରକୋଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରୁ ଅବସରଗ୍ରହଣ କରିଥିବା ଶିକ୍ଷୟତ୍ରୀ ନାୟକ ଓ ଶିକ୍ଷକ ହରେକୃଷ୍ଣ ବିଶ୍ୱାଳଙ୍କୁ ଗୁରୁବାର ବିଦ୍ୟାଳୟ ପରିସରରେ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଉଚ୍ଚବିଦ୍ୟାପୀଠର ପ୍ରଧାନଶିକ୍ଷକ ଭାଗିରଥି ଖଟୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଆର୍‌ସିସି ଶ୍ରୀଧର ବେହେରା,ଏବିଇଓ ଗୌରାଙ୍ଗ ମହାପାତ୍ର ଓ ହେମନ୍ତ କୁମାର ମିଶ୍ର ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ସଫଳତା ବା ଉନ୍ନତି ଶିକ୍ଷାଦାନ କରିଥିବା ଶିକ୍ଷକ ପାଇଁ ସର୍ବଶ୍ରେଷ୍ଠ ଉପହାର ବୋଲି କହିଥିଲେ। ଶିକ୍ଷକ ନେତା ପ୍ରଫୁଲ୍ଲ କୁମାର ଦାସ,ଶଙ୍କର୍ଷଣ ଜେନା,ବିଜୟ କୁମାର ଦ୍ୱିବେଦୀ,ସିଆରସିସି ଲକ୍ଷ୍ମଣ କୁମାର ସେଣ ସମ୍ମାନନୀୟ ଅତିଥି ଭାବେ ଯୋଗ ପିଲାର ଉନ୍ନତି କେବଳ ଶିକ୍ଷୟତ୍ରୀଶିକ୍ଷକ ଉପରେ ନଛାଡି ଅବିଭାବକ ମାନେ ମଧ୍ୟ ସମପରିମାଣରେ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ । ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କୈଳାସ ଚନ୍ଦ୍ର ମାଝୀ,ଗୌରାଙ୍ଗ ଚରଣ ମୁଖି,ଜମୁନା ବାରିକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ନିଖିଳ ଓଡ଼ିଶା ମାଝୀ ପାର୍ଗାନା ମହଲ ପକ୍ଷରୁ ବିକ୍ଷୋଭ ସମାବେଶ

ବାଲେଶ୍ୱର,୩୦/୦୬ (ନି.ପ୍ର): ବିଭିନ୍ନ ଦାବି ନେଇ ଆଦିବାସୀ ସଙ୍ଗଠନ 'ନିଖିଳ ଓଡ଼ିଶା ମାଝୀ ପାର୍ଗାନା ମହଲ' ବାଲେଶ୍ୱର ଜିଲା ଶାଖା ପକ୍ଷର ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ଆଦିବାସୀ ସମ୍ପ୍ରଦାୟର ଲୋକେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ସଂଗଠନର କର୍ମକର୍ତ୍ତାମାନେ ଆଦିବାସୀ ସମାଜ ପ୍ରତି ସରକାରୀ ଉଦାସୀନତାକୁ ତୀବ୍ର ସମାଲୋଚନା କରିଥିଲେ। ସ୍ୱାଧୀନତା ଆନ୍ଦୋଳନରେ ବ୍ରିଟିଶ୍ ସରକାର ବିରୋଧରେ ଲଢ଼େଇ ଜାରି ରଖି ଗୋଟିଏ ମା'ର ୬ ସନ୍ତାନ ଶହୀଦ ହେବା ସହ ଭାରତ ଇତିହାସରେ ଇତିହାସ ସୃଷ୍ଟି କରିଥିବା ସିଦ୍ଧୁ କାହ୍ନୁ ହୁଲଙ୍କ ୧୬୮ତମ ଶହୀଦ ଦିବସକୁ ବକ୍ତାମାନେ ସ୍ମରଣ କରିବା ସହ ସ୍ୱାଧୀନତାର ୭୫ବର୍ଷ ପରେ ବି ଆଦିବାସୀମାନେ ଅବହେଳିତ ହୋଇ ରହିବା ବାସ୍ତବିକ ଦୁଃଖ ଓ ପରିତାପର ବିଷୟ ବୋଲି ଆଦିବାସୀ ନେତାମାନେ କହିଥିଲେ। ସାନ୍ତାଳୀ ଭାଷାକୁ ସଂଖ୍ୟାଲଘୁ ଭାବେ ମାନ୍ୟତା ପ୍ରଦାନ, ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସାନ୍ତାଳୀ ଭାଷା ଶିକ୍ଷାର ପ୍ରଚଳନ, ସାନ୍ତାଳୀ ଶିକ୍ଷାକୁ ପରିଚାଳନା ଓ ତ୍ୱରାନ୍ୱିତ କରିବା ପାଇଁ ସାନ୍ତାଳୀ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବୋର୍ଡ଼ ଗଠନ, ଅଲିଚିକି ଭାଷା ଶିକ୍ଷା ପ୍ରଦାନ ପାଇଁ ନିଯୁକ୍ତ ଶିକ୍ଷା ସହାୟକଙ୍କ ସ୍ଥାୟୀ ନିଯୁକ୍ତି ପ୍ରଦାନ, ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଅଙ୍ଗନବାଡି କେନ୍ଦ୍ରରେ ଆଦିବାସୀ ପିଲାଙ୍କୁ ସାନ୍ତାଳୀ ଭାଷାରେ ପ୍ରାକ ପ୍ରାଥମିକ ଶିକ୍ଷା ପ୍ରଦାନ, ଓଡିଶାରେ ସାନ୍ତାଳୀ ଭାଷା ଏକାଡେମୀ ପ୍ରତିଷ୍ଠା, ନିର୍ମାଣଧୀନ କେନ୍ଦୁଝରେ ମେଡ଼ିକାଲ କଲେଜକୁ ବୀର ଶହୀଦ ସିଦ୍ଧୁ କାହ୍ନୁ ମେଡ଼ିକାଲ କଲେଜ ନାମରେ ନାମିତ ପ୍ରଭୃତି ଦାବିକୁ ବକ୍ତାମାନେ ଉପସ୍ଥାପନ କରିଥିଲେ।

## ସଂକୁଳ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଅନୁଷ୍ଠିତ



ଉଦଳା, ୩୦/୦୬ (ନି.ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଚଳିତ ଆଷାଢ଼କୃଷ୍ଣ ଚତୁର୍ଦଶୀ ଠାରୁ ଆଷାଢ଼ ଶୁକ୍ଲ ପ୍ରତିପଦା, ଇଂରାଜୀ ଜୁନ ୨୭ ତାରିଖ ସୋମବାର ଠାରୁ ୩୦ ତାରିଖ ଗୁରୁବାର ପର୍ଯ୍ୟନ୍ତ ୪ ଦିନ ବ୍ୟାପି ସଂକୁଳ ସାମୂହୀକ ଆଚାର୍ଯ୍ୟ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କର୍ମାଳାରେ ଉଦଳା, ଖୁଣ୍ଟା, ନୁଦଡ଼ିହା, ଶରତ, କୁଆମରା ଓ କପ୍ତିପଦା ଶିଶୁ ମନ୍ଦିରରେ କାର୍ଯ୍ୟରତ ସମସ୍ତ ଗୁରୁଜୀ ଗୁରୁମା ଅଂଶଗ୍ରହଣ କରିଥିଲେ। କପ୍ତିପଦା ଉପଖଣ୍ଡ ଥାନା ଅଧିକାରୀ ସାର୍ଥକ ରାୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଶିଶୁ ମନ୍ଦିରର ଶିକ୍ଷାଦାନ ପଦ୍ଧତି ଉନ୍ନତ ମାନର ହୋଇଥିବାରୁ କିପରି ସବୁ ମହଲରେ ଶିଶୁ ମନ୍ଦିରର ପ୍ରଶଂସା ଶୁଣିବାକୁ ମିଳେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଅନ୍ୟତମ ଅତିଥି ଚିନ୍ମୟ ମିଶନର ବ୍ରହ୍ମଚାରୀ ଅଚ୍ୟୁତ ଚୈତନ୍ୟ ଯୋଗ ଦେଇ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ଘଟାଇବା ସହିତ ଏହାକୁ ବଂଚାଇ ରଖିବାରେ ଶିଶୁ ବିଦ୍ୟାମନ୍ଦିରର ଭୂମିକା ପ୍ରଶଂସନୀୟ ବୋଲି କହିଥିଲେ। ସଂକୁଳ ପ୍ରମୁଖ ବସନ୍ତ କୁମାର ବେହେରା କର୍ମଶାଳାରେ ଅଧକ୍ଷତା କରିଥିଲେ। ସଂକୁଳ ସଂଯୋଜକ ଅଜିତ କୁମାର ମହାପାତ୍ର ଅତିଥି ପରିଚୟ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ମୋଟ ୮୪ ଜଣ ଗୁରୁଜୀ ଗୁରୁମା ପ୍ରଶିକ୍ଷଣ ନେଇଥିଲେ ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟରେ ସାର୍ଟିଫିକେଟ ପ୍ରଦାନ ଉତ୍ସବ



ବାରିପଦା, ୩୦/୦୬ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ବିଶ୍ୱବିଦ୍ୟାଳୟରେ ଆଜି ଏକ ସାର୍ଟିଫିକେଟ୍ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ସମ୍ମେଳନ କକ୍ଷରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କିଶୋର କୁମାର ବଶା ଛାତ୍ରଛାତ୍ରୀ ତଥା ଗବେଷକ ମାନଙ୍କୁ ସେମାନଙ୍କର ଉପାଧିପ୍ରାପ୍ତ ପ୍ରମାଣପତ୍ର ମାନ ପ୍ରଦାନ କରିଥିଲେ । ଏହି ସାର୍ଟିଫିକେଟ ପ୍ରଦାନ ଉତ୍ସବରେ ଜଣେ ଡି. ଲିଟ ଉପାଧିପ୍ରାପ୍ତ ଗବେଷକଙ୍କ ସହିତ ୧୧୨ ଜଣ ପିଏଚଡି ପ୍ରାପ୍ତ ଗବେଷକଙ୍କୁ ଉପାଧି ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହା ସହିତ ୪୪୨୦୪ ଜଣ ସ୍ନାତକ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଉପାଧିମାନ ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି, ବିଶ୍ୱବିଦ୍ୟାଳୟରେ ଶେଷଥର ଗତ ୨୦୧୯ ମସିହାରେ ସମାବର୍ତନ ଉତ୍ସବ କରାଯାଇଥିଲା । ବିଗତ ଦୁଇବର୍ଷ ଧରି କରୋନା ମହାମାରୀର ଭୟାଭୟତା ହେତୁ ୨୦୨୦-୨୧ ଶିକ୍ଷାବର୍ଷରେ ବିଶ୍ୱବିଦ୍ୟାଳୟର ସମାବର୍ତନ ଉତ୍ସବ ହୋଇପାରି ନଥିଲା । ଏହା ସହିତ କିଛି ବର୍ଷ ଧରି ଛାତ୍ରଛାତ୍ରୀ ମାନଙ୍କ ଉପାଧିପ୍ରାପ୍ତ ପ୍ରମାଣପତ୍ର ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଦାନ କରାଯାଇ ନଥିଲା । ଯାହାଫଳରେ ଛାତ୍ରଛାତ୍ରୀ ମାନେ ତଥା ଗବେଷଣା ଉପାଧିପ୍ରାପ୍ତ ବିଦ୍ୱାନ ମାନେ ନିଜର ଶୈକ୍ଷିକ ତଥା ବୃତିଗତ ଅଗ୍ରଗତି କ୍ଷେତ୍ରରେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏଭଳି ପରିସ୍ଥିତିରେ ଛାତ୍ରଛାତ୍ରୀ ତଥା ଗବେଷକ ମାନଙ୍କ ବୃହତର ସ୍ୱାର୍ଥକୁ ଆଖିଆଗରେ ରଖି ଏହି ଉଲ୍ଲେଖନୀୟ ପଦକ୍ଷେପ ବିଶ୍ୱବିଦ୍ୟାଳୟ ତରଫରୁ ଗ୍ରହଣ କରାଯାଇଥିଲା ବୋଲି କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ସ୍ନାତକୋତର ପରିଷଦର ଅଧକ୍ଷ ପ୍ରଫେସର ପ୍ରମୋଦ କୁମାର ଶତପଥି, କୁଳସଚିବ ସହଦେବ ସମାଧିଆ, ବିତ ନିୟନ୍ତ୍ରକ ଶୁକଦେବ ତରେଇ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଲକ୍ଷ୍ମୀଧର ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଯେଉଁ ଛାତ୍ରଛାତ୍ରୀ ମାନଙ୍କ ଉପାଧି ପ୍ରମାଣପତ୍ର ପ୍ରଦାନ କରାଯାଇପାରିନାହିଁ ନିକଟ ଭବିଷ୍ୟତରେ ସେମାନଙ୍କୁ ପ୍ରଦାନ କରାଯିବ ବୋଲି କୁଳପତି ପ୍ରଫେସର ବଶା ଓ ପରୀକ୍ଷା ନିୟନ୍ତ୍ରକ କହିଛନ୍ତି । ଏହି ଅବସରରେ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟର ଅଧକ୍ଷ ମାନଙ୍କର ଏକ ସମ୍ମିଳନୀ ମହାବିଦ୍ୟାଳୟ ଉନ୍ନୟନ ପରିଷଦ ଦ୍ୱାରା ଅନୁଷ୍ଠିତ ହୋଇଥିବା ବେଳେ, ବିଶ୍ୱବିଦ୍ୟାଳୟର ଅଧାପକ ଅଧାପିକା କର୍ମଚାରୀ ତଥା ବିଭିନ୍ନ ମହାବିଦ୍ୟାଳୟର ଅଧକ୍ଷ ମାନେ ଯୋଗଦେଇ ନିଜ ନିଜ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କର ଉପାଧି ପ୍ରମାଣପତ୍ର ଗୁଡ଼ିକ ଗ୍ରହଣ କରିଥିଲେ ।

## ଚରମ୍ପା ସମବାୟ ସେବା ସମିତି ସଭାପତି ସୁଶାନ୍ତ ଚୌଧୁରୀ ଅପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚିତ



ଭଦ୍ରକ, ୩୦/୦୬ (ନି.ପ୍ର): ସମବାୟ ସେବା ସମିତି ସଭାପତି ଭାବେ ଅପ୍ରତିଦ୍ୱନ୍ଦି ଭାବେ ନିର୍ବାଚିତ। ଚରମ୍ପା ସମବାୟ ସେବା ସମିତି ସଭାପତ୍ ଭାବେ ନିର୍ଦ୍ୱନ୍ଦ ଭାବେ ନିର୍ବାଚିତି ହୋଇଛନ୍ତି ସୁଶାନ୍ତ କୁମାର ଚୌଧୁରୀ। ଦ୍ୱିତୀୟ ଥର ସଭାପତି ଭାବେ ନିର୍ବାଚିତ ପାଇଁ ବେଶ ଖୁସି ପ୍ରକଟ କରିଛନ୍ତି ଶୁସାନ୍ତ। ଏହି ସମବାୟ ସମିତିର ୧୫ଟି ଜୋନରୁ ୯ଟିରେ ଅପ୍ରତିଦ୍ୱନ୍ଦି ଭାବେ ବିଜୟ ହେବା ସହ ସମସ୍ତ ଜୋନ ହାତେଇବାରେ ସଫଳ ହୋଇ ବିଜେଡ଼ି। ଏଥିସହ ସଭାପତି ପଦଟି ମଧ ନିର୍ଦ୍ୱନ୍ଦରେ ବିଜେଡ଼ି ବାଜିମାତ କରିଛି। ତେବେ ପୂର୍ବରୁ ସଭାପତି ଥିବାବେଳ ସମିତି ପାଇଁ ବହୁ କାର୍ଯ୍ୟ କରିଥିବା ସୁଶାନ୍ତ ପୁନଃବାର ନିର୍ବାଚିତ ହୋଇ ଚାଷୀମାନଙ୍କ ହିତରେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ବିଜେଡି ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ, ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ବିଜୟୀ ସଭାପତି ସୁଶାନ୍ତ କୁମାର ଚୌଧୁରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କର୍ମୀଙ୍କ ଭିତରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା।

ବାଲେଶ୍ୱର, ଶୁକ୍ରବାର, ୦୧ ଜୁଲାଇ, ୨୦୨୨

# ଧ୍ୱନି ପ୍ରତିଧ୍ୱନି



## ବସୁଧା ଯୋଜନା ଦିଗହରା ପ୍ରକଳ୍ପ ପାଣି ବାହାରିବା ପ୍ରକଳ୍ପ ଠପ୍

ବସ୍ତା, ୩୦/୦୬ (ନି.ପ୍ର): ରାଜ୍ୟ ସରକାରଙ୍କ ବସୁଧା ସ୍ୱୋଚ୍ଛ ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ଘର ଘରକୁ ପାଇପ ସଂଯୋଗ କରି ପାଣି ଯୋଗାଇବା ପାଇଁ କୋଟିକୋଟି ଅର୍ଥ ବ୍ୟୟ କରୁଥିବାସ୍ଥଳେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ କାର୍ଯ୍ୟ କଳାପରେ ନିମ୍ନ ମାନର କାର୍ଯ୍ୟ ହେବା ଫଳରେ ଦୁଇଟି ଗ୍ରାମର ଲୋକେ ପାଣି ପାଇବାରୁ ବଞ୍ଚିତ ଅଛନ୍ତି । ଏହିଭଳି ଅଭାବନିୟ ଦୃଶ୍ୟ ଦେଖିବାକୁ ମିଳିଛି ବସ୍ତା ବ୍ଲକ ବ୍ରାହ୍ମଣଦା ପଞ୍ଚାୟତ କୁଣ୍ଡପୁର ଠାରେ ନିର୍ମିତ ବସୁଧାଯୋଜନାରେ ବୃହତ ସ୍ୱୋଚ୍ଛ ପାଣିଯୋଗାଣ ପ୍ରକଳ୍ପ ।୨୦୨୧ମାର୍ଚ୍ଚ ୨୧ତାରିଖରୁ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ୧କୋଟି ୩ଲକ୍ଷ ଅଟକଳ ମୂଲ୍ୟର ଯୋଜନା କୁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ । ଏହିକାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ଶ୍ୟାମାପ୍ରସାଦ ବେହେରା ବିଜେଡି ବ୍ଲକ ସଭାପତି ଅନିଲ ମହାନ୍ତି, ବିଜେଡି ବରିଷ୍ଠ ନେତା ତଥା ପୂର୍ବତନ ଜିଲ୍ଲାପରିଷଦ ମହାଦେବ ଦାସ, ବ୍ରାହ୍ମଣଦା ପଞ୍ଚାୟତ ସରପଞ୍ଚ ତଥା ବର୍ତ୍ତମାନ ଜିଲ୍ଲାପରିଷଦ ପ୍ରାର୍ଥି ବିଷ୍ଣୁପ୍ରିୟାବୁଗୁଡି, ପୁର୍ବତନ ଜିଲ୍ଲାପରିଷଦ ସମ୍ଭୁନାଥ ସେଠୀ, ବିରାଜ ସିଂଦେଓ, ବିଭାଗିୟ ଅଧିକାରୀ ବିଜେଡିଯୁବ ନେତା ସଞ୍ଜୟ ବୁଗୁଡି ତଥା ଯୁବ ବିଜେଡି ବହୁ କର୍ମୀ ଓ ବିଭାଗିୟ ଅଧିକାରୀ ଜେଇ ବିନୋଦ ଦାସ, ଠିକାଦାର ରାଜୀବ କର ମହିଳା ଏସ ଏଇଚ ଗୃପ ମହିଳା ବିଜେଡି କର୍ମୀ ଉପସ୍ଥିତ ଥିଲେ । ହେଲେ ଦିର୍ଘଦିନ ବିତିଯାଇ ଥିଲେ ମଧ୍ୟ ପ୍ରକଳ୍ପ ସ୍ଥାନରେ ଫଳକ ଲଗାଯାଇନାହିଁ କି ନିମ୍ନ ମାନର କାମ ହୋଇଥିବାରୁ ଫାଣି ବାହାରିବା ପାଇଁ ଟେଷ୍ଟ ସମୟରେ ପାଣି ପାଇପ ଫାଠି ଯିବା ଫଳରେ ପାଣି ବାହାରିବା ଠପ୍ ହୋଇଛି । ଯାହା ଫଳରେ କୁଣ୍ଡପୁର ହଳଦିଆପଡା ଗ୍ରାମର ୧୩ଶହରୁ ଉର୍ଦ୍ଧ ପରିବାରକୁ ପାଣି ଯୋଗାଣ ବନ୍ଦ ହୋଇଛି । ଯାହାଫଳରେ ଲୋକେ ଗଡିଆ ପୋଖରୀ ବା ବ୍ୟକ୍ତିଗତ ଜୈନିକ ବ୍ୟକ୍ତି ସେଲୋରୁ ୨କିଲୋମିଟର ରାସ୍ତା ଯାଇ ପାଣି ଧରି ଆଣୁଛନ୍ତି । ତେବେ ବୃହତ ପ୍ରକଳ୍ପ ରେ ଟାଙ୍କି ଫାଟି ଆଁ ହୋଇଥିବାସ୍ଥଳେ ପାହାଚ ଗୁଡିକରୁ ସିମେଣ୍ଟ ବାଲି ଝଡିପଡି ରଡ ଦେଖାଯାଉଛି ।

## କଂଗ୍ରେସ ସମ୍ପାଦକ ପଦରୁ ଇସ୍ତଫା ଦେଲେ ମୋକିମ୍

ଭୁବନେଶ୍ୱର,୩୦/୦୬ (ନି.ପ୍ର): କଂଗ୍ରେସ ଦଳର ସମ୍ପାଦକ ପଦରୁ ଇସ୍ତଫା ଦେଇଛନ୍ତି ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ୍ । ତେବେ ଇସ୍ତଫା ଦେବା ପରେ ମହମ୍ମଦ ମୋକିମ କହିଛନ୍ତି ଯେ, ଏହା ଦଳର ଆଭ୍ୟନ୍ତରୀଣ ବିଷୟ। ଦଳରେ ଆଲୋଚନା ହେବା ଉଚିତ୍ । ଏନେଇ ଗଣମାଧ୍ୟମରେ ଚର୍ଚ୍ଚା ହେବା ଠିକ୍ ନୁହେଁ । ସେହିପରି କଂଗ୍ରେସ ଛାଡି ବିଜେଡିରେ ମିଶିବା ପ୍ରସଙ୍ଗକୁ ନେଇ କୌଣସି ସୂଚନା ଦେଇନାହାନ୍ତି ବିଧାୟକ ମୋକିମ୍ ।

## ବାଲିକୁଟୀ ସୋସାଇଟି ସଭାପତି ହେଲେ ଗୋପାଳକୃଷ୍ଣ ପାତ୍ର

ଲଙ୍ଗଳେଶ୍ୱର, ୩୦/୦୬ (ନି.ପ୍ର): ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ବାଲିକୁଟୀ ସେବା ସମବାୟ ସମିତିର ପରିଚାଳନା ପରିଷଦର ନିର୍ବାଚନ ନିକଟରେ ସରିଥିଲା ।ଏହି ସୋସାଇଟିରେ ୧୫ ଟି ଜୁନ ରହିଛି। ୧୪ ଜଣ ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ଏବଂ ଗୋଟିଏ ଜୁନ ରେ ମତଦାନ ସାବ୍ୟସ୍ତ କରିଥିଲେ। ଆଜି ସମିତିର ସଭାପତି ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରାଯାଇଥିଲା । ମାତ୍ର ଜଣେ ପ୍ରାର୍ଥୀ ଗୋପାଳକୃଷ୍ଣ ପାତ୍ର ସଭାପତି ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଆଉ କେହି ନାମାଙ୍କନ ପତ୍ର ଦାଖଲ କରିନଥିଲେ। ଫଳରେ



ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଆଚାର୍ଯ୍ୟ ଶ୍ରୀ ପାତ୍ରଙ୍କୁ ସଭାପତି ଭାବେ ଘୋଷଣା କରାଯାଇଥିଲା। ସମିତିର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଭୂୟାଁ ସଭାପତି ଙ୍କୁ ସ୍ୱାଗତ କରିଥିଲେ। ନିତ୍ୟାନନ୍ଦ ପାଣିଗ୍ରାହୀ, ରାଜେନ୍ଦ୍ର ଧଳ, ସରୋଜ ପିଳା,କ୍ରିତ୍ତନ ଧଳ, ମିନକେତନ ଦାସ ମହାପାତ୍ର, ଅକ୍ଷୟ କୁମାର ଭୂୟାଁ, ମୃତ୍ୟୁଞ୍ଜୟ ନାୟକ ପ୍ରମୁଖ ବ୍ୟକ୍ତି ମାନେ ସଭାପତି ଶ୍ରୀ ପାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ଗୋଟିଏ ଦିନରେ ୧୫୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୩୦/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୫୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୯୭୫୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୮୪୯ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୨୯ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୯୧ ଜଣ ସଂଗରୋଧରୁ ଓ ୬୪ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୮, ବରଗଡ ଜିଲ୍ଲାରେ ୩, ଭଦ୍ରକ ଜିଲ୍ଲାରୁ ୪, କଟକ ଜିଲ୍ଲାରୁ ୧୬. ଢେଂକାନାଳ ଜିଲ୍ଲାରୁ ୧, ଜଗତସିଂହପୁର ଜିଲ୍ଲାରୁ ୪, ଝାରସୁଗୁଡା ଜିଲ୍ଲାରୁ ୧, କେନ୍ଦ୍ରାପଡା ଜିଲ୍ଲାରୁ ୧. ଖୋର୍ଧା ଜିଲ୍ଲାରୁ ୬୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ଜେଲ୍ ଗଲେ ଘରୋଇ ଚ୍ୟାନେଲ ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ

ଭୁବନେଶ୍ୱର,୩୦/୦୬ (ନି.ପ୍ର): ଘରୋଇ ନ୍ୟୁଜ ଚ୍ୟାନେଲ 'ବଡ଼ ଖବର'ର ସଂପାଦକ ଅର୍ଦ୍ଧେନ୍ଦୁ ଦାସଙ୍କୁ ଠକେଇ ମାମଲାରେ ଗିରଫ କରିଛି ଇଓଡବ୍ଲ୍ୟୁ । ପରେ ଜାମିନ୍ ନାମଂଜୁର ହେବାରୁ ତାଙ୍କୁ ଜେଲ୍ କୁ ପଠାଇ ଦିଆଯାଇଛି । ସେ ଜୁଲାଇ ୧୩ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତରେ ରହିବେ। ସୂଚନାଯୋଗ୍ୟ, ଦିଲ୍ଲୀର ଜନୈକ ବ୍ୟବସାୟୀ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ତାଙ୍କ ବିରୋଧରେ ଠକେଇ ମାମଲା ରୁଜୁ କରିବା ପରେ ଆଜି ସକାଳୁ ଅର୍ଦ୍ଧେନ୍ଦୁ ଦାସଙ୍କୁ ନୟାଗଡରୁ ଗିରଫ କରିଥିଲା ପୁଲିସ୍। ଏହାପରେ ଆଜି ତାଙ୍କୁ ଭୁବନେଶ୍ୱର ଏସଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ତାଙ୍କର ଜାମିନ ନାମଞ୍ଜୁର ହେବା ପରେ ଅଦାଲତ ବିଚାର ବିଭାଗୀୟ ହେପାଜତକୁ ପଠାଇ ଦେଇଥିଲେ। ଇଓଡବ୍ଲ୍ୟୁ ଓ କମିସନରେଟ ପୁଲିସରେ ଅର୍ଦ୍ଧେନ୍ଦୁ ଦାସଙ୍କ ବିରୋଧରେ ୪ଟି



ମାମଲା ରହିଛି। ଇଓଡବ୍ଲ୍ୟୁ ଏସପି ଦିଲ୍ଲୀପ କୁମାର ତ୍ରିପାଠୀ ଅନୁଯାୟୀ, ଗତ ୨୩ ତାରିଖରେ ଦିଲ୍ଲୀର ସଲ୍ୟୁସନ୍ ବ୍ରଡକାଷ୍ଟ ପ୍ରୋପାଇଟର୍ ଗଗନଦୀପ ସିଂହ ଚାୱ୍ଲା ଅଭିଯୋଗ କରିଥିଲେ। ବାର୍ଷିକ ୮କୋଟି ବ୍ୟବସାୟ ହେଉଥିବା କହି ଅର୍ଦ୍ଧେନ୍ଦୁ ତାଙ୍କଠାରୁ କୋଟିଏ ୪୭ହଜାର ଟଙ୍କାର ବୈଦ୍ୟୁତିକ ଯନ୍ତ୍ରାଂଶ ଆଣିଥିଲେ। ଏ ବାବଦରେ ମାତ୍ର ୧୦ ଲକ୍ଷ ଟଙ୍କା ଦିଆଯାଇଥିବା ବେଳେ ଆହୁରି ୯୨ଲକ୍ଷ ଟଙ୍କା ସେ ଦେଇନାହାନ୍ତି। ତେଣୁ ଏହି ଆଧାରରେ ଠକେଇ ମାମଲା ରୁଜୁ ହୋଇଛି। ସେହିପରି କଟକର ନିଶିତ ଅଗ୍ରୱାଲ ପୁରୀଘାଟ ଥାନାରେ ଶ୍ରୀ ଦାସଙ୍କ ବିରୋଧରେ ଆଉ ଏକ ଅଭିଯୋଗ କରିଛନ୍ତି। ଶ୍ରୀ ଦାସ ତାଙ୍କଠାରୁ ୧୧ ଲକ୍ଷ ଟଙ୍କା ମୂଲ୍ୟର ଆସବାବପତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ କିଣିଥିଲେ। ପରେ୪.୪ ଲକ୍ଷ ଟଙ୍କା ଦେଇଥଲେ। କିନ୍ତୁ ଏପର୍ଯ୍ୟନ୍ତ ଅବଶିଷ୍ଟ ଦେୟ ଦେଇନାହାନ୍ତି। ଏହା ବ୍ୟତୀତ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଘରଭଡ଼ା ବାବଦ ଦେୟ ଅର୍ଦ୍ଧେନ୍ଦୁ ଦାସ ଦେଇ ନ ଥିବା ନେଇ ଘରମାଲିକ ବରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଅର୍ଦ୍ଧେନ୍ଦୁଙ୍କ ଚ୍ୟାନେଲରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀ ଦରମା ପାଇ ନଥିବା ନେଇ ମର୍କତନଗରୀ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଅର୍ଦ୍ଧେନ୍ଦୁ କହିଛନ୍ତି ତାଙ୍କ ଚାନେଲ୍ ସରକାରଙ୍କ ବିରୋଧରେ ଖବର ପ୍ରସାରଣ କରୁଥିବାରୁ ପୁଲିସ ଏଭଳି ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ଘୋଷଯାତ୍ରା ପାଇଁ ପୁରୀରେ ରଥ, ପଥ ପ୍ରସ୍ତୁତ

ପୁରୀ,୩୦/୦୬ (ନି.ପ୍ର): ଆଉ କେଇ ଘଣ୍ଟା ପରେ ରତ୍ନ ସିଂହାସନ ଛାଡି ବଡଦାଣ୍ଡକୁ ଓହ୍ଲାଇ ଆସିବେ ମହାପ୍ରଭୁ । ଭାଇ ଭଉଣୀଙ୍କୁ ସାଙ୍ଗରେ ନେଇ ରଥରେ ବସି ଗୁଣ୍ଡିଚା ମନ୍ଦିରକୁ ଯିବେ । ସକାଳ ୯ଟା.୩୦ରୁ ୧୨ଟା ୩୦ ମଧ୍ୟରେ ହେବ ଶ୍ରୀଜୀଉଙ୍କ ଧାଡ଼ି ପହଣ୍ଡି । ଦିନ ୨ଟାରୁ ୩ଟା ମଧ୍ୟରେ ଛେରାପହଁରା କରିବେ ଗଜପତି । ଅପରାହ୍ନ ୪ଟାରେ ଆରମ୍ଭ ହେବ ରଥଟଣା । ରଥ ପ୍ରସ୍ତୁତ, ପଥ ବି ପ୍ରସ୍ତୁତ । ସିଂହଦ୍ୱାର ସାମ୍ନାରେ ମହାପ୍ରଭୁଙ୍କୁ ଚାହିଁ ରହିଛନ୍ତି ତିନି ରଥ । ରାତି ପାହିଲେ ନୀଳକନ୍ଦରରୁ ବାହାରି



ଜନ୍ମବେଦୀକୁ ନବଦିନାତ୍ମକ ଘୋଷ ଯାତ୍ରାରେ ବାହାରିବେ ଚତୁର୍ଦ୍ଧା ମୂରତୀ । ରତ୍ନବେଦୀ ଛାଡ଼ି ନବଦିନାତ୍ମକ ଯାତ୍ରାରେ, ଜନ୍ମବେଦୀକୁ ଯାତ୍ରା କରିବେ ବିଶ୍ୱନିୟନ୍ତା । ସକାଳେ ଆଜ୍ଞାମାଳ ବିଜେ ହେବା ପରେ ରଥଖଳାରୁ ତିନି ରଥଙ୍କୁ ସିଂହଦ୍ୱାର ଆଗକୁ ଟାଣି ଆଣିଥିଲେ ସେବାୟତ । ନୀତି ଏତେ ସଅଳ ଥିଲା ଯେ ୧୧ଟା ସୁଦ୍ଧା ତିନିରଥ ସିଂହଦ୍ୱାରରେ ଲାଗିଥିଲା । ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡଦାଣ୍ଡ । ଶୁକ୍ରବାର ରଥ ଉପରେ କନକମୁଣ୍ଡିସ୍ଥାପନ ଓ ରଥ ପ୍ରତିଷ୍ଠା ପରେ ଧାଡ଼ି ପହଣ୍ଡିରେ ରଥାରୁଢ଼ ହେବ ଚତୁର୍ଦ୍ଧା ବିଗ୍ରହ । ସକାଳେ ମଙ୍ଗଳଆଳତି, ମଇଲମ ଆଦି ନୀତି ପରେ ୮ଟା ୯ଟା ମଧ୍ୟରେ ହେବ ଗୋପଳ ବଲ୍ଲଭ ଓ ସକାଳଧୂପ । ୯ଟାରେ ରଥପ୍ରତିଷ୍ଠା, ୯ଟା ୧୫ରେ ମଙ୍ଗଳାର୍ପଣ ପରେ ୯ଟା.୩୦ରୁ ୧୨ଟା ୩୦ ମଧ୍ୟରେ ଧାଡ଼ି ପହଣ୍ଡି ଶେଷ ହେବ । ଗଜପତିଙ୍କ ଛେରାପହଁରା ୨ଟାରୁ ୩ଟା ଓ ରଥଟଣା ୪ଟାରେ ଆରମ୍ଭ ହେବ ।

## ରାଜଧାନୀକୁ ଫେରିଲା କୋଭିଡ୍ କଟକଣା

ଭୁବନେଶ୍ୱର,୩୦/୦୬ (ନି.ପ୍ର): ରାଜଧାନୀ ଭୁବନେଶ୍ୱରକୁ ପୁଣି ଫେରିଛି କୋଭିଡ୍ କଟକଣା। ଭୁବନେଶ୍ୱରରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ବିଏମସି ଅଂଚଳରେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରିଛି ଭୁବନେଶ୍ୱର ମହାନଗର ନିଗମ। ଏସମ୍ପର୍କରେ ବିଏମସି ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହିପରି ବିଏମ୍ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଏକ ଭିଡିଓ ବାର୍ତା ଜରିଆରେ କୋଭିଡ୍ କଟକଣାକୁ ପାଳନ କରିବାକୁ ରାଜଧାନୀବାସୀଙ୍କୁ ଅପିଲ୍ କରିଛନ୍ତି। ବିଏମସି ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ ଭୁବନେଶ୍ୱରରେ ରହୁଥିଲେ କିମ୍ବା ବାହାରୁ ଏଠାକୁ ଆସୁଥିଲେ ବାଧତାମୂଳକ ଭାବେ ମାସ୍କ ପରିଧାନ କରିବେ। କରୋନା ସଂକ୍ରମଣ ବଢୁଥିବାରୁ ସର୍ବସାଧାରଣ ସ୍ଥାନରେ ମାସ୍କ ପରିଧାନ ବାଧତାମୂଳକ କରାଯାଇଛି। ମାସ୍କ ପରିଧାନ ସହ ୨ ମିଟର ସାମାଜିକ ଦୂରତ୍ୱ ପାଇଁ ନିର୍ଦ୍ଦେଶ ହୋଇଛି। ସପିଂ ମଲ୍, ଦୋକାନ ଓ ବଜାରରେ ମଧ ମାଲିକମାନେ ସାମାଜିକ ଦୂରତ୍ୱ ରକ୍ଷା ଉପରେ ଯଥେଷ୍ଟ ପ୍ରାଧାନ୍ୟ ଦେବାକୁ କୁହାଯାଇଛି। ସମସ୍ତ ସରକାରୀ ଓ ଘରୋଇ କାର୍ଯ୍ୟାଳୟରେ କରୋନା କଟକଣାକୁ ଗୁରୁତର ସହିତ ନିଆଯିବ। ସେହିପରି ବାହାରେ ଛେପ ନପକାଇବା , ନିୟମିତ ହାତ ଧୋଇବାକୁ ପରାମର୍ଶ ଦେଇଛି ବିଏମସି।

DSPL-90

ଓଡ଼ିଶା ସରକାର

ରଥଯାତ୍ରା-୨୦୨୨ ନିମନ୍ତେ ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା

- ଜ୍ୱର, ଶର୍ଦ୍ଦି, ଅଣ୍ଟାକାଶ ଆଦି ହେଉଥିବା ବ୍ୟକ୍ତି ଆଦୌ ଜନଗହଳି ମଧ୍ୟକୁ ନ ଯାଇ ଘରେ ଟିଭି ମାଧ୍ୟମରେ ରଥଯାତ୍ରା ଦେଖନ୍ତୁ ।
- କୋଭିଡ୍ ନିୟମ ଯଥା : ସଠିକ୍ ଭାବେ ମାସ୍କ ପିନ୍ଧିବା, ହାତକୁ ଭଲଭାବେ ସାବୁନ୍‌ରେ ଧୋଇବା/ସାନିଟାଇଜରରେ ସଫା କରିବା ଆଦି ନିଷ୍ଠାର ସହ ପାଳନ କରନ୍ତୁ ।
- ବିଶୁଦ୍ଧ ପାଣି (ପାଇପ୍ ପାଣି, ସିଝା ପାଣି କିମ୍ବା ହାଲୋଜେନ୍ ବଟିକା ପଡିଥିବା ପାଣି) ପିଅନ୍ତୁ ।
- ବାହାରେ ଖୋଲା ବିକ୍ରି ହେଉଥିବା ଖାଦ୍ୟ, ରଙ୍ଗ ଦିଆ ଖାଦ୍ୟ, ବାସି ଓ ଦୁର୍ଗନ୍ଧ ହେଉଥିବା ଖାଦ୍ୟ, ମାଛି ବସୁଥିବା ଖାଦ୍ୟ କିମ୍ବା ପଚାସଢ଼ା ଫଳ ଖାଆନ୍ତୁ ନାହିଁ ।
- ସମୁଦ୍ର ସ୍ନାନ ସମୟରେ ଯଥେଷ୍ଟ ସତର୍କତା ଅବଲମ୍ବନ କରନ୍ତୁ ।
- ବଡଦାଣ୍ଡ, ଶରଧା ବାଲି, ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ ଓ ସମୁଦ୍ର କୂଳ ଆଦି ସ୍ଥାନରେ ରାଜ୍ୟ ସରକାରଙ୍କ ତରଫରୁ ଆଶୁ ଚିକିତ୍ସା କେନ୍ଦ୍ରମାନ ଖୋଲା ଯାଇଛି । ଦରକାର ହେଲେ ସାହାଯ୍ୟ ନିଅନ୍ତୁ ।
- କୌଣସି ଦୁର୍ଘଟଣା ସମୟରେ ଜରୁରୀ ଖବର ଦେବା ପାଇଁ ଆପଣଙ୍କ ନିକଟ ସମ୍ପର୍କୀୟଙ୍କ ଫୋନ୍ ନମ୍ବର ପାଖରେ ରଖନ୍ତୁ ।



ଜରୁରୀ ସେବା ଫୋନ୍ ନମ୍ବର :
ପୁରୀ ସଦର ହସ୍ପିଟାଲ କଣ୍ଟ୍ରୋଲ ରୁମ୍ : ୦୬୭୫୨-୨୨୨୧୭୫
ରାଜ୍ୟ ସ୍ୱାସ୍ଥ୍ୟ ସେବା ହେଲ୍ପ ଲାଇନ୍ : ୧୦୪

ଆସନ୍ତୁ, ଉପରୋକ୍ତ ସମସ୍ତ ନିୟମ ପାଳନ ପୂର୍ବକ ମହାପ୍ରଭୁଙ୍କ ଘୋଷ ଯାତ୍ରାକୁ ମନଭରି ଉପଭୋଗ କରିବା ।



OIPR : 10003/13/0024/2223

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
http://www.health.odisha.gov.in/
@HFWOdisha

## ଏମସିଏମ କଲେଜରେ ଉଦ୍ଭିଦ ବିଜ୍ଞାନ ବିଭାଗର ବିଦାୟକାଳୀନ ସମ୍ବର୍ଦ୍ଧନା



ବାରିପଦା, ୩୦/୦୬ (ନି.ପ୍ର): ବାରିପଦା ମହାରାଜପୁର ସ୍ଥିତ ମୟୂରଭଂଜ କେଲଜ ଅଫ ଏକାଉନେଟନସି ଏଣ୍ଡ ମେନଜେମେଣ୍ଟର ଉଦ୍ଭିଦ ବିଜ୍ଞାନ ବିଭାଗର ଶେଷ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ବିଦାୟକାଳୀନ ସମ୍ବର୍ଦ୍ଧନା ବିଭାଗୀୟ ମୁଖ୍ୟ ଦେବୀଦତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ଅଧ୍ୟାପିକା ରୂପାମଂଜରୀ ବେହେରା ପ୍ରାରମ୍ଭରେ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବା ସହିତ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ବିଭାଗୀୟ ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ପି.ଜି. ପ୍ରେବଶିକା ପରୀକ୍ଷା ନିମେନ୍ତ ପ୍ରସ୍ତୁତ ରହିବା ପାଇଁ ପରାମର୍ଶ ଦେବା ସହିତ ଛାତ୍ରଛାତ୍ରୀ ମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ମୟୂରଭଂଜ ସାଇନ୍ସ ହାୟାର ସେକଣ୍ଡାରୀ ସ୍କୁଲର ଅଧକ୍ଷା ସଂଘମିତ୍ରା ରାଉତ ମୁଖ୍ୟବକ୍ତା ଭାବେ ଯୋଗେଦଇ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧନା ଜଣାଇ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଦ୍ୱିତୀୟ ବର୍ଷର ଉଦ୍ଭିଦ ବିଜ୍ଞାନ ଛାତ୍ରୀ ଏନ. ବିଜୟଲକ୍ଷ୍ମୀ ଯଶସ୍ୱୀ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ, ଅଧ୍ୟାପିକା ସାଗରୀକା ପଣ୍ଡା, ଦେବଶ୍ରିତା ବିଶ୍ୱାଳ, ଅଭୀପସା ନାୟକ, ମଦନ ମୋହନ ସାହୁ, ସବିତାରାଣି ଦାସ, ସସ୍ମିତା ସି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମୋନ ପୁଷ୍ପଗୁଚ୍ଛ ଓ ଉପହାର ତୃତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ଦେଇ ସମ୍ମାନିତ କରିଥିଲେ । ବିରୁ ଟୁଡୁ, ସୁପ୍ରଭା ମୁର୍ମୁ, ଟଙ୍କଧର ମହାନ୍ତ, ସୁକାନ୍ତି, ରାହୁଲ ପ୍ରମୁଖ ଛାତ୍ରଛାତ୍ରୀ ମାନେ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।

## ବିଭିନ୍ନ ସ୍ଥାନରେ ଗୋପବନ୍ଧୁଙ୍କ ୯୪ତମ ଶ୍ରାଦ୍ଧ ଦିବସ ପାଳିତ

ଜଳେଶ୍ୱର, ୩୦/୦୬ (ନି.ପ୍ର): ଜଳେଶ୍ୱରର ଗୋପବଂଧୁ ସୃତି ସଂସଦ ପକ୍ଷରୁ ବ୍ଲକ ବାଜରଠାରେ ୯୪ତମ ଶ୍ରାଦ୍ଧ ଦିବସ ପାଳିତ ହୋଇ ଯାଇଛି । ଗୋପବଂଧୁ ଦାସ ଜଣେ ସ୍ୱାଧିନତା ସଂଗ୍ରାମୀ, ରାଜନିତିଜ୍ଞ, ଶିକ୍ଷାବିତ୍, ସଂଗଠନ, ଲେଖକ, ନେଅତିକ ମୂଲ୍ୟବୋଧର ଅନ୍ୟତମ ବିନ୍ଧାଣୀ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ଜଳେଶ୍ୱରରେ ଗୋପବଂଧୁ ପ୍ରତିମୂର୍ତ୍ତି ନ ଥିବାରୁ କ୍ଷୋଭ ପ୍ରକାଶ କରି ସମାଜ କାର୍ଯ୍ୟାଳ ପକ୍ଷରୁ ଡ. ପ୍ରଭାସ ଚନ୍ଦ୍ର



ଆଚାର୍ଯ୍ୟ ତାହା ଯୋଗାଇ ଦେବାର ଅଂଗୀକାର କରିଥିବାରୁ ତାଙ୍କୁ କୃତଜ୍ଞତା ଜଣାଯାଇଥିଲା । ଆମ୍ବେଦକର ବିଚାରମଂଚ, ବରିଷ୍ଠ ନାଗରିକ ମଂଚ ସଂସ୍ଥା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଦିଲ୍ଲିପ ଗିରିଙ୍କ ସଭାପତିତ୍ୱରେ ଶିଶିର ହୁଇ, ସିତାଂଶୁ ସେନାପତି, ସମୀର ପାତ୍ର, ଅଶୋକ ଜେନା, ଭାସ୍କର ମିଶ୍ର, ସୁବ୍ରତ ବେରା, ସିଦ୍ଧେଶ୍ୱର ପଣ୍ଡା, ନିରୋଜ ବେହେରା, ଜିତାଂଶୁ ନନ୍ଦି, ସଂଗ୍ରାମ ଜେନା, ଅଜୟ ପଲାଇ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଗଣେଶ ମାଇତି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ଉକ୍ଳମଣି ଗୋପବଂଧୁ ଦାସଙ୍କ ପୂର୍ଣ୍ଣତିଥି ପାଳିତ ହୋଇ ଯାଇଛି । ଏଥିରେ କମଳଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ କପିଳେଶ୍ୱର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଜିର ଯୁବ ସମାଜ ଗୋପବଂଧୁଙ୍କ ଆଦର୍ଶନ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅରୁଣ କୁମାର ବେଜ, ଫାଲଗୁନୀ ପାଣିଗ୍ରାହୀ, ମନୋରଂଜନ ଦାସ, ସୂର୍ଯ୍ୟନାରାୟଣ ମହାପାତ୍ର, ଜଗନ୍ନାଥ ଗୋଛାୟତ, ବାସୁଦେବ ପରିଡା, ଧରିତ୍ରୀରାଣୀ ଦେ, ଲୁପାମୁଦ୍ର ପରିଡା, ସୁଚିସ୍ମିତା ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିବା ବେଳେ ଅଜୟ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଧାନସଭା ଅଧିବେଶନ ପୂର୍ବରୁ ସୁରକ୍ଷା ସ୍ଥିତିର ସମୀକ୍ଷା କଲେ ବରିଷ୍ଠ ପୋଲିସ ଅଧିକାରୀ

ଭୁବନେଶ୍ୱର,୩୦/୦୬ (ନି.ପ୍ର): ଆଗାମୀ ଜୁଲାଇ ମାସ ୨ ତାରିଖରୁ ରାଜ୍ୟ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବା ବେଳେ ରାଜ୍ୟ ପୋଲିସର ବରିଷ୍ଠ ଅଧିକାରୀ ମାନେ ଗୁରୁବାର ଦିନ ବିଧାନସଭାର ସୁରକ୍ଷାର ସ୍ଥିତିକୁ ନୀରିକ୍ଷଣ କରିଛନ୍ତି । ରାଜ୍ୟ ପୋଲିସର ଗୁଇନ୍ଦା ନିର୍ଦ୍ଦେଶକ, ପୁଲିସ କମିସନରଙ୍କ ସମେତ ଭୁବନେଶ୍ୱର ଡିସିପି ଓ ଅନ୍ୟ ବରିଷ୍ଠ ଅଧିକାରୀ ବିଧାନସଭାର ସୁରକ୍ଷା ସ୍ଥିତି ପରଖିଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବିଧାନସଭାରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥାର ରହିବ। ବିଧାନସଭା ଅଧିବେଶନ ଚାଲୁଥିବା ବେଳେ ୧୧ ଜଣ ଏସିପି, ୧୩ ଜଣ ଇନ୍ସପେକ୍ଟର, ୬୨ ଜଣ ବରିଷ୍ଠ ପୁଲିସ ଅଧିକାରୀଙ୍କ ସମେତ ୩୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ।୨ ୟୁନିଟ ଏସଟିୟୁ ଓ ୬ ଜଣ ଅତିରିକ୍ତ ଡିସିପି ମଧ ରହିବେ। ଟ୍ରାଫିକ ଡିସିପି ଟ୍ରାଫିକ ବ୍ୟବସ୍ଥାକୁ ଯାଂଚ କରିବେ। ଏଣେ ଡଗ ସ୍କ୍ୱାଡ୍ ଓ ବମ ସ୍କ୍ୱାଡ୍ ନିୟୋଜିତ ରହିବେ। ଏମାନେ ସମସ୍ତେ ଭୁବନେଶ୍ୱର ଡିସିପି ଙ୍କ ତତ୍ତ୍ୱାବଧାନରେ ରହି କାମ କରିବେ ବୋଲି ସୂଚନା ଦିଆ ଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo